# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 26/2026 | Page 14 | ₹ 7.00

୫୨ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 120 | ମୂଲ୍ୟ ₹୭/-





**ନୂଆ ଜାତୀୟ ରେକର୍ଡ କଲେ ଗୁରିନ୍ଦରବୀର**

ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପୁରୁଷ ୬୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି ରିଲାଏନ୍ସର ଗୁରିନ୍ଦରବୀର ସିଂ । **୧୪**

**୧୩** **ମଡେଲିଂରୁ ଅଭିନୟ**

ଅଭିନେତ୍ରୀ ୟାମି ଗୌତମ ପ୍ରଥମେ ମଡେଲିଂ ଏବଂ ପରେ ଅଭିନୟ ଜଗତରେ ପାଦ ଥାପିଥିଲେ। ୨୦୧୨ରେ ତାଙ୍କୁ ହିନ୍ଦୀ ଫିଲ୍ମ 'ଭିକି ଡୋନର'ରେ ପ୍ରଥମେ ବ୍ରେକ୍ ମିଳିଥିଲା।






ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଘରୋଇ ରନ୍ଧନ ଗ୍ୟାସ ଅଭାବ ଲାଗି ରହିଥିବାବେଳେ ରାଞ୍ଚିର ଏକ ଏଲ୍‌ପିଜି ଏଜେନ୍ସି ବାହାରେ ବୁଧବାର ମହିଳାମାନେ ଖାଲି ସିଲିଣ୍ଡର ରଖି ଖରାରେ ଅପେକ୍ଷା କରି ରହିଛନ୍ତି।

# ରାଜ୍ୟରେ ଦୈନିକ ୪ ହତ୍ୟା, ୮ ବଳାତ୍କାର

**ଶ୍ୱେତପତ୍ର -୨୦୨୫**

**ବିଧାନସଭାରେ ବୁଧବାର ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଗୃହ ବିଭାଗ ପକ୍ଷରୁ ୨୦୨୫ ବର୍ଷ ପାଇଁ ଶ୍ୱେତପତ୍ର ଜାରି କରାଯାଇଛି। ୨୦୨୫ରେ ରାଜ୍ୟରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଆପରାଧିକ ମାମଲା ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୧ଲକ୍ଷ ୫୫ ହଜାର ୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ବା ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଧର୍ତ୍ତବ୍ୟ ଅପରାଧ ତାଲିକାରେ ମୋଟ ୧,୩୦୪ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୧,୨୧୮ ହତ୍ୟା ମାମଲା ସତ୍ୟ ଘଟଣା ଥିଲା ବୋଲି ଜଣାପଡ଼ିଛି। ୨୦୨୫ ଶ୍ୱେତପତ୍ର ରିପୋର୍ଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ଜଣାପଡ଼ିଛି ପ୍ରତିଦିନ ରାଜ୍ୟରେ ପ୍ରାୟ ୪ଜଣ ହତ୍ୟାର ଶିକାର ହେଉଛନ୍ତି। ସେହିପରି ଏହି ବର୍ଷ ରାଜ୍ୟରେ ମୋଟ ୨,୯୯୪ଟି ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨,୯୨୯ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅର୍ଥାତ୍ ଦୈନିକ ୮ଜଣ ରାଜ୍ୟରେ ବଳାତ୍କାରର ଶିକାର ହେଉଥିବା ଗୃହ ବିଭାଗର ତଥ୍ୟ ସୂଚାଉଛି। ସଦ୍ୟ ପ୍ରକାଶିତ ଆପରାଧିକ ତଥ୍ୟ ୨୦୨୪ ଅପେକ୍ଷା ଅଧିକ ବୋଲି ଜଣାପଡ଼ିଛି। ୨୦୨୪ରେ ୧୨୫୮ଟି ହତ୍ୟା ଓ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିଲା। ୨୦୨୪ରେ ୨,୧୪,୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରୁଜୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି।**

ଭୁବନେଶ୍ୱର, ୨୫ ।୩(ସୁନୀତ ମିଶ୍ର)

୨୦୨୪ ଶ୍ୱେତପତ୍ରକୁ ୨୦୨୫ ସହିତ ତୁଳନା କଲେ ପୂର୍ବବର୍ଷ ଅପେକ୍ଷା ମୋଟ ଆପରାଧିକ ମାମଲା ପଞ୍ଜୀକରଣ ସଂଖ୍ୟାରେ ବୃଦ୍ଧି ପାଇଛି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୩୦୪ରେ ପହଞ୍ଚିଛି। ତେବେ ବଳାତ୍କାର ମାମଲା ପୂର୍ବ ବର୍ଷ ଅପେକ୍ଷା କମ୍ ହୋଇଥିବା ଜଣାପଡ଼ିଛି। ପୂର୍ବ ବର୍ଷରେ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିବାବେଳେ ଏବେ ଏହା ୨୯୯୪କୁ ହ୍ରାସ ପାଇଛି। ସେହିପରି ୨୦୨୫ ବର୍ଷରେ ମୋଟ ୩୫୩ଟି ଡକାୟତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୩୪ଟି ମାମଲା ସତ୍ୟ ବୋଲି ଦର୍ଶାଯାଇଥିବାବେଳେ ସେଥିରୁ ୯୧ଟି ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଛି। ୨୪୫ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୧୩୩ଟି ମାମଲାରେ ଚାର୍ଜଶିଟ ଦାଖଲ ହେବା ସମ୍ଭାବନା ରହିଛି। ସେହିପରି ୧୮୦୨ ଲୁଣ୍ଠନ ମାମଲା ରୁଜୁ କରାଯାଇଛି। ସେଥିରୁ ୧,୭୨୧ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ଏହି ଲୁଣ୍ଠନ ଘଟଣା ମଧ୍ୟରୁ ୧୭୩ଟି ବାସସ୍ଥାନରେ, ୨୭୧ଟି ରାସ୍ତାଘାଟରେ, ୧୧ଟି ଟ୍ରେନ୍‌ରେ ୧୬୫ଟି ବାଣିଜ୍ୟ ପ୍ରତିଷ୍ଠାନରେ ଏବଂ ୧୧୩୦ଟି ଅନ୍ୟାନ୍ୟ ସ୍ଥାନରେ ସଙ୍ଗଠିତ ହୋଇଥିଲା। ଅବଶିଷ୍ଟ ୨୧ଟି ଘଟଣାରେ ଅପରାଧ ଘଟିବା ପୂର୍ବରୁ ଅଭିଯୁକ୍ତ ଧରାପଡ଼ିଛନ୍ତି। ଏହି ମାମଲାଗୁଡ଼ିକରେ ୭୭ଜଣ ଆନ୍ତଃରାଜ୍ୟ ଲୁଟେରା ସହ ମୋଟ ୧୭୬୪ଜଣ ଗିରଫ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ଏମାନଙ୍କ ଦ୍ୱାରା ଲୁଟ୍ କରାଯାଇଥିବା ୧୮କୋଟି ୧୪ଲକ୍ଷ ୫୧ହଜାର ୫୨୫ ଟଙ୍କାର ସମ୍ପତ୍ତି ମଧ୍ୟରୁ ମାତ୍ର ୪କୋଟି ୧୨ଲକ୍ଷ ୯୦ହଜାର ୭୭୫ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ରାଜ୍ୟରେ ୨୦୨୫ ବର୍ଷରେ ମୋଟ ୬୨୮୨ଟି ସିନ୍ଧିଚୋରି ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୬,୨୨୦ଟି ଘଟଣା ସତ୍ୟଭିତ୍ତିକ ଥିଲା। ରିପୋର୍ଟ ମୁତାବକ ୧,୪୧୭ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେଥିରୁ ୨୭୪୪ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୬୨୧ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ମାମଲାଗୁଡ଼ିକରେ ୨୬୬୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଦ୍ୱାରା ଚୋରି କରାଯାଇଥିବା ୧୧୮ କୋଟି ଟଙ୍କାର ସମ୍ପତ୍ତି ମଧ୍ୟରୁ ପ୍ରାୟ ସାଢ଼େ ୧୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର ହୋଇଛି। ସେହିପରି ୨୦୨୫ରେ ସମୁଦାୟ ୨୧ହଜାର୧୯୨ଟି ଚୋରି ମାମଲା ପଞ୍ଜୀକରଣ କରାଯାଇଛି। ସେଥିରୁ ୨୦,୪୭୦ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ରିପୋର୍ଟ ମୁତାବକ ବର୍ଷ ଶେଷ ସୁଦ୍ଧା ୮୨୦୭ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୬,୪୨୭ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୨,୪୩୫ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ଚୋରି ମାମଲାଗୁଡ଼ିକରେ ୭,୮୦୭ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେହିପରି ରାଜ୍ୟରେ ମୋଟ ୬୦୫୩ ପ୍ରତାରଣା ମାମଲା ରୁଜୁ ହୋଇଛି। ୨୦୨୫ରେ ସମୁଦାୟ ୧,୦୨୫ ଦଙ୍ଗା ମାମଲା ରାଜ୍ୟରେ ପଞ୍ଜୀକରଣ ହୋଇଥିଲା, ଯେଉଁଥିରୁ ୧୦୮୦ ସତ୍ୟ ଘଟଣା ଭିତ୍ତିକ ଥିଲା ବୋଲି କୁହାଯିବା ସହ ସେଥିରୁ ବର୍ଷ ଶେଷ ସୁଦ୍ଧା ୪୯୮ ମାମଲାରେ ଚାର୍ଜଶିଟ ଦାଖଲ କରାଯାଇଛି। ସେହିବର୍ଷ ରାଜ୍ୟରେ ୧୨,୭୮୨ ମୋଟର ଯାନ ଦୁର୍ଘଟଣା ମାମଲା ☞ପୃଷ୍ଠା-୪

# ନାଲ୍‌କୋ ଡ୍ରାଫ୍ଟ ପଲିସି ଜାଳି ପ୍ରତିବାଦ

**ପୁନର୍ବାସ ଓ ଥଇଥାନ ବୈଠକ ପୂର୍ବରୁ ତାତିଲେ ଲୋକେ**

ଅନୁଗୋଳ,୨୫।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ନାଲ୍‌କୋର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନେଇ ପୁନର୍ବାସ ଓ ଥଇଥାନ ବୈଠକ ଗୁରୁବାର ୨୬ ତାରିଖରେ ସ୍ମେଲଟର ପ୍ଲାଣ୍ଟ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ହେଲେ ଏହା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ଜମି ହରାଇବାକୁ ଥିବା କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ସମସ୍ତ ପ୍ରଜା ଏକଜୁଟ ହୋଇ ବୁଧବାର ପ୍ରତିବାଦ କରିଛନ୍ତି। ନାଲ୍‌କୋ ଡ୍ରାଫ୍ଟ ପଲିସିକୁ ସେମାନେ ବିରୋଧ କରିବା ସହ ତାହାକୁ ନିଆଁ ଲଗାଇ ପୋଡ଼ି ବିରୋଧ ପ୍ରଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଅଭିଯୋଗ କରିଛନ୍ତି, ନାଲ୍‌କୋ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରାଯାଇଥିବାବେଳେ ଏଥିରେ ଜଣେ ହେଲେ ଜମିହରା ପ୍ରଜା ସ୍ଥାୟୀ ନିଯୁକ୍ତି ପାଇବାକୁ ଯୋଗ୍ୟ ହେଉନାହାନ୍ତି। ଗ୍ରାମବାସୀ, ନାଲ୍‌କୋ ଓ ଜିଲା ପ୍ରଶାସନ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପ୍ରତ୍ୟେକ ଜମିହରା ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ନାଲ୍‌କୋ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଉପରୋକ୍ତ ୩ ଗ୍ରାମର ପ୍ରଜାମାନେ ପ୍ରାଥମିକ ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ। ଏହା ପରଠାରୁ ଏଯାବତ ପ୍ରଶାସନ ଅନେକ ସର୍ଭେ କରି ସାରିଥିବାବେଳେ ଲୋକଙ୍କ ହିତରେ କୌଣସି ପଲିସି ପ୍ରଣୟନ କରାଯାଇ ନାହିଁ। ପୁନର୍ବାସ ଓ ଥଇଥାନ ବୈଠକର କିଛି ଘଣ୍ଟା ପୂର୍ବରୁ ଡ୍ରାଫ୍ଟ ପଲିସି ଲୋକମାନଙ୍କୁ ଦିଆଯାଇଛି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଏହାକୁ ଯେପରି ବିରୋଧ କରିବାକୁ ସମୟ ନ ପାଇବେ ସେଥିପାଇଁ ଏପରି କରାଯାଇଛି। ତେବେ ଗୁରୁବାର ହେବାକୁ ଥିବା ପୁନର୍ବାସ ଓ ଥଇଥାନ ବୈଠକକୁ ସାମୂହିକ ଭାବେ ବର୍ଜନ କରାଯିବ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ନିଷ୍ପତ୍ତି କରିଥିବା କହିଛନ୍ତି। ଏଥିସହ ସେମାନେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ନାଲ୍‌କୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର କହିଛନ୍ତି, କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଉକ୍ତ ବୈଠକରେ ଯୋଗଦେଇ ସମସ୍ୟା ସମ୍ପର୍କରେ ମତ ରଖନ୍ତୁ।

# ୧ ଡଲାର= ୯୩.୯୬ ଟଙ୍କା

ମୁମ୍ବାଇ,୨୫।୩(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ବୁଧବାର ୨୦ ପଇସା ହ୍ରାସ ପାଇ ୯୩.୯୬ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୩ ଟଙ୍କା ୯୬ ପଇସା ହୋଇଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ପ୍ରଚୁର ପରିମାଣରେ ଅଂଶଧନ ବିକ୍ରି କରିଦେବା ଏବଂ ପଶ୍ଚିମ ଏସିଆ ଉତ୍ତେଜନା ଲାଗିରହିଥିବାରୁ ନିବେଶକମାନେ ଚିନ୍ତିତ ଅଛନ୍ତି। ଏପରିକି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ, ଡଲାର ଦୁର୍ବଳ ହେବା ଏବଂ ଘରୋଇ ପୁଞ୍ଜିବଜାରରେ ସକାରାତ୍ମକ ଭାବାବେଗ ସତ୍ତ୍ୱେ ସ୍ଥାନୀୟ ଷ୍ଟକ୍ ମାର୍କେଟକୁ କୌଣସି ନିସ୍ତାର ମିଳିପାରୁ ନାହିଁ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୯୪ ରହିଥିବାବେଳେ ପରେ ଏହା ୯୩.୮୬ରୁ ୯୪.୧୩ ମଧ୍ୟରେ ଅସ୍ଥିର ରହି କାରବାର ଶେଷ ସୁଦ୍ଧା ସର୍ବକାଳୀନ ନିମ୍ନସ୍ତର ୯୩.୯୬ରେ ପହଞ୍ଚିଥିଲା, ଯାହାକି ପୂର୍ବ ଦିନର କାରବାର ଶେଷ ସୁଦ୍ଧା ମୂଲ୍ୟଠାରୁ ୨୦ ପଇସା କମ୍। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୩ ପଇସା ହ୍ରାସ ପାଇ ୯୩.୭୬ ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ବୁଧବାର ଅନୁଷ୍ଠିତ ମହିଳା ହାଇଜମ୍ପ ଇଭେଣ୍ଟରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ। **(ଫଟୋ: ବିକାଶ ନାୟକ)**

# 'ନାଭିକ୍' ସଙ୍କଟ: ଭାରତର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ

**ଭାରତର ନିଜସ୍ୱ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ ବା ଦେଶୀ ଜିପିଏସ୍ 'ନାଭିକ୍' (ନାଭିଗେଶନ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ) ଡାଉନ୍ ହୋଇଯାଇଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଦେଶର ସାମରିକ ଓ ରଣନୈତିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଷୟିକ ତ୍ରୁଟି କାରଣରୁ ଭାରତ ବର୍ତ୍ତମାନ ଏହି ସିଷ୍ଟମ୍‌କୁ ସୁରକ୍ଷା କାର୍ଯ୍ୟରେ ବ୍ୟବହାର କରିବାକୁ ଅସମର୍ଥ। ସାଧାରଣ ଲୋକଙ୍କ ପାଇଁ ଥିବା ସିଗ୍‌ନାଲ ତୁଳନାରେ ସେନା ପାଇଁ ଥିବା ସିଗ୍‌ନାଲ ୧୦ ଗୁଣ ଅଧିକ ଠିକ୍ ହୋଇଥାଏ, ଯାହା ଏବେ ବାଧାପ୍ରାପ୍ତ ହୋଇଛି।**



ନୂଆଦିଲ୍ଲୀ, ୨୫।୩ (ପି.ଟି.)

'ନାଭିକ୍'ର ୪ଟି ସାଟେଲାଇଟ୍ ମଧ୍ୟରୁ ଗତ ମାର୍ଚ୍ଚ ୧୦ ତାରିଖରେ 'ଇଣ୍ଡିଆନ୍ ରିଜିଓନାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଆଇଆର୍‌ଏନ୍‌ଏସ୍‌ଏସ୍)-୧ଏଫ୍'ର ପରମାଣୁ ଘଣ୍ଟା (ଆଟମିକ୍ କ୍ଲକ୍) ଅଚଳ ହୋଇଯାଇଛି। କୌଣସି ବି ନାଭିଗେଶନ ସିଷ୍ଟମ୍ ଠିକ୍ ଭାବେ କାମ କରିବା ପାଇଁ ଅତିକମ୍‌ରେ ୪ଟି ସକ୍ରିୟ ସାଟେଲାଇଟ୍ ଆବଶ୍ୟକ ହେଉଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଖସି ଆସିଛି। ଫଳରେ 'ପୋଜିସନ, ନାଭିଗେଶନ ଏବଂ ଟାଇମିଂ' (ପିଏନ୍‌ଟି) ସେବା ବାଧାପ୍ରାପ୍ତ ହୋଇଛି। ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ଅନନ୍ୟା ରାୟ କହିଛନ୍ତି, ଯୁଦ୍ଧ ସମୟରେ ଅନ୍ୟ ଦେଶର ନାଭିଗେଶନ ସିଷ୍ଟମ (ଯେପରିକି ଆମେରିକାର ଜିପିଏସ୍) ଉପରେ ନିର୍ଭର କରିବା ଭୟଙ୍କର ହୋଇପାରେ। ଯଦି ଯୁଦ୍ଧ ସମୟରେ ଅନ୍ୟର ସିଷ୍ଟମ୍ ବ୍ୟବହାର କରାଯାଏ, ତେବେ ସେମାନେ ସିଗ୍‌ନାଲରେ ତ୍ରୁଟି ସୃଷ୍ଟି କରିପାରନ୍ତି କିମ୍ବା ଭୁଲ୍ ସ୍ଥାନର ସୂଚନା ଦେଇ ବିଭ୍ରାନ୍ତ କରିପାରନ୍ତି। ୧୯୯୯ କାର୍ଗିଲ ଯୁଦ୍ଧ ସମୟରେ ଆମେରିକା ଜିପିଏସ୍ ଡାଟା ଦେବାକୁ ମନା କରିବା ପରେ ହିଁ ଭାରତ 'ନାଭିକ୍'ର ବିକାଶ ଆରମ୍ଭ କରିଥିଲା ବୋଲି ରାୟ କହିଛନ୍ତି।

ସୂଚନାନୁଯାୟୀ, ଭାରତ ୨୦୧୩ରୁ ୨୦୧୮ ମଧ୍ୟରେ ପ୍ରଥମ ପିଢ଼ିର (ଆଇଆର୍‌ଏନ୍‌ଏସ୍‌ଏସ୍) ସାଟେଲାଇଟ୍ ଲଞ୍ଚ୍ କରିଥିଲା। କିନ୍ତୁ ଏହାର ଆଟମିକ୍ କ୍ଲକ୍‌ଗୁଡ଼ିକ ବାରମ୍ବାର ଖରାପ ହେବା ଫଳରେ ସମସ୍ୟା ବଢ଼ିଲା। ୨୦୧୭ 'ଆଇଆର୍‌ଏନ୍‌ଏସ୍‌ଏସ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅହିଂସା ଓ ଅସ୍ପୃଶ୍ୟତା**

# ସରିଲା ଚଳନ୍ତି ରତ୍ନଭଣ୍ଡାର ଗଣତି

**୪୮ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ**

ପୁରୀ,୨୫।୩ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ୪୮ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ରତ୍ନଭଣ୍ଡାରର ଗଣତି ଶେଷ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ବୁଧବାର ଅମୃତବେଳା ସମୟରେ ରତ୍ନଭଣ୍ଡାର ଗଣତି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆରମ୍ଭ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।



> 'ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣନ୍ତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ।'
>
> **- ଡ. ଅରବିନ୍ଦ ପାଢ଼ୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅଧିକୃତ ଅଧିକାରୀ, ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକ ପରେ ସମସ୍ତ ସଦସ୍ୟ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ସିଂହଦ୍ୱାରଠାରେ ଜଷ୍ଟିସ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅଧିକାରୀଙ୍କ ସହ ସୁପରଭାଇଜର୍ ଟିମ୍ ଓ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ମୁଣ୍ଡିଆ ମାରିଥିଲେ। ଶ୍ରୀମନ୍ଦିର ପରିସରକୁ ଯାଇ ପାରମ୍ପରିକ ପୋଷାକ ପିନ୍ଧି ପୂର୍ବ ନିର୍ଦ୍ଧାରିତ ଅମୃତବେଳା ମଧ୍ୟାହ୍ନ ୧୨ଟା ୯ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି କାର୍ଯ୍ୟ ☞ପୃଷ୍ଠା-୪

**ଆକବର ରୋଡ୍ କଂଗ୍ରେସ ଅଫିସ୍ ଖାଲି କରିବାକୁ ନୋଟିସ**

ଦୀର୍ଘ ୪୮ ବର୍ଷ ଧରି ଦିଲ୍ଲୀର ୨୪, ଆକବର ରୋଡ୍‌ରେ ଥିବା କଂଗ୍ରେସ ଅଫିସ୍ ସମେତ ରାଇସିନା ରୋଡ୍‌ରେ ଥିବା ଯୁବ କଂଗ୍ରେସ କାର୍ଯ୍ୟାଳୟ ଶନିବାର ସୁଦ୍ଧା ଖାଲି କରିବାକୁ କେନ୍ଦ୍ର ସରକାର ନୋଟିସ ଜାରି କରିଛନ୍ତି। କୋଟ୍‌ଲା ରୋଡ୍‌ସ୍ଥିତ ନବନିର୍ମିତ ଇନ୍ଦିରା ଭବନରେ କଂଗ୍ରେସ ନିଜର କାର୍ଯ୍ୟାଳୟ ଖୋଲି ସାରିଥିଲାବେଳେ ଏବେ ଏହି ୨ ଅଫିସ୍ ଖାଲି କରିବା ଉଚିତ ବୋଲି ଇଷ୍ଟେଟ୍ ବିଭାଗ ଉକ୍ତ ନୋଟିସରେ ସୂଚାଇଛି।



ଦେଶରେ ଏଲ୍‌ପିଜି ସଙ୍କଟକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଡିଏମ୍‌କେ ଏମ୍‌ପି ଥାମିଝାଚି ଥାଙ୍ଗାପାଣ୍ଡିଆନ୍, ଏନ୍‌ସିପି(ଏସ୍‌ପି) ସଦସ୍ୟ ସୁପ୍ରିୟା ସୁଲେ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ବୁଧବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି

**■ଆମେ ପାକିସ୍ତାନ ଭଳି ଦଲାଲ ରାଷ୍ଟ୍ର ନୋହୁଁ**
**■ସର୍ବଦଳୀୟ ବୈଠକରେ କହିଲେ ସରକାର**

ନୂଆଦିଲ୍ଲୀ,୨୫।୩(ପି.ଟି.)

ଭାରତରେ ଶକ୍ତି ନିରାପତ୍ତା ବଜାୟ ରହିଛି ଓ ଅଧିକ ସଂଖ୍ୟାରେ ଜାହାଜରେ ଇନ୍ଧନ ଆସୁଥିବା କେନ୍ଦ୍ର ସରକାର ବୁଧବାର ସବୁ ଦଳର ନେତାଙ୍କୁ ଅବଗତ କରାଇଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଯୋଗ ଦେଇଥିବାବେଳେ ସେମାନେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବିରୋଧୀ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ସରକାର ଯାହା ନିଷ୍ପତ୍ତି ନେବେ, ସମସ୍ତେ ମିଳିତ ଭାବେ ତାହାକୁ ସମର୍ଥନ କରିବେ ବୋଲି କହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୂଚନା ଦେଇଛନ୍ତି।

ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହୋଇଥିଲେ। ଏହି ଯୁଦ୍ଧ ପ୍ରତ୍ୟେକଙ୍କୁ କ୍ଷତି ପହଞ୍ଚାଉଥିବାରୁ ଏହାର ତୁରନ୍ତ ଅବସାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ଜଣାଇଥିଲେ। ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିବାକୁ ପାକିସ୍ତାନ ଉଦ୍ୟମ ଚଳାଇବାରେ କିଛି ନୂତନତ୍ୱ ନାହିଁ। ୧୯୮୧ରୁ ଏହି ଦେଶ ଆମେରିକା ଦ୍ୱାରା ବ୍ୟବହୃତ ହୋଇଆସୁଛି। ଆମେ ଦଲାଲ ରାଷ୍ଟ୍ର ନୋହୁଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସର୍ବଦଳୀୟ ବୈଠକରେ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତି ଉପରେ ଭାରତ ନୀରବ ରହିଥିବା ବିରୋଧୀ ଅଭିଯୋଗ କରିବାରୁ ସରକାର ଏହାକୁ ଖଣ୍ଡନ କରିଥିଲେ। ଆମେ ମନ୍ତବ୍ୟ ଓ ଜବାବ ଦେଉଛୁ। ଇରାନ ଦୂତାବାସ ଖୋଲିବା ମାତ୍ରେ ବହିର୍ବ୍ୟାପାର ସଚିବ ତୁରନ୍ତ ସେଠାକୁ ଯାଇ ସମବେଦନା ପୁସ୍ତକରେ ସ୍ୱାକ୍ଷର କରିଥିଲେ ବୋଲି ସରକାର ବୈଠକରେ କହିଛନ୍ତି। ଭାରତ ଅସୁବିଧାଜନକ ସ୍ଥିତିରେ ନୁହେଁ, ଭୂରାଜନୀତିରେ ଶୀର୍ଷସ୍ଥାନରେ ରହିଛି। ତେଣୁ ବିବ୍ରତ କିମ୍ବା ଭୟଭୀତ ହେବା ଆବଶ୍ୟକ ନାହିଁ। ବିରୋଧୀଙ୍କ ସହ ସବୁ ସମୟରେ ଆଲୋଚନା ପାଇଁ ଦ୍ୱାର ଖୋଲା ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଯୁଦ୍ଧ ବନ୍ଦ ଆଶା କ୍ଷୀଣ

## ଆମେରିକାର ପ୍ରସ୍ତାବକୁ ଇରାନ୍‌ର ପ୍ରତ୍ୟାଖ୍ୟାନ

**ଇରାନ୍- ଆମେରିକା ଯୁଦ୍ଧ ବୁଧବାର ସୁଦ୍ଧା ୨୬ ଦିନ ଅତିକ୍ରମ କରିଛି। ଯୁଦ୍ଧ ଯୋଗୁ ସମଗ୍ର ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିଲାବେଳେ ଇନ୍ଧନ ସମସ୍ୟାକୁ ନେଇ ସାରା ବିଶ୍ୱ ଘୋର ବିପଦ ଆଡ଼କୁ ମୁହାଁଇଛି। ଯୁଦ୍ଧ ବନ୍ଦକରି ସ୍ଥିତି ସ୍ୱାଭାବିକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନ ଭଳି କେତେକ ରାଷ୍ଟ୍ର ଉଦ୍ୟମ କରୁଥିଲେ ହେଁ ଆମେରିକା ଓ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଯୁଦ୍ଧ ବନ୍ଦ ହେବା ଆଶା କ୍ଷୀଣ ହେବାରେ ଲାଗିଛି। ବୁଝାମଣା ପାଇଁ ଆମେରିକା ୧୫ ଦଫା ସର୍ତ୍ତ ଜାରି କରିଥିଲାବେଳେ ଇରାନ୍ ଏହାକୁ ପ୍ରତ୍ୟାଖ୍ୟାନ କରି ନିଜର ୫ ସର୍ତ୍ତ ରଖିଛି। ଆମେରିକା ନୁହେଁ, ଇରାନ୍ ନିଜ ସର୍ତ୍ତ ଅନୁସାରେ ହିଁ ଯୁଦ୍ଧ ବନ୍ଦ କରିବ ବୋଲି ଧମକ ଦେଇଛି।**

ୱାଶିଂଟନ୍/ତେହରାନ୍ ,୨୫।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ ଦିନ ତଳେ ଇରାନ୍ ସହ ବୁଝାମଣା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର କୌଣସି ସୁଫଳ ମିଳିପାରି ନାହିଁ। କାରଣ ଟ୍ରମ୍ପ୍‌ଙ୍କ ୫ ଦିନିଆ ଯୁଦ୍ଧ ବିରତି ସତ୍ତ୍ୱେ ଆକ୍ରମଣ-ପ୍ରତ୍ୟାକ୍ରମଣ କମି ନାହିଁ। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜାରି ରହିଥିଲାବେଳେ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡିକ ଉପରେ ଇରାନ୍‌ର ଆକ୍ରମଣ ଆହୁରି ଜୋର୍‌ଦାର ହୋଇଛି। ଏହାମଧ୍ୟରେ ଇସ୍‌ଲାମାବାଦରେ ଇରାନ୍ ଓ ଆମେରିକା ମଧ୍ୟରେ ଆଲୋଚନା କରିବାକୁ ଉଦ୍ୟମ କରାଯାଇ ଆମେରିକା ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ୧୫ ଦଫା ସମ୍ବଳିତ ସର୍ତ୍ତ ଜାରି କରି ଯୁଦ୍ଧ ବିରତି ପ୍ରସ୍ତାବ ଦେଇଛି। କିନ୍ତୁ ଇରାନ୍ ଆମେରିକାର ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି। ନିଜ ପୂର୍ବ ସ୍ଥିତିକୁ ଜାହିର କରି ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଆଲୋଚନା ହୋଇନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ଯୁଦ୍ଧ ବନ୍ଦ ନିଷ୍ପତ୍ତି ଆମେରିକା ନୁହେଁ, ଇରାନ୍ ନିଜ ସର୍ତ୍ତ ଅନୁସାରେ ନେବ ବୋଲି ବୁଧବାର ଧମକ ଦେଇଛି। ପାକିସ୍ତାନରେ ଅବସ୍ଥାପିତ ଇରାନ୍ ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଏହି ଟିପ୍ପଣୀ ଦେବା ସହ ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, କେତେକ ମିତ୍ର ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା କରାଇବାକୁ ଉଦ୍ୟମ କରୁଛନ୍ତି। ହେଲେ ଆମେରିକା ଯେଉଁ ସ୍ଥିତିରେ ଇରାନ୍ ଉପରେ ଆକ୍ରମଣ କଲା ତାହାକୁ ବୁଝିବା ଦରକାର। ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିଲାବେଳେ ଆମେରିକା ଇରାନ୍ ଉପରେ ଆକ୍ରମଣ କରିଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯେଭଳି ସ୍ଥିତି ଉପୁଜିଛି ତାହା କେବଳ ଆମେରିକାର ବିଶ୍ୱାସଘାତକୁ ସୂଚାଉଛି ବୋଲି ରେଜା ଅମିରି କହିଛନ୍ତି। ସବୁଠୁ ବଡ଼ କଥା ହେଲା, ଆମେରିକା ପକ୍ଷରୁ ଇରାନ୍‌କୁ ୧୫ ଦଫା ଦାବିପତ୍ର ଦିଆଯିବା ପରେ ଇରାନ୍ ମଧ୍ୟ ନିଜର ୫ ସର୍ତ୍ତ ଆମେରିକା ନିକଟରେ ରଖିଛି; ଯାହାକି ଏକଦମ୍ ବିପରୀତମୁଖୀ ଏବଂ ସେଗୁଡିକୁ ଟ୍ରମ୍ପ୍ ପ୍ରଶାସନ କଦାପି ମାନିବାକୁ ପ୍ରସ୍ତୁତ ନାହିଁ ବୋଲି ସୂଚନା ମିଳିଛି। କେବଳ ଆମେରିକା ନୁହେଁ, ଇରାନ୍‌ର ଦାବିକୁ ଇସ୍ରାଏଲ ମଧ୍ୟ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବା ନେଇ ସନ୍ଦେହ ବଢିବାରେ ଲାଗିଛି।


ଇସ୍‌ଲାମାବାଦଠାରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ସହ ଇରାନର ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଆଲୋଚନା କରୁଛନ୍ତି।

### କ'ଣ ରହିଛି ଆମେରିକାର ସର୍ତ୍ତ

ତୁରନ୍ତ ବୁଝାମଣା କରି ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମାଧ୍ୟମରେ ଆମେରିକା ବୁଧବାର ଇରାନ୍‌କୁ ଦେଇଥିବା ୧୫ ଦଫା ସର୍ତ୍ତାବଳୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। ତେବେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଇରାନ୍ ନିଜର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଆମେରିକା ଗୁରୁତ୍ୱାରୋପ କରିଛି। ଇରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଏହାକୁ ଅନ୍ତର୍ଜାତୀୟ ଆଣବିକ ଶକ୍ତି ଏଜେନ୍ସି(ଆଇଏଇଏ)କୁ ହସ୍ତାନ୍ତର କରି ନିୟମିତ ଭାବେ ଆଇଏଇଏକୁ ତଦାରଖ ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ଆମେରିକା କହିଛି। ସେହିପରି ବାଲିଷ୍ଟିକ୍ ମିଶାଇଲ ଉତ୍ପାଦନ ମଧ୍ୟ ବନ୍ଦ କରି ଏହାର ଉତ୍ପାଦନ ସୀମିତ ରଖିବାକୁ ଆମେରିକା ସର୍ତ୍ତ ରଖିଛି। ଏଥିସହ ଏନର୍ଜି କରିଡର ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରି ସ୍ୱାଭାବିକ କରିବା ଏବଂ ଆଞ୍ଚଳିକ ସ୍ତରରେ କଠୋରବାଦୀ ସଂଗଠନଗୁଡ଼ିକୁ ଇରାନ୍ ସହାୟତା ବନ୍ଦ କରିବାକୁ ଆମେରିକା ସର୍ତ୍ତ ରଖିଛି।

**ଇରାନ୍‌ର ୫ ସର୍ତ୍ତ**

୧. ଉପସାଗରୀୟ ଅଞ୍ଚଳରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟି ବନ୍ଦ
୨. ଇରାନ୍ ଉପରୁ ଆର୍ଥିକ କଟକଣା ପ୍ରତ୍ୟାହାର ସହ ଯୁଦ୍ଧ ପାଇଁ କ୍ଷତିପୂରଣ
୩. ପୁଣି ଆକ୍ରମଣ ନ ହେବାକୁ ନିଶ୍ଚିତ କରିବା ସହ ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ନିୟମ ଆଣି ଟ୍ରାନ୍‌ଜିଟ୍ ଫି ଲାଗୁ
୪. କୌଣସି ସୀମା ଏବଂ ବୁଝାମଣା ବିନା ଇରାନ୍‌ର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ ଅନୁମତି
୫.ହିଜ୍‌ବୁଲ୍ଲା ସମେତ ଇରାନ୍‌ର ଅନ୍ୟ ସହଯୋଗୀ କଠୋରବାଦୀ ସଂଗଠନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ।

## ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ ,୨୫।୩

ବିଶ୍ୱର ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ସବୁଠୁ ଆଗରେ ରହିଛନ୍ତି। ଗତ ବର୍ଷ ତୁଳନାରେ ତାଙ୍କର ଲୋକପ୍ରିୟତା ହ୍ରାସ ପାଇଥିଲେ ମଧ୍ୟ ଚଳିତ ବର୍ଷ ବିଶ୍ୱ ନେତାଙ୍କ ମଧ୍ୟରେ ତାଙ୍କ ସ୍ଥାନ ୧ ନମ୍ବରରେ ରହିଛି। ଆମେରିକାର ମର୍ନିଂ କନ୍‌ସଲ୍ଟ ସଂସ୍ଥା ରିପୋର୍ଟ ଅନୁସାରେ ଗତ ବର୍ଷ ମୋଦିଙ୍କ ଲୋକପ୍ରିୟତା ହାର ୭୫ ପ୍ରତିଶତ ରହିଥିଲାବେଳେ ସେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଥମ ସ୍ଥାନରେ ରହିଥିଲେ। ଚଳିତବର୍ଷ ଏହି ହାର ୬୮ ପ୍ରତିଶତକୁ ହ୍ରାସ ପାଇଛି। ଏହାସତ୍ତ୍ୱେ ସେ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱସ୍ତରରେ ୬୮ ପ୍ରତିଶତ ଲୋକ ମୋଦିଙ୍କ ପ୍ରତି ସମର୍ଥନ ଜଣାଇଥିଲାବେଳେ ୨୬ ପ୍ରତିଶତ ଲୋକ ତାଙ୍କ ବିରୋଧରେ ମତ ଦେଇଛନ୍ତି। ଅନ୍ୟ ୬ ପ୍ରତିଶତ ଲୋକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ମୋଦିଙ୍କ ପଛରେ ଦ୍ୱିତୀୟ ଲୋକପ୍ରିୟ ନେତା ଭାବେ ସୁଇଜରଲାଣ୍ଡର ଗେ ପାର୍ମେଲିନ୍ ରହିଛନ୍ତି। ତାଙ୍କ ପ୍ରତି ୬୨ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତି ୩୯ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିଲାବେଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି.ଜେ. ମ୍ୟୁଙ୍ଗଙ୍କ ପ୍ରତି ସମର୍ଥନ ୩୦ ପ୍ରତିଶତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଟ୍ରମ୍ପ୍‌ଙ୍କ ବିରୋଧରେ ୫୫ ପ୍ରତିଶତ ଲୋକ ମତ ଦେଇଛନ୍ତି। ଅନ୍ୟପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ପ୍ରତି ୫୫ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିବାବେଳେ ସେ ଏହି ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁଙ୍କ ପ୍ରତି ମାତ୍ର ୧୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି।

## ଗୁଜରାଟ ବିଧାନସଭାରେ ସମାନ ନାଗରିକ ସଂହିତା ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୫।୩

ଗୁଜରାଟ ବିଧାନସଭାରେ ବୁଧବାର ସମାନ ନାଗରିକ ସଂହିତା (ୟୁସିସି) ବିଲ୍, ୨୦୨୬ ଗୃହୀତ ହୋଇଛି। ଏହି ବିଲ୍ ଗୃହୀତ କରାଇବାରେ ଉତ୍ତରାଖଣ୍ଡ ପରେ ଗୁଜରାଟ ଭାରତର ଦ୍ୱିତୀୟ ରାଜ୍ୟ। ବିଲ୍ ଗୃହୀତ ହୋଇଥିବାରୁ ରାଜ୍ୟରେ ସବୁ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ପୋଷ୍ୟଗ୍ରହଣ ସମ୍ପର୍କିତ ସମାନ ଆଇନ ଲାଗୁ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁଜରାଟ ସରକାରଙ୍କ ପଦକ୍ଷେପକୁ ଐତିହାସିକ କହି ସ୍ୱାଗତ କରିଛନ୍ତି। ଭାଜପା ଆରମ୍ଭରୁ ଦେଶର ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଚଳନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ସରକାରମାନେ ଏଦିଗରେ ପଦକ୍ଷେପ ନେଉଥିବା ଶାହା କହିଛନ୍ତି।

## ଅଗ୍ନିବୀରଙ୍କ ପାଇଁ ୨୦% ନିଯୁକ୍ତି ସଂରକ୍ଷିତ ରଖ

**ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର**

ହମିରପୁର,୨୫।୩

ଆସନ୍ତା ବର୍ଷ ୪ ବର୍ଷିଆ ନିଯୁକ୍ତି ଅବଧି ଶେଷ କରିବାକୁ ଯାଉଥିବା ଅଗ୍ନିବୀରଙ୍କ ପାଇଁ ପୁନର୍ବାସନ ନୀତି ଅନୁଯାୟୀ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷିତ ରଖିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମସ୍ତ ରାଜ୍ୟକୁ ପତ୍ର ଲେଖି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧନ କରି ଚିଠି ଲେଖାଯାଇଥିବା ସୈନିକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବ୍ରିଗେଡିଅର ମଦନଶୀଲ ଶର୍ମା କହିଛନ୍ତି। ବନରକ୍ଷୀ, ଖଣି ସୁରକ୍ଷା କର୍ମୀ, ପୋଲିସ କନଷ୍ଟେବଲ୍, ଅଗ୍ନିଶମ କର୍ମଚାରୀ, ଅଶ୍ୱାରୋହୀ ପୋଲିସ, ଜେଲ୍ ୱାର୍ଡେନ୍, ସ୍ୱତନ୍ତ୍ର ପୋଲିସ ଅଫିସର ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳରେ ୨୦% ନିଯୁକ୍ତି ସଂରକ୍ଷଣ ରଖିବାକୁ କୁହାଯାଇଛି। ହରିୟାଣା ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଲାଗୁ କରିଥିବାବେଳେ ଉତ୍ତରାଖଣ୍ଡ ମଧ୍ୟ ସେମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛି।

## ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼



ତେହରାନ୍ ,୨୫।୩

ଇରାନ ଯୁଦ୍ଧ ୨୬ ଦିନରେ ପହଞ୍ଚିଥିଲାବେଳେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ବୁଧବାର ଇରାନ୍ ନୌସେନା ଆରବ ସାଗରରେ ମୁତୟନ ହୋଇଥିବା ଆମେରିକୀୟ ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ୍ ନୌସେନା କୋଷ୍ଟାଲ କ୍ରୁଜ୍ ମିଶାଇଲ ମାଡ଼ କରିଥିବା ରିଅର୍ ଆଡ୍‌ମିରାଲ ସାହାରାମ୍ ଇରାନୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆବ୍ରାହମ୍ ଲିଙ୍କନ୍‌ର ଗତିବିଧି ଉପରେ ଇରାନ୍ ସେନା ନଜର ରଖିଛି। ଯଦି ଏହି ଯୁଦ୍ଧଜାହାଜ ନିର୍ଦ୍ଦିଷ୍ଟ ଜଳସୀମା ଅତିକ୍ରମ କରି ଆଗକୁ ଆସେ ତେବେ ଜୋର୍‌ଦାର ଆକ୍ରମଣ କରାଯିବ। ଆମେରିକାର ଅନ୍ୟତମ ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ୨୨୦୦ ମେରିନ୍‌ଙ୍କୁ ନେଇ ଇରାନ ଉପକୂଳ ନିକଟବର୍ତ୍ତୀ ହୋଇଥିବା କୁହାଯାଉଛି। ଆବଶ୍ୟକ ପଡ଼ିଲେ ଆମେରିକା ସେମାନଙ୍କୁ ସ୍ଥଳଭାଗରେ ପ୍ରବେଶ କରିବାକୁ ଅନୁମତି ଦେଇପାରେ। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବାକୁ ଆମେରିକା ଏହି ପଦକ୍ଷେପ ନେଇପାରେ ବୋଲି କୁହାଯାଉଥିବାବେଳେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ବଢିଛି।

## ପାକିସ୍ତାନ ଯାଉଥିବା ଜାହାଜକୁ ଅନୁମତି ଦେଲାନି ଇରାନ୍

ତେହରାନ୍ ,୨୫।୩

ଆମେରିକା ଓ ଇରାନ୍ ମଧ୍ୟରେ ବୁଝାମଣା କରାଇବାକୁ ପାକିସ୍ତାନ ମଧ୍ୟସ୍ଥତା କରିବାକୁ ଆଗଭର ହୋଇଛି। ଏପରିକି ଇସ୍‌ଲାମାବାଦରେ ଦୁଇ ପକ୍ଷଙ୍କ ମଧ୍ୟରେ ବୈଠକ କରାଇବାକୁ ପାକିସ୍ତାନ ପ୍ରସ୍ତାବ ଦେଇଛି। ହେଲେ ପାକିସ୍ତାନ ଯାଉଥିବା ଏକ ଜାହାଜକୁ ଇରାନ୍ ମଙ୍ଗଳବାର ଫେରାଇ ଦେବା ଘଟଣା ପାକିସ୍ତାନର ମୁରବୀପଣିଆକୁ ନେଇ ପ୍ରଶ୍ନ ଉଠାଇଛି। କରାଚୀ ଅଭିମୁଖେ ଯାଉଥିବା ଜାହାଜ 'ସେଲେନ୍' ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାବେଳେ ଏହାକୁ ଇରାନ୍‌ର ଆଇଆର୍‌ଜିସି ଆଗକୁ ଯିବାକୁ ଅନୁମତି ଦେଇ ନ ଥିଲା। ଆଇନଗତ ଅନୁମତି ନ ଥିବାରୁ ଜାହାଜଟିକୁ ହର୍ମୁଜ୍ ଷ୍ଟ୍ରେଟ୍ ଠାରୁ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଆଇଆର୍‌ଜିସି କମାଣ୍ଡର 'X'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

## ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ

ସିଙ୍ଗାପୁର,୨୫।୩(ପି.ଟି.)

ଭାରତୀୟ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ। ଏଥିରେ କୌଣସି ଆପରାଧିକ ଷଡ଼ଯନ୍ତ୍ର କରାଯାଇ ନ ଥିବା ସିଙ୍ଗାପୁର ପୋଲିସ ତଟସୁରକ୍ଷା ବାହିନୀ (ପିସିଜି) ପ୍ରକାଶ କରିଥିବାବେଳେ ଦେଶର ଅପମୃତ୍ୟୁ ତଦନ୍ତକାରୀ ଅଧିକାରୀ ଆଦାମ ନଖୋଦା ଏହାକୁ କାଏମ୍ ରଖିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏକ ଦ୍ୱୀପ ନିକଟରେ ଦୁର୍ଘଟଣାବଶତଃ ବୁଡ଼ିଯାଇ ଜୁବିନ୍ ପ୍ରାଣ ହରାଇଥିଲେ ବୋଲି ସେ କହିଛନ୍ତି। ମୃତ୍ୟୁ ପଛରେ କୌଣସି ଆପରାଧିକ କାର୍ଯ୍ୟର



ପ୍ରମାଣ ନାହିଁ ବୋଲି ପିସିଜି ରିପୋର୍ଟକୁ ନେଇ ଜୁବିନ୍‌ଙ୍କ ସ୍ତ୍ରୀ ଚିନ୍ତାବ୍ୟକ୍ତ କରିଥିଲେ। ପିସିବି ମାମଲାର ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲା। ଜୁବିନ୍‌ଙ୍କୁ କେହି ବଳ ପ୍ରୟୋଗ କରି ନ ଥିଲେ କିମ୍ବା ପାଣିକୁ ଠେଲିଦେଇ ନ ଥିଲେ ବୋଲି ଆଦାମ କହିଛନ୍ତି।

## ୩୨ ସଂଶୋଧନ ସହ ଅର୍ଥ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୫।୩(ପି.ଟି.)

ଅର୍ଥ ବିଲ୍, ୨୦୨୬ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ବିଶ୍ୱାସ ଆଧାରିତ ଟିକସ ବ୍ୟବସ୍ଥା, ଜୀବନ ଧାରଣ ମାନରେ ଉନ୍ନତି ଏବଂ ଅଧିକ ବ୍ୟବସାୟ ଅନୁକୂଳ ପରିବେଶକୁ କେନ୍ଦ୍ରିତ କରି ନୀତି ନିର୍ଦ୍ଧାରଣ କରାଯାଇଛି। ଭାରତ ବାଧ୍ୟବାଧକତାରେ ନୁହେଁ ବରଂ ନିଜର ଦୃଢ଼ ବିଶ୍ୱାସ ଆଧାରରେ ସଂସ୍କାର ପଦକ୍ଷେପ ନେଇ ଆଗକୁ ବଢୁଥିବା ସୀତାରାମନ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅତ୍ୟଧିକ ଯାଞ୍ଚ ବଦଳରେ ଟିକସଦାତାଙ୍କ ବିଶ୍ୱାସ ଉପରେ ଭରସା କରି ଟିକସ ବ୍ୟବସ୍ଥା କରାଯାଇଥିବା ଗୃହରେ ବିତର୍କର ଉତ୍ତର ରଖି ସୀତାରାମନ୍ କହିଥିଲେ। ଆସନ୍ତା ଶୁକ୍ରବାର ଅର୍ଥ ବିଲ୍ ଉପରେ ରାଜ୍ୟ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ଗୁରୁବାର ଛୁଟି ପଡୁଥିବାରୁ ପାର୍ଲାମେଣ୍ଟ ବନ୍ଦ ରହିବ। ଶୁକ୍ରବାର ସଦସ୍ୟମାନେ ପ୍ରାଇଭେଟ ବିଲ୍ ଆଣିବେ। କିନ୍ତୁ ଅର୍ଥବିଲ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଶୁକ୍ରବାର ଆଲୋଚନା କରାଯିବ। ଶନିବାର ଓ ରବିବାର ଅଧିବେଶନ ଜାରି ରଖିବା ପାଇଁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ତେବେ ବର୍ତ୍ତମାନର ସ୍ଥିତିକୁ ବିଚାର କରି ସପ୍ତାହାନ୍ତ ଛୁଟି ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ରିଜିଜୁ କହିଛନ୍ତି।


ଇଚ୍ଛାମୃତ୍ୟୁ ଅନୁମତି ପରେ ଆଖି ବୁଜିଥିବା ୩୧ ବର୍ଷୀୟ ହରିଶ ରାଣାଙ୍କ ଶେଷକୃତ୍ୟ ବୁଧବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ପ୍ରଥମ ଭାରତୀୟ ଭାବେ ହରିଶ ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ଅନୁମତି ପାଇଥିଲେ ଓ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। (ଫଟୋ- ଚମନ ଗୌତମ)



କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ କଳାପୋଷାକ ପିନ୍ଧି ବୁଧବାର ପ୍ରଥମେ ବିଧାନସଭା ଭିତରେ ଏବଂ ପରେ ବାହାରେ ପ୍ରତିବାଦ କରୁଛନ୍ତି।

# ପିଏନ୍‌ଜି ନେବାକୁ ମନାକଲେ ଏଲ୍‌ପିଜି ଯୋଗାଣ ବନ୍ଦ

**ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ପ୍ରମୁଖ ଉତ୍ସଗୁଡ଼ିକରୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଅଭାବ ଦେଖାଦେଇଛି। ତେଣୁ ପରିବାର ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେବା ଲାଗି ସରକାର ଚାପ ପକାଉଛନ୍ତି। ଯେଉଁଠାରେ ପିଏନ୍‌ଜି ସଂଯୋଗ ଉପଲବ୍ଧ ଥାଇ ଗ୍ରାହକ ଏହାକୁ ନେବା ପାଇଁ ମନାକରିବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗ ବନ୍ଦ କରିଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ଗ୍ୟାସ୍ ନେଟ୍‌ୱର୍କ ବଢ଼ାଇବା ଏବଂ ଏକକ ଇନ୍ଧନ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଏନ୍‌ଜି ଘରୋଇ ଭାବେ ଉତ୍ପାଦନ ହେବା ସହ ବିବିଧୀକରଣ ଯୋଗାଣ ଜରିଆରେ ସଂଗ୍ରହ କରାଯାଉଥିବାରୁ ଏହା ଅଧିକ ସୁବିଧାଜନକ ବିକଳ୍ପ। ପାଇପ୍‌ଲାଇନ ଜରିଆରେ ଏହାକୁ ସିଧା ରୋଷେଇଘର ବର୍ନରକୁ ନିରନ୍ତର ଯୋଗାଣ ହୋଇପାରିବ ଏବଂ ରିଫିଲିଂ ପାଇଁ ବୁକିଂ କରିବା ଆବଶ୍ୟକ ପଡ଼ିବ ନାହିଁ।**

ନୂଆଦିଲ୍ଲୀ, ୨୫।୩ (ପି.ଟି.)

ପାଇପ୍‌ଲାଇନ ଭିତ୍ତିଭୂମି ବଢ଼ାଇବା, ଅନୁମୋଦନକୁ ସହଜ କରିବା ଏବଂ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏଲ୍‌ପିଜିରୁ ପିଏନ୍‌ଜିକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ନ୍ୟାଚୁରାଲ ଗ୍ୟାସ୍ ଆଣ୍ଡ୍ ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ଡିଷ୍ଟ୍ରିବ୍ୟୁଶନ ଅର୍ଡର, ୨୦୨୬ ଜାରି କରାଯାଇଛି। କୌଣସି ଅଞ୍ଚଳରେ ଉପଲବ୍ଧ ଥାଇ ମଧ୍ୟ ପିଏନ୍‌ଜି ସଂଯୋଗ ନେବାକୁ ଗ୍ରାହକ ଯଦି ମନା କରନ୍ତି, ତେବେ ୩ ମାସ ପରେ ସେମାନଙ୍କ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଯେଉଁଠାରେ ପାଇପ୍ ସଂଯୋଗ ପ୍ରଦାନ କରିବା ବୈଷୟିକ ଦୃଷ୍ଟିରୁ ଅସମ୍ଭବ, ସେଠାରେ ଏଲ୍‌ପିଜି ଯୋଗାଣ ଜାରି ରହିବା ଅନୁମତି ରହିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆବଶ୍ୟକ। ଯେଉଁଠାରେ ପାଇପ୍‌ଲାଇନ ସଂଯୋଗ ରହିଛି, ସେହି ଅଞ୍ଚଳକୁ ଏଲ୍‌ପିଜି ଯୋଗାଣରୁ ମୁକ୍ତ କରିବା ଏହି ନିର୍ଦ୍ଦେଶନାମାର ଲକ୍ଷ୍ୟ। ଯେଉଁଠାରେ ପାଇପ୍‌ଲାଇନ ଭିତ୍ତିଭୂମି ନାହିଁ, କେବଳ ସେହି ଅଞ୍ଚଳଗୁଡ଼ିକରେ ଏଲ୍‌ପିଜି ଯୋଗାଣ ଜାରି ରହିବ।

ବ୍ୟବସାୟକୁ ସହଜ କରିବା ସଂସ୍କାର ଜରିଆରେ ଏକ ସଙ୍କଟକୁ ସୁଯୋଗରେ ପରିଣତ କରାଯାଇଛି ବୋଲି ପେଟ୍ରୋଲିୟମ୍ ସଚିବ ନୀରଜ ମିତ୍ତଲ Xରେ ଲେଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ବଳରେ ଅନୁମୋଦନକୁ ସହଜ କରିବା ସହ ନିରପେକ୍ଷ ଦେୟ ଧାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ସୁନିଶ୍ଚିତ କରିବା ଦ୍ୱାରା ପାଇପ୍‌ଲାଇନ୍ ଭିତ୍ତିଭୂମି ତ୍ୱରାନ୍ୱିତ କରାଯାଇପାରିବ। ପିଏନ୍‌ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ପ୍ରଦାନ କରିବେ, ନଚେତ୍ ତାହା ଅନୁମୋଦନ ହୋଇଥିବା ଧରାଯିବ। ନିର୍ଦ୍ଧାରିତ ଦେୟ ବାହାରେ କର୍ତ୍ତୃପକ୍ଷ ଅଧିକ ଦେୟ ଧାର୍ଯ୍ୟ କରିପାରିବେ ନାହିଁ। ହାଉସିଂ ଅଞ୍ଚଳରେ ୩ଟି କାର୍ଯ୍ୟଦିବସ ମଧ୍ୟରେ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବେ ଏବଂ ଆବେଦନର ୪୮ ଘଣ୍ଟା ମଧ୍ୟରେ ଘର ପର୍ଯ୍ୟନ୍ତ ପାଇପ୍ ଯୋଗେ ପିଏନ୍‌ଜି ଯୋଗାଇ ଦିଆଯିବ।

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ଅଭାବ ନାହିଁ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବୁଧବାର କହିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଭୟଭୀତ ହୋଇ ନ କିଣିବାକୁ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦେଶର ସର୍ବବୃହତ୍ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି) କହିଛି, ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ। ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ତୈଳ ଗଚ୍ଛିତ ରହିଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ବୋଲି କମ୍ପାନୀ କହିଛି। କେତେକ ଅଞ୍ଚଳରେ ଇନ୍ଧନ ଅଭାବ ଦେଖାଦେଇଥିବା ନେଇ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ☞ପୃଷ୍ଠା-୧୦

## ଏଲ୍‌ପିଜି ବୁକିଂ ସମୟରେ ପରିବର୍ତ୍ତନ ହୋଇନାହିଁ

ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ସମୟସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସରକାର ବୁଧବାର ସ୍ପଷ୍ଟୀକରଣ ଦେଇଛନ୍ତି। ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ବୁକିଂ ପାଇଁ ପ୍ରତୀକ୍ଷା ସମୟସୀମାରେ ପରିବର୍ତ୍ତନ ହୋଇଥିବା ନେଇ ସୋସିଆଲ ମିଡ଼ିଆରେ ଦାବି ଓ ଅନ୍ୟ କେତେକ ରିପୋର୍ଟକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ବ୍ୟବଧାନ ୪୫ ଦିନ କରାଯାଇଥିବା କେତେକ ଖବରକାଗଜରେ ଭୁଲ୍ ରିପୋର୍ଟ ହୋଇଥିଲା। ସେହିପରି ଅଣପିଏମ୍‌ୟୁୱାଇ ସିଙ୍ଗଲ୍ ସିଲିଣ୍ଡର ଉପଭୋକ୍ତାଙ୍କ ପାଇଁ ୨୫ ଦିନ ଓ ଡବଲ ସିଲିଣ୍ଡର ସଂଯୋଗ ପାଇଁ ବୁକିଂ ବ୍ୟବଧାନ ୩୫ ଦିନ ରଖାଯାଇଥିବା ଖବର ପ୍ରକାଶ ପାଇଥିଲା। ଏଭଳି ଖବରକୁ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଗ୍ରାହକ ନିର୍ବିଶେଷରେ ସହରାଞ୍ଚଳ ପାଇଁ ବୁକିଂ ବ୍ୟବଧାନ ୨୫ ଦିନ ଏବଂ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ନିୟମରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ମନ୍ତ୍ରଣାଳୟ କହିଛି।

# କଳାପୋଷାକ ପିନ୍ଧି ବିରୋଧୀଙ୍କ ହଙ୍ଗାମା

ଭୁବନେଶ୍ୱର, ୨୫।୩
(ରବିନାରାୟଣ ଜେନା)

## ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗ

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଗୋଟିଏ ଘଟଣାରେ ବିଧାନସଭା ୭ଦିନ ଧରି ଅଚଳ ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ପୂର୍ବରୁ ଶବସତ୍କାର ଓ କୋକେଇ ଶୋଭାଯାତ୍ରା ଭଳି ବିଭିନ୍ନ ଅଭିନବ ରଣନୀତି ବିଧାନସଭା ଭିତରେ ଏବଂ ବାହାରେ ଆପଣାଇଥିବାବେଳେ ବୁଧବାର ଅନୁରୂପ ଭାବେ କଳାପୋଷାକ ପିନ୍ଧି ପ୍ରବଳ ହଙ୍ଗାମା କରିଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରଶ୍ନକାଳ ୪ ମିନିଟ୍ ଚାଲିପାରି ନ ଥିଲା। ଶୂନ୍ୟକାଳରେ ବିରୋଧୀ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବିଭିନ୍ନ ନାରାବାଜିକରି କକ୍ଷତ୍ୟାଗ କରିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବାପାଇଁ ବିରୋଧୀଙ୍କୁ ଅନୁରୋଧ କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ତାହା ସଫଳ ହୋଇ ନ ଥିଲା।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ବିଜେଡିର ଏତାଦୃଶ କାର୍ଯ୍ୟକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଶାସକଦଳର ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଧରି ବିଜେଡି, କଂଗ୍ରେସ ଏବଂ ନବୀନଙ୍କୁ କଟାକ୍ଷ କରିଥିଲେ। ବିଜୁ-ନବୀନ ଟ୍ରଷ୍ଟ ଲୁଚାଇବାକୁ ବିରୋଧୀଙ୍କ ଏ ନାଟକ ଚଳିବ ନାହିଁ ବୋଲି କହିବା ସହିତ ବିଜେଡି ଛି ଛି କହି ଭର୍ତ୍ସନା କରିଥିଲେ। ହଙ୍ଗାମା ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆଗତ କରିଥିଲେ। ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଏବଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଖର୍ଚ୍ଚଦାବି ଆଲୋଚନାକୁ ସ୍ୱାଗତକରି ସରକାରଙ୍କ ପକ୍ଷରୁ ଚଳିତବର୍ଷ ପୋଲିସ ବଳକୁ ସୁଦୃଢ଼ କରିବାପାଇଁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରେ ଅପରାହ୍ନ ୧.୩୨ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ଗୃହକାର୍ଯ୍ୟ ଆରମ୍ଭ ☞ପୃଷ୍ଠା-୧୦

# ମେ' ୫ରୁ ସିପିଇଟି

ଭୁବନେଶ୍ୱର, ୨୫।୩
(ସୁଚିସ୍ମିତା ସାହୁ)

ଆସନ୍ତା ମେ' ୫ ତାରିଖରୁ କମନପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ଆରମ୍ଭ ହେବ। ଏହି ପରୀକ୍ଷା ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଫେବୃଆରୀ ୨୭ରୁ ମାର୍ଚ୍ଚ ୨୨ ତାରିଖ ☞ପୃଷ୍ଠା-୧୦

# ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବ ସ୍ମାର୍ଟ ସିଷ୍ଟମ୍

ରାଉରକେଲା, ୨୫।୩
(ସଙ୍ଗୀତା ଜେନା)

## ଏନ୍‌ଆଇଟି ଗବେଷକଙ୍କ କୃତିତ୍ୱ




ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ମାର୍ଟ ସିଷ୍ଟମ୍ ବିକଶିତ କରିଛନ୍ତି। ଏନେଇ ଏକ ଇଣ୍ଟେଲିଜେଣ୍ଟ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ସେମାନେ ପେଟେଣ୍ଟ (ସଂଖ୍ୟା: ୫୮୦୭୪୮) ହାସଲ କରିଛନ୍ତି। ଉକ୍ତ ସିଷ୍ଟମ୍‌କୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସମିତ ଆଡି, ଏନ୍‌ଆଇଟି ରିସର୍ଚ୍ଚ ସ୍କଲାର ମହମ୍ମଦ୍ ଇମାନ ଜୁନୈଦ, ଏମ୍‌ଟେକ୍ ଗ୍ରାଜୁଏଟ୍ ନାରାୟଣ ପ୍ରସାଦ ଶର୍ମା ଓ ଇର୍ସାଦ ଅଲ୍ଲୀଙ୍କ ଦ୍ୱାରା ବିକଶିତ କରାଯାଇଛି। ଏହି ସିଷ୍ଟମ୍ ବଡ଼ ତଥା ଜଟିଳ କୋଠାଘର ଆଦି ପରିବେଶରେ ଅନଧିକୃତ ପ୍ରବେଶ ଉପରେ ନଜର ରଖିବାଭଳି ମୁକାବିଲା ପାଇଁ ଆଗାମୀପିଢ଼ିର ସମାଧାନ ପ୍ରଦାନ କରିଥାଏ। ପାରମ୍ପରିକ ସିସିଟିଭି କ୍ୟାମେରା ଆଧାରିତ ନିରୀକ୍ଷଣ ପ୍ରଣାଳୀ ପାଇଁ ବ୍ୟାପକ ମାନୁଆଲ ତଦାରଖ ଓ ବିଶ୍ଳେଷଣ ଆବଶ୍ୟକ, ଯାହା ସେଗୁଡ଼ିକ ମାନବ ତ୍ରୁଟିର ଶିକାର ହୋଇଥାଏ। ବଡ଼ବଡ଼ ସେଟ୍‌ଅପ୍‌ଗୁଡ଼ିକରେ ବିଭିନ୍ନ କ୍ୟାମେରା ମଧ୍ୟରେ ବିଶେଷକରି ଭିନ୍ନ ଆଲୋକ ପରିସ୍ଥିତି ଓ ଅବରୋଧ ପରିସ୍ଥିତିରେ ବ୍ୟକ୍ତିବିଶେଷଙ୍କୁ ☞ପୃଷ୍ଠା-୧୦

# ରାଜ୍ୟରେ ବର୍ଷକରେ ବଢ଼ିଛି ୫,୭୨୧ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୫।୩
(ରବିନାରାୟଣ ଜେନା)

ରାଜ୍ୟରେ ୨୦୨୪ ତୁଳନାରେ ୨୦୨୫ ବର୍ଷରେ ଅଗ୍ନିକାଣ୍ଡ ଓ ଅନ୍ୟ ଦୁର୍ଘଟଣା ପ୍ରାୟ ୯,୪୦୦ ଅଧିକ ହୋଇଛି ବୋଲି ଗୃହ ବିଭାଗର ଶ୍ୱେତପତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କୁ ୨୦୨୪ ବର୍ଷରେ ୧୮,୯୭୩ଟି ଅଗ୍ନିକାଣ୍ଡ ଡାକରା (କଲ୍) ମିଳିଥିବାବେଳେ ୨୦୨୫ରେ ଏହା ୨୪,୬୯୪କୁ ବୃଦ୍ଧି ପାଇଥିଲା। ଫଳରେ ୫,୭୨୧ ଅଗ୍ନିକାଣ୍ଡ ଡାକରା ଅଧିକ ରହିଥିଲା। ସେହିପରି ୨୦୨୪ରେ ୨୭,୭୯୫ ଗୋଟି ସ୍ୱତନ୍ତ୍ରସେବା ଡାକରା ମିଳିଥିବାବେଳେ ୨୦୨୫ରେ ଏହା ୩୧ ହଜାର ୪୭୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବର୍ଷକ ମଧ୍ୟରେ ଗୋଟିଏ ନୂତନ ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୨୪ରେ ରାଜ୍ୟରେ ୩୪୫ଟି ଦମକଳ କେନ୍ଦ୍ର ରହିଥିବାବେଳେ ଏହି ସଂଖ୍ୟା ୨୦୨୫ରେ ୩୪୬କୁ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୪ ବର୍ଷ ୬,୫୮୯ ଲୋକଙ୍କ ସହିତ ୧୪,୫୭୬ ପ୍ରାଣୀଙ୍କୁ ଦୁର୍ଘଟଣାରୁ ରକ୍ଷା କରାଯାଇଥିବାବେଳେ ୪୬୩.୩୧ କୋଟି ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇଥିଲା। ମାତ୍ର ୨୦୨୫ରେ ୮,୩୮୦ ଲୋକଙ୍କ ସହ ୧୭,୪୫୨ଟି ପ୍ରାଣୀଙ୍କୁ ଅଗ୍ନିକାଣ୍ଡ ଓ ନଦୀ ପୋଖରୀରେ ବୁଡ଼ିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଛି। ଏଥିସହିତ ୬୨୨.୭୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା ପାଇଯାଇଛି।

୨୦୨୫ରେ ଘୂର୍ଣ୍ଣିଝଡ଼ 'ମୋନ୍ଥା' ସମୟରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବାର ୯୬୬ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୧୨୫ଟି ଦଳ ପ୍ରଭାବିତ ଜିଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଫୁଲବାଣୀରେ ଉଦ୍ଧାର, ରିଲିଫ୍ ଏବଂ ରାସ୍ତାସଫା କାର୍ଯ୍ୟ କରିଥିଲା। ଏହି ସମୟରେ ତିନିଜଣଙ୍କ ଜୀବନ ରକ୍ଷା କରାଯାଇଥିଲା, ଯାହା ରାଜ୍ୟ ସରକାରଙ୍କ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ-୨୦୧୭ ଏବଂ ☞ପୃଷ୍ଠା-୧୦






# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସକାଳ ୯ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଚଣ୍ଡୀ ପାଠ, ସ୍ଥାନ: ମହୁଖଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ରାଟ ଅଶୋକଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ବେଦକର ବିଚାରକଙ୍କ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- ଲୋକଶକ୍ତି ଅଭିଯାନ, ଏନ୍‌ଏପିଏମ୍ ଏବଂ ସେଣ୍ଟର୍ ଫର୍ କ୍ଲାଇମେଟ ଜଷ୍ଟିସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ୯୭ତମ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ୩୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମା'ସିଦ୍ଧ ବାସେଳୀଙ୍କ ମନ୍ଦିର ପରିସର, ପରିୟାପାଟପୁର, ସମୟ: ଅପରାହ୍ନ ୫ଟା।
- ସକ୍ଷେଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଜୟ ପ୍ରଭା ପ୍ରତିଭା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।
- ପୁସ୍ତକ ଉନ୍ମୋଚନ ଓ ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- କଟକ ମହାନଗର ନିଗମ ପକ୍ଷରୁ ଜିଲାସ୍ତରୀୟ ପୁସ୍ତକ ମେଳା 'କଟକ ସାହିତ୍ୟ ସରୋବର'ର ୭ମ ଦିବସ, ସ୍ଥାନ: ତଳବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ପୁରୀ

- ନିର୍ଯାତିତ ମହିଳାଙ୍କ ଅଭିଯୋଗ ନେଇ ବୈଠକ, ସ୍ଥାନ: ହୋଟେଲ ରୟାଲ ଲାଇଫ୍, ସମୟ: ପୂର୍ବାହ୍ନ ୧୧ଟା ।
- ଦ୍ୱିତୀୟ ମକର ମହୋତ୍ସବ ନେଇ ବୈଠକ, ସ୍ଥାନ: ସର୍କିଟ ହାଉସ୍, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଶରଧାପୁର, ସମୟ: ସକାଳ ୮ଟା।
- ସପ୍ତବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ରଘୁନାଥ ଦେବ ମନ୍ଦିର ପରିସର, ଗଡ଼ଖୋର୍ଦ୍ଧା, ସମୟ : ସକାଳ ୯ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା କର୍ମଶାଳା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତଃଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମୁଁ ସାମ୍ବାଦିକ ହେବି, ଅଭିନବ ଶିକ୍ଷକ କର୍ମଶାଳା, ସ୍ଥାନ: ବେଲଗଡିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବର ୬ଷ୍ଠ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଇଞ୍ଜୋଳ, ଭାଟିଆଶୁଣି, ଗଡ଼ଚଣ୍ଡୀ, ଡ଼ଅଁର, ହାଟଡ଼ିହୀ, ସମୟ : ପ୍ରାତଃ ୬ ଟା।
- ଶ୍ରୀଦକ୍ଷିଣ ମୁଖୀ ହନୁମାନ ମନ୍ଦିରରେ ସଙ୍କୀର୍ତ୍ତନ, ନଗର ପରିକ୍ରମା,ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାସନ୍ତିକ ଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ: ଉଦଳା ମୁଖ୍ୟ ବଜାର ବାସନ୍ତୀ ମଣ୍ଡପ,ସମୟ:ସକାଳ ୬ଟା।
- ମା'ଭୈରବୀଙ୍କ ପୀଠରେ ବାସନ୍ତିକ ମହାନବମୀ ପୂଜା, ସ୍ଥାନ:ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ମହାଷ୍ଟମୀ ବାସନ୍ତିକ ପୂଜା, ସ୍ଥାନ:ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା।
- ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ:ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସର, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ଭଜନ ସମାରୋହ, ସ୍ଥାନ:ଅମ୍ବିକାସାହି, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ,ସମୟ: ସକାଳ ୭ଟା।

## କନ୍ଧମାଳ

- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଓ ସଫେଇ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୭ଟା।
- ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୬ଟା।
- ବୁଢ଼ାବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ଛେଣ୍ଡିପଦା ଜେରଙ୍ଗ ଦେହୁରୀସାହି, ସମୟ: ସକାଳ ୮ଟାରୁ ଆରମ୍ଭ।
- ପୁନର୍ବାସ ଓ ଥଇଥାନ ନୀତି ନେଇ ଜନ ଶୁଣାଣି, ସ୍ଥାନ: ନାଲ୍‌କୋ ସ୍ମେଲଟର ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସମସ୍ତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ : ଅପରାହ୍ନ ୨ଟା।
- ଚଣ୍ଡୀ ଯଜ୍ଞ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ସାମୁହିକ ହନୁମାନ ଚାଳିଶା ପାଠ, ସ୍ଥାନ: ମହୁଲିଆ ରାମନବମୀ ପୀଠ, ରାଜନଗର, ସମୟ: ସକାଳ ୮ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବ୍ଲକସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଆଶାଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ମହାରାଜ ଯଯାତି କେଶରୀ ମେଡିକାଲ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦିବସ-୨୦୨୬ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ବିଚାରାଧୀନ କୋର୍ଟ କେଶ ସଂକ୍ରାନ୍ତରେ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ନବମ ଦିବସରେ ପାରାୟଣରେ ଅଙ୍ଗଦ ଚିଟାଉ ଓ ରାବଣ ବଦ୍ଧ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ମାସିକ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ପୌର ପରିଷଦ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ, ସ୍ଥାନ: ସେମିଳିଗୁଡ଼ା ଭେଣ୍ଡିଂ ଜୋନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଜନପ୍ରତିନିଧିଙ୍କ ଆନ୍ଦୋଳନ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରାସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୮ଟା।
- ସମ୍ବଲପୁର ନାଟ୍ୟାନୁଷ୍ଠାନ ସମନ୍ୱୟ ସମିତି ପକ୍ଷରୁ ପକ୍ଷରୁ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ସନ୍ଧିପୂଜା, ସ୍ଥାନ : ଭୁତାପଡା, ସମୟ : ମଧ୍ୟାହ୍ନ ୧୨ଟା ୧୫।
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ଚଣ୍ଡୀହୋମ ଓ ସିଦ୍ଧିଦାତ୍ରୀ ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ରାତ୍ରି ୧୦ଟା ୧୫।

## ବଲାଙ୍ଗୀର

- ଶ୍ରୀରାମ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ତାଲପାଲିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟାରୁ ।

## ରାଉରକେଲା

- ସେକ୍ଟର-୩ ବାସନ୍ତିକ ପୂଜା, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତିକ ପୂଜା ଓ ସନ୍ଧ୍ୟାରେ ବାଦିପଲା,ସ୍ଥାନ: ସେକ୍ଟର-୬, ସାରଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ରୀ, ୮ମ ଦିବସ, ସ୍ଥାନ: ଜଗଦା ମା'ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ସପ୍ତମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ହମୀରପୁର କଣ୍ଟ୍ରାକ୍ଟର କଲୋନୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: କଣ୍ଟ୍ରାକ୍ଟର କଲୋନୀ, ସମୟ: ସକାଳ ୯ଟା।
- ସାଇରାମ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ : ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଟେନସା ଘାଟିରେ ମା' ବନଦୁର୍ଗା ମନ୍ଦିରରେ ମହା ଅଷ୍ଟମୀ ପୂଜା, ସ୍ଥାନ: ଟେନସା, ସମୟ: ସକାଳ ୧୦ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ବାସନ୍ତୀକ ନବରାତ୍ର ପୂଜା,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗାଇସୀମା, ବରଗଡ଼,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ, ସମୟ:ସକାଳ ୯ଟା।
- ମାଁ ବହଲତଲିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ, ସମୟ:ସନ୍ଧ୍ୟା ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ:ରାତି ୮ଟା ୩୦।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତରେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରଭାଟି, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜାର ଅଷ୍ଟମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର କ୍ରାଇମ୍‌ର ତଦନ୍ତ ଓ ଡିଜିଟାଲ ଫୋରେନସିକ ସମ୍ପର୍କିତ କାର୍ଯ୍ୟଦକ୍ଷତା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଝାମୁ ଯାତ୍ରା, ସ୍ଥାନ: ସାହାଜଲଥା,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ପ୍ରାତଃ ୫ଟା ୧୫।
- ଚଇତି ପର୍ବ ବା ବିହନ ଛିନ୍ନା ପର୍ବ ପାଇଁ ନିଶିପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଚବିଶ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ କୁଅଁରପଡ଼ା, ସମୟ: ଅପରାହ୍ନ ୫ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ଜଡ଼ାମୁଣ୍ଡା ଗାଁ, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା

- ଦୁର୍ଗା ମନ୍ଦିରରେ ମା' ମହାଗୌରୀଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକଦୁର୍ଗା ମନ୍ଦିର, ରେଲୱେ ଷ୍ଟେଶନ ଛକ, ଝାରସୁଗୁଡା, ସମୟ: ସକାଳ ୮ଟା।
- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଲଇକେରା, ସମୟ: ପୂର୍ବାହ୍ନ ୧୦ଟା।
- ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ତରେଇକେଲା ଖେଳପଡିଆ, କୋଲାବିରା, ସମୟ: ରାତି ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟିସମ୍ବନ୍ଧ ଯୋଗୁ ନୂତନ କର୍ମାରମ୍ଭ ସହ ପାରିବାରିକ ସୁଖଶାନ୍ତି ଅନୁଭବ କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। କେତୁ କୋଣଭାବ ମଣ୍ଡନ କରିଥିବାରୁ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ସୁସମ୍ପର୍କରେ ବ୍ୟାଘାତ ଘଟିବ।

**ବୃଷ** ରବିଙ୍କ ଦୃଷ୍ଟି ପ୍ରଭାବଜନିତ ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶରୁ ପରିବାରକୁ ନିର୍ଦ୍ଦେଶ କରୁଥିବା ଗ୍ରହ ନିଜସ୍ଥାନରୁ ଦୁଃସ୍ଥାନସ୍ଥ ହେତୁ ପାରିବାରିକ ସୌଖ୍ୟ ରହି ନ ପାରେ। ଲୋକ ସମ୍ପର୍କ, ରାଜନୀତି, ଆନୁଷ୍ଠାନିକ ସ୍ଥିତି ସମସ୍ୟାବହୁଳ ରହିବ। ରାଶିରେ ମଙ୍ଗଳ ଯେକୌଣସି ପରିସ୍ଥିତିର ସାମ୍ନା କରି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର କରାଇପାରନ୍ତି।

**ମିଥୁନ** ପୂର୍ବ ସଂକଳ୍ପିତ କାର୍ଯ୍ୟ କରିବାରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଉଚ୍ଚବାଚ ଘଟିବାର ସମ୍ୟକ୍ ସୂଚନା ମଧ୍ୟ ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେବ। କିନ୍ତୁ ସର୍ବୋପରି ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଖୁସି ରହିବେ।

**କର୍କଟ** କର୍ମାଧିପଙ୍କ ଲକ୍ଷ୍ମୀଯୋଗ ପ୍ରଭାବରେ ପଦସ୍ଥଙ୍କ ଛତ୍ରଛାୟା ତଳେ ରହି କର୍ମକ୍ଷେତ୍ରରେ ସୁଯୋଗ ଲାଭକରିବେ। ସହକର୍ମୀଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ। ଦୂରଯାତ୍ରା, ବାଣିଜ୍ୟ, ଆଲୋଚନା, ସଂଗଠନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ଭଲ । ବନ୍ଧୁମାନଙ୍କ ପରାମର୍ଶରେ ମାଙ୍ଗଳିକ କାମର ଯୋଜନା ପ୍ରସ୍ତୁତ କରିପାରନ୍ତି।

**ସିଂହ** ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ସହଯୋଗରେ ଅଯାଚିତ ସାହାଯ୍ୟ ପାଇବେ। ଯେକୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ବ୍ୟସ୍ତତା ବଢ଼ିବା ସାଙ୍ଗକୁ କୌଣସି ଜିନିଷ ଘରେ ରହିଯାଇପାରେ । ପରିବାରର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା** ଭାଗ୍ୟସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ପରିବାର ସ୍ଥାନରେ ଶନି ଅଶାନ୍ତିର ମାତ୍ରା ବଢ଼ାଇପାରେ। କୋଣଭାବରେ ଶୁକ୍ରଥିବାରୁ ବାକି ରଖିଥିବା ଲୋକଟି ହଠାତ୍ ଟଙ୍କା ଦେଇଯିବ। ପ୍ରଶାସନ, ରାଜନୀତି, ଗବେଷଣାରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିନେବେ।

**ତୁଳା** ସପ୍ତମଭାବସ୍ଥ ରବି ଓ ଶନିଙ୍କ ସ୍ଥିତିରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାରେ ଅସମର୍ଥ ହୋଇପାରନ୍ତି। ଲୋକସମ୍ପର୍କ ଭଲ ରହିଥିବାରୁ ସମ୍ମାନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ନେବାର ପରିକଳ୍ପନା କରିପାରନ୍ତି। ନିଜ ପରିସରରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ଆନୁଷଙ୍ଗିକ ସହଯୋଗ ମିଳିବ।

**ବିଛା** କେନ୍ଦ୍ରକୋଣସ୍ଥ ପାପଗ୍ରହ ପ୍ରଭାବରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିର କାମ ସାମାନ୍ୟ ବିଳମ୍ବରେ ଶେଷ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟ ସମାଧାନର ଆଶା ରହିଛି।

**ଧନୁ** ଶୁକ୍ରଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ନୂତନ ବନ୍ଧୁସମ୍ପର୍କ କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ସଫଳତା ପାଇବେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡିବେ।

**ମକର** କର୍ମାଧିପଙ୍କ ଶୁଭତ୍ୱ କାରଣରୁ ପ୍ରତିବନ୍ଧକ ଦୂରେଇଯିବ। ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷାରେ ସମସ୍ୟାଜନିତ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** ରାଶିରେ ଗ୍ରହମାନଙ୍କ ସୁପ୍ରଭାବରେ ବିବାଦରେ ଜୟଲାଭ ସହ ପ୍ରତ୍ୟେକ କାମରେ ସଫଳତା ହାସଲ କରିପାରିବେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବାରୁ କାମ ସ୍ଥଗିତ ରହିଯିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବା ଯୋଗୁ ଶାନ୍ତି ପାଇବେ। ପୂର୍ବଶତ୍ରୁତାରୁ ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି।

**ମୀନ** ରାଶିସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପର ସମୟ କଟିଯିବ । ବନ୍ଧୁଙ୍କ ପରାମର୍ଶରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହଯୋଗ ପାଇବାରେ ସମସ୍ୟା ଦେଖାଦେଇପାରେ।

ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର। ଅଶୋକାଷ୍ଟମୀ, ଶ୍ରୀମନ୍ଦିରରେ ଗର୍ଭୋଦକ ବନ୍ଦାପନା ଓ ଜେଉଟ ଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ଗୃହଦେବୀଙ୍କ ମହାନବମୀ ପୂଜା, ପୀଠେ ମହାନବମୀ ପୂଜା। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୯ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୩୯ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଲେଇ ଗଲା,**
**ମାଲେଇ ଗଲା ।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ଘରର ଖଟ ବିଛଣା**
**ଖପରାରେ ଚିନି ନବାତ ପଣା**
**ଖାଉଅଛି ବୁଢ଼ା ବସି**
**ଖେଚର ଖେଚର ସବୁବେଳେ ହୁଏ**
**କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାନ୍ତି। ସବୁବେଳେ ପାଟିସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ରାଜ୍ୟରେ ଦୈନିକ ...

ରୁଜୁ ହୋଇଛି। ରାଜ୍ୟରେ ସାଇବର ଅପରାଧ, ଯୌତୁକଜନିତ ହତ୍ୟା, ଯୌତୁକଜନିତ ଆତ୍ମହତ୍ୟା ଏବଂ ଯୌତୁକଜନିତ ନିର୍ଯାତନା ସମ୍ପର୍କିତ ତଥ୍ୟ ଯାହା ଗୃହ ବିଭାଗର ଶ୍ୱେତପତ୍ର ଜରିଆରେ ଦର୍ଶାଇଛି ତାହା ମଧ୍ୟ ଅନେକଙ୍କ ମନରେ ଚିନ୍ତା ସୃଷ୍ଟି କରାଇଥିବା ଜଣାପଡ଼ିଛି। ୨୦୨୫ରେ ରାଜ୍ୟରେ ମୋଟ ୨୮୦୩ ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ଅର୍ଥନୈତିକ ସାଇବର ଅପରାଧରେ ୧୮୬୯, ସୋସିଆଲ ମିଡିଆ ସମ୍ପର୍କିତ ଅପରାଧରେ ୧,୧୮୩ , ହ୍ୟାକିଂ ମାମଲାରେ ୮ ଏବଂ ଅନ୍ୟାନ୍ୟ ସାଇବର ଅପରାଧରେ ୪୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୫ରେ ରାଜ୍ୟରେ ୧୪୫ ଯୌତୁକଜନିତ ହତ୍ୟା ମାମଲା ରୁଜୁହୋଇଥିବା ବେଳେ ୭୭ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ରୁଜୁହୋଇଛି। ସେହିଭଳି ୪୩୬୧ ଯୌତୁକଜନିତ ନିର୍ଯାତନା ଏବଂ ୫୪୧୯ ଅଣଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିବର୍ଷ ମହିଳା ଚାଲାଣ ଅପରାଧରେ ୧୬୪ ଏବଂ ପୁରୁଷ ଚାଲାଣ ଅପରାଧରେ ୫୩ ମାମଲା ରୁଜୁ ହୋଇଛି। ଗୃହବିଭାଗ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍‌ଭାବେ ବିବେଚନା କରିଥାଏ। ୨୦୨୫ରେ ରାଜ୍ୟରେ ୨୯୩ ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀରେ ରଖାଯାଇଛି। ୨୦୨୫ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଶିଶୁ ଅଶ୍ଳୀଳତା, ବଳାତ୍କାର ଓ ଗଣବଳାତ୍କାର ସମ୍ବନ୍ଧୀୟ ୧୭୮୧ ଅଭିଯୋଗ ଗ୍ରହଣ କରାଯାଇଛି। ୨୦୨୪ରେ ଏହି ସଂଖ୍ୟା ୧୦୨୩ ଥିବାବେଳେ ୨୦୨୩ରେ ୫୬୯ ରହିଥିଲା।

## 'ନାଭିକ୍' ସଙ୍କଟ: ...

-୧ଏଚ୍'ର ଲଞ୍ଚ୍ ବିଫଳ ହୋଇଥିଲା। ସେହିପରି ନୂଆ ପିଢ଼ିର ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ 'ଏନ୍‌ଭିଏସ୍-୦୨'ର ଲଞ୍ଚ୍ ମଧ୍ୟ ବିଫଳ ହେଲା। ଏହି କାରଣରୁ ଆଗାମୀ ମିଶନ ଏନ୍‌ଭିଏସ୍-୦୩, ୦୪ ଏବଂ ୦୫ ବିଳମ୍ବିତ ହେଉଛି, ଯାହା ଭାରତକୁ ଏବେ ବି ଆମେରିକାର ଜିପିଏସ୍ ଉପରେ ନିର୍ଭରଶୀଳ କରି ରଖିଛି। କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ଇ.ଏ.ଏସ୍. ଶର୍ମାଙ୍କ କହିବା ଅନୁଯାୟୀ, ସରକାର ଓ ଇସ୍ରୋ ବର୍ତ୍ତମାନ 'ଗଗନଯାନ' ଏବଂ 'ଆକ୍ସିଅମ ମିଶନ-୪' (ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା) ଭଳି ହାଇ-ପ୍ରୋଫାଇଲ୍ ମିଶନରେ ଅଧିକ ବ୍ୟସ୍ତ ରହୁଛନ୍ତି। ସେ ମତ ଦେଇଛନ୍ତି ଯେ, ରାଜନୈତିକ ସଫଳତା ଅପେକ୍ଷା ଦେଶର ସୁରକ୍ଷା ଓ ରଣନୈତିକ ଆବଶ୍ୟକତାକୁ ପ୍ରଥମ ପ୍ରାଧାନ୍ୟ ଦେବା ଉଚିତ।

## ସରିଲା ଚଳନ୍ତି ...

ଆରମ୍ଭ କରିଥିଲେ। ଗଣତିମଣତି କାର୍ଯ୍ୟରେ ସୁପରଭାଇଜିଂ ଟିମ୍ ସହଯୋଗ କରିଥିବା ବେଳେ କେବଳ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ରତ୍ନଭଣ୍ଡାର ମଧ୍ୟକୁ ପ୍ରବେଶ କରି ଗଣତି କରିଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଛି। ଦାନ ଅର୍ଥରେ ମିଳୁଥିବା ଅଳଙ୍କାର ମଧ୍ୟ ଗଣତି କରାଯାଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ଆରମ୍ଭ ହୋଇଛି।

## ଅବଶିଷ୍ଟାଂଶ

ରତ୍ନଭଣ୍ଡାରକୁ ୩ ଭାଗରେ ବିଭକ୍ତ କରାଯାଇଛି। ଯଥା- ଚଳନ୍ତି, ପ୍ରଥମ ଏବଂ ଦ୍ୱିତୀୟ ରତ୍ନଭଣ୍ଡାର। ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ। ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଛି। ମଧ୍ୟାହ୍ନ ୧୨ଟା ୯ରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ୬ ଘଣ୍ଟାଧରି ଗଣତି କାର୍ଯ୍ୟ କରାଯାଇଛି। ସମସ୍ତ ଅଳଙ୍କାରର ଓଜନ କରାଯାଇଥିଲା। ବିଶେଷଜ୍ଞମାନେ ଯନ୍ତ୍ର ସାହାଯ୍ୟରେ ମାପ କରିଛନ୍ତି। ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଇଛି। ଗଣତି ପରେ ସମସ୍ତ ଅଳଙ୍କାର ଭଣ୍ଡାର ମେକାପଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟ ସମୟରେ ଭକ୍ତମାନେ ବାହାର କାଠ ନିକଟରେ ଦର୍ଶନ କରିଥିଲେ। ତିଥି, ବାର ଦେଖି ପରବର୍ତ୍ତୀ ଗଣତି କରାଯିବ। ତେବେ କ'ଣ କ'ଣ ଗଣତି କରାଯାଇଛି, ସେ ସମ୍ପର୍କରେ ଆଜି ସୂଚନା ପ୍ରଦାନ କରିହେବ ନାହିଁ। ସମସ୍ତ ଅଳଙ୍କାର ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୩ଟି ଭଣ୍ଡାରର ଅଳଙ୍କାର ଗଣତି ପରେ ତାଲିକା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯିବ। ଏହାର ଏକ ନକଲ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ଗଣତିମଣତିକୁ ନେଇ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ଡାକ୍ତରୀଦଳ, ଓଡ୍ରାଫ୍, ଅଗ୍ନିଶମ କର୍ମଚାରୀ ପ୍ରମୁଖ ମୁତୟନ ରହିଥିଲେ।

**ବଜ୍ରପାତ: ଜଣେ ମୃତ, ଜଣେ ବଧିର**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବୁଧବାର ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇଥିବା ଜଣାପଡ଼ିଛି। ନୀଳଗିରି ଏନ୍‌ଏସି ୧ ନମ୍ବର ୱାର୍ଡ ଘାଟଘରସାହି ଗ୍ରାମର ଗଣେଶ୍ୱର ବେହେରା (୪୦) ତାହିସାହି ବିଶ୍ୱାଳସାହିରେ ଜଣଙ୍କ ଘରେ ଛାତ ପକାଇ ଜରି ଢାଙ୍କୁଥିଲେ। ହଠାତ୍ ପ୍ରବଳ ବିଜୁଳି ସହ ବଜ୍ରପାତ ହେବାରୁ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସିଆଡ଼ିମାଳ ଗ୍ରାମର ବାବୁ ଦାସ ମଧ୍ୟ ବଧିର ହୋଇଥିବା ବେଳେ ତାହାଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ତୁରନ୍ତ ଦୁଇଜଣଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ଗଣେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ବିଜେଡିକୁ ଫେରିଲେ ରଘୁ, ଜୀବନ

ଭୁବନେଶ୍ୱର,୨୫।୩(ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲାର ୨ ଭାଜପା ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବୁଧବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବାଲେଶ୍ୱର ଜିଲାର ଶତାଧିକ କର୍ମୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଭୟ ନେତାଙ୍କୁ ନବୀନ ନିବାସରେ ଦଳକୁ ସ୍ୱାଗତ କରିଛନ୍ତି। ଏହି ୨ ଅଭିଜ୍ଞ ନେତାଙ୍କ ଘରବାହୁଡ଼ା ପରେ ବିଜେଡି ପୁନର୍ବାର ଶକ୍ତିଶାଳୀ ହୋଇପାରିବ ବୋଲି ବିଶ୍ୱାସ କରାଯାଉଥିବା ନବୀନ କହିଛନ୍ତି।


ନବୀନ ନିବାସରେ ବୁଧବାର ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହ ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାଶ।

ଶଙ୍ଖ ଭବନଠାରେ ବାଲେଶ୍ୱର ଜିଲାର ସମସ୍ତ ବିଜେଡି ବିଧାୟକ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ୨ ନେତା ବିଜୁ ଜନତା ଦଳରେ ଯୋଗଦେଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ରଘୁନାଥ ମହାନ୍ତି କହିଛନ୍ତି, ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ। ବିଜୁ ଜନତା ଦଳ ବାଲେଶ୍ୱର ଜିଲାରେ କିପରି ସୁସଂଗଠିତ ହୋଇପାରିବ ସେଥିପାଇଁ କାର୍ଯ୍ୟ କରିବେ। ବିଜୁବାବୁଙ୍କ ସମୟରୁ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଛି। ପରେ ବିଜେଡି ଗଠନ ବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି। ଜୀବନପ୍ରଦୀପଦାସକହିଛନ୍ତି,୫ବର୍ଷବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନକରି ଅତ୍ୟନ୍ତ ଆନନ୍ଦିତ। ବାଲେଶ୍ୱର ଜିଲାରେ ବିଜେଡି କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ନବୀନବାବୁଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି।

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱରରପୂର୍ବତନ ବିଜେଡିଏମ୍‌ପିରବୀନ୍ଦ୍ର ଜେନା ଭାଜପାରେ ଯୋଗଦେଇଛନ୍ତି। ରବୀନ୍ଦ୍ରଙ୍କ ସ୍ତ୍ରୀ ବସ୍ତା ନିର୍ବାଚନମଣ୍ଡଳୀର ବିଜେଡିରୁ ବିଧାୟିକା ହୋଇଥିବା ସୁବାସିନୀ ଜେନା ଦଳୀୟ ହ୍ୱିଇପ୍ ନ ମାନି ରାଜ୍ୟ ସଭା ନିର୍ବାଚନରେ କ୍ରସ୍‌ଭୋଟିଂକରି ଦଳରୁ ନିଲମ୍ବନ ହୋଇଛନ୍ତି। ଜୀବନ ପ୍ରଦୀପ ଦାସ ବିଜେଡିରୁ ବିଧାୟକ ଥିଲେ ମାତ୍ର ପରବର୍ତ୍ତୀ ସମୟରେ ଦଳରୁ ଟିକେଟ ନ ପାଇବାରୁ ଭାଜପାରେ ମିଶିଥିଲେ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ଜୀବନ ପୁଣିଥରେ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ରଘୁନାଥ ମହାନ୍ତି ବିଜେଡିରୁ ବିଧାୟକ ଓ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କିଛି ପାରିବାରିକ କଳହ ପାଇଁ ଟିକେଟରୁ ବଞ୍ଚିତ ହୋଇ ଦଳ ଛାଡିଥିଲେ। ବର୍ତ୍ତମାନ ବାଲେଶ୍ୱର ଜିଲାରେ ବିଜେଡିର ସଂଗଠନକୁ ସୁଦୃଢ଼ ଲକ୍ଷ୍ୟରେ ଉଭୟ ରଘୁ ଏବଂ ଜୀବନଙ୍କୁ ଦଳରେ ପୁଣି ସାମିଲ କରାଯାଇଥିବା ଚର୍ଚ୍ଚା ହେଉଛି।

# ମହିଳା ବିରୋଧୀ ଦଣ୍ଡବିଧାନ ହାରରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

## 'ସୁଧୁରିଯାଅ, ନଚେତ୍ ସୁଧାରିଦେବୁ'

ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳା ହିଂସାକୁ ନେଇ ନମ୍ବର ଗେମ୍ ଖେଳିବାକୁ ଚାହୁଁନାହିଁ। କିନ୍ତୁ ବିରୋଧୀଙ୍କ ଅପପ୍ରଚାରର ଉତ୍ତର ଦେବାକୁ ପଡ଼ିବ। ଶୁଣୁଥିଲି ବିରୋଧୀ ରାଜ୍ୟରେ ଦୁର୍ବଳ ମୁଖ୍ୟମନ୍ତ୍ରୀ ଏବଂ ଶକ୍ତିଶାଳୀ ସ୍ୱାସ୍ଥ୍ୟମନ୍ତ୍ରୀ ବୋଲି ନାରା ଦେଉଥିଲେ। କିନ୍ତୁ ଏଠାରେ ଜଣାଇଦେବାକୁ ଚାହେଁ, ପୂର୍ବତନ ମୁଖ୍ୟମନ୍ତ୍ରୀ ଦୁର୍ବଳରୁ ଦୁର୍ବଳ ହୋଇ ଚାଲିଥିଲେ ଏବଂ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ସବଳରୁ ସବଳ ହୋଇ ଚାଲିଥିଲେ, ଯେଉଁଥିପାଇଁ ଦିନଦ୍ୱିପ୍ରହରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା କରାଗଲା। ଏଥିରୁ ଜଣାପଡୁଛି, ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ କେତେ ସବଳ ଥିଲେ। ଅପରାଧୀମାନେ ସୁଧୁରିଯାଅ, ନଚେତ୍ ସୁଧାରି ଦେବୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଛନ୍ତି।

ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚଦାବି ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମହିଳାବିରୋଧୀ ହିଂସା ପୂର୍ବାପେକ୍ଷା ହ୍ରାସ ପାଇଛି ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ସବୁଠୁ ଅଧିକ ରହିଛି। ୨୦୨୨ରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ମାତ୍ର ୯.୨ପ୍ରତିଶତ ଥିଲା, ପରେ ଏହା ୨୦୨୩ରେ ୬.୭ ପ୍ରତିଶତକୁ ଖସିଥିଲା। ଏହି ସମୟ ମଧ୍ୟରେ ମହିଳା ହିଂସା ବିରୋଧରେ ଦଣ୍ଡ ବିଧାନ ହାର ସାରା ଦେଶରେ ଓଡ଼ିଶାର ସବୁଠାରୁ କମ୍ ଥିଲା। ସୁଶାସନର ଡିଣ୍ଡିମ ପିଟୁଥିବା ୨୪ ବର୍ଷୀୟ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ମାତ୍ର ଆମ ସରକାର ସମୟ ୨୦୨୫ର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ୍ ମାସରେ ଏହା ୬୨ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ସାରା ଦେଶରେ ସବୁଠାରୁ ଅଧିକ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ୍ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଡିସେମ୍ବର ଶେଷସୁଦ୍ଧା ବଳାତ୍କାର ମାମଲା ୩.୫% ହ୍ରାସ ପାଇଛି। ସେହିପରି ମହିଳା ଅସଦାଚରଣ ମାମଲା ୨.୨% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ନିବସ୍ତ୍ର ମାମଲା ୨୬.୮% ହ୍ରାସ ଘଟିଛି। ମହିଳାଙ୍କ ଉପରେଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଥିବାବେଳେ ଯୌତୁକଜନିତ ହତ୍ୟା ମାମଲା ୨୬.୧%, ଯୌତୁକ ନିର୍ଯାତନା ମାମଲା ୮.୩%, ଅଣଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି। ସେହିଭଳି ହତ୍ୟା ମାମଲାରେ ୭.୪% ହ୍ରାସ ହୋଇଥିବାବେଳେ ୧୨.୮% ଡକାୟତି, ୩୪.୪% ଲୁଣ୍ଠନ, ୨୫.୭% ଦଙ୍ଗା ହ୍ରାସ ପାଇଛି। ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେଶନଅନ୍ୱେଷଣ-୨ କରାଯାଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ପରିବାରରୁ ବିଚ୍ଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ଼ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓବାଦୀ ହିଂସା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ମାଓବାଦୀମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତଦିନ ପରେ ଡବଲ-ଇଞ୍ଜିନ ସରକାର ଭାବେ ଓଡ଼ିଶା ବି ଏହି ଅଭିଯାନରେ ସାମିଲ ହୋଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଓଡ଼ିଶା ଖୁବ୍‌ଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓବାଦୀ ତାଲିକାରୁ ବାଦ୍ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ବିଧାନସଭାରେ ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅନଲାଇନ୍ ନିର୍ଯାତନାକୁ ପ୍ରତିହତ କରିବା ପାଇଁ ସାଇବର କମ୍ପ୍ଲେକ୍ସ ଭୁବନେଶ୍ୱରଠାରେ ଶିଶୁ ଓ ମହିଳା ଅନ୍‌ଲାଇନ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟ୍‌ୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ୧୩ ଫେବୃଆରୀ ୨୦୨୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ସାଇବର କବଚ' ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ୩୯ ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧,୪୨୨ଟି ନୂତନ ମାମଲା ପଞ୍ଜୀକୃତ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ୧ ହଜାର ୩୧୫ ମାମଲା, ନକଲି ସିମ୍‌କାର୍ଡ ସମ୍ବନ୍ଧୀୟ ୨୪ ମାମଲା, ଏଟିଏମ୍ ଉଠାଣ ସମ୍ବନ୍ଧୀୟ ୩୬ ମାମଲା ଓ ଚେକ୍ ଉଠାଣ ସମ୍ବନ୍ଧୀୟ ୪୭ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୭ ହଜାର ୫୪୯ରୁ ଅଧିକ ଆକାଉଣ୍ଟଧାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ସାଇବର ଅପରାଧ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଆମ ସରକାର ଆସିଲା ପରେ ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଏବଂ ରାଜନୈତିକ ସୁରକ୍ଷାର ଏକ୍ସପାଏରି ହୋଇସାରିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ପ୍ରତିଶତ ବୃଦ୍ଧି ପାଇଛି।

ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ସୁଧୁରି ଯାଅ, ନ ହେଲେ ସରକାର ଓ ପୋଲିସ ପ୍ରଶାସନ ସୁଧାରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡ଼ିଶା ଗଠନ ପାଇଁ ଯୋଜନା କରିଛନ୍ତି। ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟମଞ୍ଜୁରୀ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସମସ୍ତ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।




ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ- ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ- ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। -ଶ୍ରୀମା

-ଅଶୋକାଷ୍ଟମୀ, ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ବାସନ୍ତିକ ଦୁର୍ଗାଦେବ୍ୟାଃ ମହାନବମୀ ପୂଜା ଓ ଶ୍ରୀମନ୍ଦିରରେ ଜେଉଟ ଭୋଗ



# ଅହିଂସା ଓ ଅସ୍ପୃଶ୍ୟତା



ଦେବଦତ୍ତ ପଟ୍ଟନାୟକ

ଅହିଂସାକୁ ହିନ୍ଦୁଧର୍ମରେ ଶ୍ରେଷ୍ଠ ସଦାଚାର ବା ଗୁଣ ବୋଲି ବିବେଚନା କରାଯାଏ। ଏହା ସଦାଚାରୀ ସନ୍ନ୍ୟାସୀ, ଦୟାଶୀଳ ଋଷି ତଥା ଶ୍ରେଷ୍ଠ ନୈତିକ ଜୀବନର ଭାବମୂର୍ତ୍ତିକୁ ପରିପ୍ରକାଶକରେ। କିନ୍ତୁ ଏହି ସକାରାତ୍ମକ ଭାବନା ପ୍ରଚ୍ଛଦରେ ବି ଅନେକ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଅସ୍ପୃଶ୍ୟତାକୁ ଦୃଢ଼ କରିବା ପାଇଁ ଅନୁମତି ଦେଇଛି। ଲୋକେ ଅନେକ ସମୟରେ ଜାତି ଓ ଅସ୍ପୃଶ୍ୟତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯେତେବେଳେ ସେମାନେ ସାମାଜିକ ସ୍ତରରେ ରହିଥିବା ଜାତି ସମ୍ପର୍କରେ କହନ୍ତି ସେତେବେଳେ ଉଚ୍ଚବର୍ଗ କଥା ହିଁ ବଖାଣିଥାନ୍ତି। ତେବେ ସମ୍ପ୍ରତି ଭାରତରେ ଅହିଂସାର ୨ ପ୍ରକାର ପ୍ରଭାବଶାଳୀ ରୂପ ରହିଛି। ପ୍ରଥମଟି ହେଉଛି ଗାନ୍ଧିଜୀଙ୍କ ଅହିଂସା, ଯାହା ରାଜନୈତିକ ରଣନୀତିର ମୂଳରେ ଅଛି। ଏହା ଅସ୍ତ୍ର ତ୍ୟାଗକରି ଅସହଯୋଗକୁ ପ୍ରୋତ୍ସାହିତ କରେ। ଏହା ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଶାରୀରିକ ଶକ୍ତି ବଦଳରେ ନୈତିକ ଚାପ ପ୍ରୟୋଗ କରିଥାଏ। ଏହି ପ୍ରକାର ଅହିଂସା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ସନାତନୀ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଏହାକୁ ଅସ୍ୱୀକାର କରୁଛନ୍ତି। କାରଣ ସେମାନେ ବିଶ୍ୱାସ କରୁଛନ୍ତି, ଦେଶକୁ ସୁରକ୍ଷା ଦେବା ଏବଂ ଧର୍ମୀୟ ପରିଚୟକୁ ରକ୍ଷାକରିବା ପାଇଁ ହିଂସା ଆବଶ୍ୟକ। ସେମାନେ ଭାବନ୍ତି, ଅହିଂସା ହେଉଛି ଦୁର୍ବଳତା।

ଦ୍ୱିତୀୟ ପ୍ରକାର ଅହିଂସା ହେଉଛି ଆହାର ସମ୍ପର୍କିତ ଅହିଂସା। ଏହି ଅହିଂସା ବିଚାରରେ ମାଛ, ମାଂସ କିମ୍ବା ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ଉଦ୍ଭିଦଜ ଖାଦ୍ୟାହାରୀ ବ୍ୟକ୍ତି ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ। ଏହି ବିଶ୍ୱାସ ସାମାଜିକ ସ୍ତରରେ ଅତ୍ୟଧିକ ବଳବତ୍ତର ରହିଛି । ଦୈନନ୍ଦିନ ପରମ୍ପରା, ସଂସ୍ଥାଗତ ନିୟମ, ମନ୍ଦିର ନୀତିନିୟମ, କର୍ପୋରେଟ ସଂସ୍କୃତି ଏବଂ ରାଜନୈତିକ ପ୍ରତୀକାତ୍ମକ ସିଦ୍ଧାନ୍ତରେ ମଧ୍ୟ ଏହା ଦୃଢ଼ ରହିଆସିଛି। ଏହି ପ୍ରକାର ଅହିଂସା ଅସ୍ପୃଶ୍ୟତାର ଧାରଣା ଏବଂ ପବିତ୍ରତାର ସାମାଜିକ ଶ୍ରେଣୀବାଦକୁ ଆରମ୍ଭ କରିଛି। ଉଲ୍ଲେଖନୀୟ, ଆହାର ସମ୍ବନ୍ଧୀୟ ଅହିଂସାକୁ ଉଭୟ ଗାନ୍ଧିବାଦୀ ଏବଂ ସନାତନୀମାନେ ପାଳନ କରୁଛନ୍ତି। ଖାଦ୍ୟ ପ୍ରାଥମିକତା ଏବଂ ଖାଦ୍ୟ ପସନ୍ଦ ନାମରେ ଏହାକୁ ପାଳନ କରାଯାଉଛି।

ଶାକାହାରବାଦ ସମ୍ପୂର୍ଣ୍ଣ ଭାବେ ଜୈନ ସିଦ୍ଧାନ୍ତରୁ ଆସିଛି। ଏହା ସ୍ପଷ୍ଟକରେ ଯେ,ଉଦ୍ଭିଦ କୌଣସି ଯନ୍ତ୍ରଣା ଅନୁଭବ କରେନାହିଁ ଏବଂ ସେଥିପାଇଁ ଉଦ୍ଭିଦଜ ଖାଦ୍ୟ ଖାଇବା ହିଂସା ନୁହେଁ। କିନ୍ତୁ ଏହି ତର୍କ ବିଜ୍ଞାନ ଓ ବୈଦିକ ବ୍ୟାଖ୍ୟାନ ମଧ୍ୟରେ ବିରୋଧାଭାସ ସୃଷ୍ଟିକରେ। ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ଏପରିକି ଉଦ୍ଭିଦଜ ଖାଦ୍ୟ ଖାଉଥିବା ଲୋକ ପରଜୀବନରେ ମଧ୍ୟ ତାହାର ଫଳ ଭୋଗ କରିବ, ଯେଉଁଠି ତାଙ୍କୁ ଉଦ୍ଭିଦ ଖାଦ୍ୟ ଭାବେ ଗ୍ରହଣ କରିବ ଏବଂ ସେ ଯନ୍ତ୍ରଣା ଭୋଗ କରିବେ। ପୁରାତନ ଜୈନ ବିଚାରରେ, ଆମରଣ ଅନଶନ ଅର୍ଥ ହେଉଛି ପ୍ରକୃତ ଅହିଂସା। ଅର୍ଥାତ୍ କିଛି ନ ଖାଇଲେ କୌଣସି ହିଂସା ହେବନାହିଁ। କୃଷି ସହି ଜଡ଼ିତ ବ୍ୟକ୍ତିମାନେ ଜାଣନ୍ତି ଯେ, ଶାକାହାର ଖାଦ୍ୟ ଯନ୍ତ୍ରଣାମୁକ୍ତ ନୁହେଁ। କୃଷି ହିଂସା ମଧ୍ୟରେ ବୁଡିରହିଛି। ଫସଲର ସୁରକ୍ଷା ପାଇଁ କୀଟପତଙ୍ଗ, ମୂଷା ଏବଂ ପକ୍ଷୀଙ୍କୁ ମାରିଦିଆଯାଏ। ଷଣ୍ଢକୁ ଅସ୍ତ୍ରୋପଚାର ମାଧ୍ୟମରେ ବଳଦ କରି ହଳ ଓ ପରିବହନରେ ବ୍ୟବହାର କରାଯାଏ। ଏହି କାର୍ଯ୍ୟକୁ ଶାକାହାରବାଦ ଗୁପ୍ତ ରଖିଛି ଏବଂ ସହରାଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଶୁଦ୍ଧ ଓ ଅହିଂସକ ଖାଦ୍ୟ ଖାଉଛନ୍ତି ବୋଲି ଧାରଣା ସୃଷ୍ଟି କରିଛି।



ପ୍ରକୃତରେ କୃଷିକାର୍ଯ୍ୟରେ ଶୂଦ୍ର, ସେବକମାନେ ଜଡ଼ିତ ଥିଲେ ଏବଂ ସେମାନଙ୍କ ହିଂସାତ୍ମକ କାର୍ଯ୍ୟ ସାମ୍ନାକୁ ଆସିପାରୁ ନ ଥିଲା। କାରଣ ସେମାନଙ୍କ ସହ ବହୁ କମ୍ ଯୋଗାଯୋଗ ରହୁଥିଲା। ଯାଯାବର ଗୋଷ୍ଠୀର ପଶୁପାଳକ, ମରୁଭୂମିରେ ରହୁଥିବା ସମ୍ପ୍ରଦାୟ, ବନବାସୀ ଏବଂ ଉପକୂଳରେ ବସବାସ କରୁଥିବା ଲୋକେ ଭାବନ୍ତି ଯେ, ମାଂସ ଓ ମାଛ ହେଉଛି ଜୀବନର ଆବଶ୍ୟକତା। ଭିଲ୍, ଗୋଣ୍ଡ, କୋଲି, ଶବରଙ୍କ ସମେତ ଉତ୍ତରପୂର୍ବାଞ୍ଚଳର ଆଦିବାସୀ ସମୁଦାୟଗୁଡ଼ିକ ଶିକାର ଓ ଭୋଜନ ପାଇଁ ସେମାନଙ୍କ ପରିସଂସ୍ଥାକୁ କ୍ଷୟ ନ କରି ସ୍ଥାୟୀ ଭାବରେ ବସବାସ କରିଆସିଛନ୍ତି। ତଥାପି ସେମାନଙ୍କ ଉପରେ ହିଂସକ ଓ ଅପବିତ୍ର ମୋହର ଲଗାଇ ଦିଆଯାଉଛି। ଖଣି ଓ ଭିତ୍ତିଭୂମି ପାଇଁ ଶିଳ୍ପପତିମାନେ ଜଙ୍ଗଲ ଧ୍ୱଂସ କରୁଥିଲେ ମଧ୍ୟ ସେମାନଙ୍କୁ ସାତ୍ତ୍ୱିକ ଓ ପବିତ୍ର ବୋଲି କୁହାଯାଉଛି। ଏହା ହେଉଛି ନୈତିକତାର ବିପରୀତ ସ୍ଥିତି ଏବଂ ଆମ ହିଂସା ସମ୍ପର୍କିତ ଗଭୀର ବିଚାରଧାରାକୁ ଜାତି ଓ ବର୍ଗ କିଭଳି ଗଢ଼ିଛି ତାହା ଏହା ପ୍ରକାଶ କରେ।

ସାମାଜିକ ବିଚାରଧାରାରେ ପବିତ୍ରତା ତଥା ଶୁଦ୍ଧତା ପ୍ରମୁଖ ବିଷୟ ହୋଇରହିଛି। ଭାରତର ସାର୍ବଜନୀନ ସଂସ୍ଥାଗୁଡ଼ିକ ଉପରେ ଶାକାହାର ଧାରଣାର ପ୍ରଭାବ ବିସ୍ତାର କରିଛି। ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଶାକାହାର ରୋଷଘର ଅଛି ଏବଂ ଆର୍‌ଏସ୍‌ଏସ୍‌ର ସେହିଭଳି କ୍ୟାଣ୍ଟିନ ସବୁ ଅଛି। କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକ ଜୈନ କିଚେନ୍‌କୁ ନେଇ ଗର୍ବ କରନ୍ତି। କେବଳ ଶାକାହାର ଖାଦ୍ୟ ଦେବା ପାଇଁ ଏୟାଲାଇନ୍ସକୁ ବାଧ କରାଯାଉଛି। ତୀର୍ଥସ୍ଥଳୀ ଥିବା ସହରଗୁଡ଼ିକୁ ଶୁଦ୍ଧ ଶାକାହାର ଅଞ୍ଚଳ ଭାବେ ଘୋଷଣା କରାଯାଉଛି । 'ଶୁଦ୍ଧ' ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂଚିତ କରେ ଯେ, ମାଂସାହାରୀମାନେ ପରିବେଶକୁ ଦୂଷିତ କରନ୍ତି ଏବଂ ସେମାନଙ୍କ ଉପସ୍ଥିତି, ଗନ୍ଧ ଏବଂ ଅଭ୍ୟାସ ପ୍ରଦୂଷଣକାରକ। ଶୁଦ୍ଧତା ବ୍ୟବସ୍ଥା ଯୋଗୁ ଟିଫିନ ବକ୍ସରେ ଆମିଷ ଖାଦ୍ୟ ଆଣିବା ପାଇଁ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେଉଁମାନେ ମାଂସ ରୋଷେଇ କରୁଛନ୍ତି, ସେମାନଙ୍କୁ ହାଉସିଂ ସୋସାଇଟିଗୁଡ଼ିକ ଘର ଭଡ଼ା ଦେଉନାହାନ୍ତି। ଯାହା ଦିନେ ଜାତିଗତ ପୃଥକୀକରଣ କିମ୍ବା ବାଛବିଚାର ଥିଲା ତାହା ଏବେ ଜୀବନଶୈଳୀ ପସନ୍ଦ ହୋଇଯାଇଥିବା ଜଣାପଡୁଛି। ପରିଭାଷା ବଦଳିଯାଇଥିଲେ ବି ବ୍ୟବସ୍ଥା ସେହିଭଳି ରହିଛି। ବ୍ରାହ୍ମଣ ଓ ଶୂଦ୍ର ବଦଳରେ ଏବେ ଆମ ମଧ୍ୟରେ ପବିତ୍ର ଓ ଅପବିତ୍ର କିମ୍ବା ଶୁଦ୍ଧ ଓ ଅଶୁଦ୍ଧ ହିନ୍ଦୁ ଭାବନା ରହିଛି।

ସାମାଜିକ ସ୍ତରରେ ଥିବା ଏଭଳି ଉଚ୍ଚନୀଚ ଭାବନାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଗୁରୁମାନେ ସାତ୍ତ୍ୱିକ, ରାଜସିକ, ତାମସିକ ଖାଦ୍ୟ ସିଦ୍ଧାନ୍ତ ସାମ୍ନାକୁ ଆଣିଛନ୍ତି, ଯାହାକୁ ଏବେ ପୋଷକ ବିଜ୍ଞାନର ଅସ୍ତ୍ର ଭାବେ ଦର୍ଶାଯାଉଛି। ଏହାସହ ନୈତିକତାର ବିଷୟ ରୂପେ ଉପସ୍ଥାପନ କରାଯାଉଛି। ତଥାପି କୌଣସି ହିନ୍ଦୁ ଗ୍ରନ୍ଥ ଶାକାହାରବାଦକୁ ଏକ ବୈଶ୍ୱିକ ନିୟମ ଭାବେ ଗ୍ରହଣ କରିନାହିଁ। ମହାଭାରତ, ରାମାୟଣ ଏବଂ ପୁରାଣରେ ଶିକାରୀ, ମାଛ ଭକ୍ଷକ ଏବଂ ମାଂସାହାରୀ ଋଷିଙ୍କ ସମ୍ପର୍କିତ ବର୍ଣ୍ଣନା ଭରିରହିଛି। ଏ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଆଧୁନିକ ପ୍ରକାଶନ ସଂସ୍ଥାଗୁଡ଼ିକ ଭୁଲ୍ ଅନୁବାଦ କରୁଛନ୍ତି। ହିନ୍ଦୁଧର୍ମ ବିପଦରେ ଅଛି ବୋଲି ଲୋକେ ଦାବି କରୁଥିବାବେଳେ ଏଥିପାଇଁ ସେମାନେ ବାହ୍ୟଶତ୍ରୁକୁ ଦାୟୀ କରୁଛନ୍ତି। ହେଲେ ବଡ଼ ବିପଦ ଦେଶ ଭିତରେ ରହିଛି। ଶୁଦ୍ଧ ଓ ଅଶୁଦ୍ଧ ବ୍ରାହ୍ମଣୀୟ ବିଚାରଠାରୁ ଆରମ୍ଭ କରି ବୌଦ୍ଧ ଓ ଜୈନଧର୍ମର ଦାର୍ଶନିକ ସିଦ୍ଧାନ୍ତରେ ଏହା ଥିଲା ଏବଂ ଏବେ ଏହାକୁ ନୈତିକ ଜୀବନଶୈଳୀ ଭାବେ ପୁନଃ ନାମକରଣ କରାଯାଇଛି। ସେମାନେ ମିଳିତ ଭାବେ ଏକ ସାମାଜିକ ଉଚ୍ଚନୀଚ ସ୍ତର ଗଢ଼ିଛନ୍ତି, ଯେଉଁଠି ଅଭିଜାତ୍ୟ ବର୍ଗଙ୍କ ଅଭ୍ୟାସକୁ ବିଶ୍ୱସ୍ତରରେ ସଦ୍‌ଗୁଣ ଆଖ୍ୟା ଦିଆଯାଇଛି ଏବଂ ନୀଚବର୍ଗର ଲୋକଙ୍କ ଜୀବନରକ୍ଷାର ରଣନୀତିକୁ ତୁଚ୍ଛ କହି ସେମାନଙ୍କୁ ତିରସ୍କାର କରାଯାଉଛି। ଏହି ପ୍ରକାରେ ଅହିଂସା ହିଂସାର ସମାଧାନ କରେ ନାହିଁ। ବରଂ ଏହା ହିଂସାକୁ ଆଢୁଆଳରେ ରଖେ। ଜାତିକୁ ଅସ୍ୱୀକାର କରାଯାଉଛି , ହେଲେ ଅସ୍ପୃଶ୍ୟତାକୁ ସତର୍କତାର ସହ ଉଲ୍ଲେଖ କରାଯାଉଛି। ଏଭଳି କରିବା ଯୋଗୁ ଏହା ସାମାଜିକ ପ୍ରାଧାନ୍ୟକୁ ଆଧ୍ୟାତ୍ମିକ ଶୁଦ୍ଧତା କିମ୍ବା ସଂସ୍କାର ଭାବେ ତ୍ରୁଟିପୂର୍ଣ୍ଣଭାବେ ଉପସ୍ଥାପନ କରିବା ପାଇଁ ଅନୁମତି ଦେଇଛି, ଯେତେବେଳେ କି ପବିତ୍ରତା ତଥା ଶୁଦ୍ଧତାର ପରିବେଶରେ ନିର୍ବିରୋଧରେ ଅସାମାନତା ଜାରି ରହିଛି।

-devduttofficial@gmail.com

# ଆମ ପରିବେଶ ଆମ ହାତରେ



ଅରିଜିତ ମିଶ୍ର

ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବ। ସେଥି ନିମିତ୍ତ ଏକାଧିକ ସ୍ଲୋଗାନ ରହିଛି, 'ପରିବେଶ ସୁରକ୍ଷା ଜୀବନ ରକ୍ଷା'। ମଣିଷର କର୍ତ୍ତବ୍ୟ ଯେତିକି ମାତ୍ରାରେ ପରିବେଶକୁ ସୁରକ୍ଷା ଦେଇପାରିବ, ସେହିଭଳି ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇପାରିବ। ପରିବେଶକୁ ମଣିଷ ଜୀବନର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀ ମଣିଷ ବଞ୍ଚିବା ନିମନ୍ତେ ମୃତ୍ତିକା, ଜଳ, ବାୟୁ, ଜଙ୍ଗଲ, ପର୍ବତ ଆଦି ପ୍ରଦାନ କରିଛି, ଯାହାଦ୍ୱାରା ପ୍ରାଣିଜଗତ ସୁନ୍ଦର ଭାବରେ ଜୀବନ ଅତିବାହିତ କରିପାରିବେ। ପୂରା କାଳରେ ମଣିଷ ପ୍ରକୃତିକୁ ଉପାସନା କରୁଥିଲା। ବୃକ୍ଷକୁ ପୂଜାକରିବା ବା ପର୍ବତର ଶିଖର ଦେଶରେ ଈଶ୍ୱର ଉପାସନା କରୁଥିଲା। ସେହି ସମୟରେ ମଣିଷ ପ୍ରକୃତିକୁ ବଞ୍ଚାଇବାକୁ ଯାଇ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ସାଧାରଣତଃ ପରିବେଶକୁ ଆୟତ୍ତ କରିବାର ସାମର୍ଥ୍ୟ ମଣିଷ ହାତରେ ରହିଛି। କିନ୍ତୁ ମଣିଷ ଏବେ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ପରିବେଶକୁ ନଷ୍ଟକରିବାକୁ ଉଦ୍ୟତ।

ମଣିଷ ପରିବେଶକୁ ପ୍ରଦୂଷିତ କରିବା ନିମନ୍ତେ ପଛାଉନାହିଁ। ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ୍ ଆଦି ଅନେକ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ରେ ଭାରତର ପରିବେଶ ଉତ୍ତମ ଜଳ ବା ନଦୀରେ ପରିପୂର୍ଣ୍ଣ, ଫଳ ଉତ୍ପାଦନରେ ସମୃଦ୍ଧ, ମୃଦୁ ମଳୟ ପବନର ଶୀତଳତା, ଚାଷ ଜମିଗୁଡ଼ିକ ଶସ୍ୟ ଦ୍ୱାରା ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସମୟକୁ ଦେଖିଲେ ଉକ୍ତ ପରିବେଶର ଶୋଭାରେ ଅନେକ ପରିବର୍ତ୍ତନ ହୋଇଛି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୭୦ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୧୭ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁର ଶିକାର ହୁଅନ୍ତି। ପୃଥିବୀରେ ଦିଲ୍ଲୀ, ଲାହୋର, ଢାକା, ବେଜିଂ, କରାଚୀ, କାବୁଲ, ଜାକର୍ତ୍ତା ଆଦି ଅନେକ ସହର ସବୁବେଳେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ସ୍ଥାନରେ ରହୁଛନ୍ତି। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣର ମାତ୍ରା ୨% ବଢୁଥିବା ବେଳେ ଭାରତରେ ପ୍ରତିବର୍ଷ ୩% ବଢ଼ିଥାଏ। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣ ଯୋଗୁ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୨ ଲକ୍ଷ ମୃତ୍ୟୁବରଣ କରନ୍ତି। ଭାରତରେ ଅନେକ କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଛୋଟ ବଡ଼ ନଦୀରେ ମିଶୁଛନ୍ତି। ଓଡ଼ିଶାରେ କଟକ ସହରର ବର୍ଜ୍ୟଜଳ ପ୍ରତିଦିନ କାଠଯୋଡ଼ି ନଦୀରେ ମିଶୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ପୃଥିବୀରେ ୩୩% ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଭାରତର କୃଷି ଉପଯୋଗୀ ମୃତ୍ତିକା ୩୦% ପ୍ରଦୂଷଣର ଶିକାର ହେଉଛି। ପୃଥିବୀରେ ପ୍ରାୟ ୨୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଭାରତର ସହରାଞ୍ଚଳରେ ୩୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି। ଠିକ୍ ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣର ବୃଦ୍ଧି ଘଟୁଛି।

ଆମ ପରିବେଶ ଆମ ହାତରେ। ତେଣୁ ବେଳହୁଁ ସାବଧାନ ହେଲେ ଆମ ପରିବେଶ ସୁରକ୍ଷା ପାଇପାରିବ। ଯେପରିକି ବୃକ୍ଷରୋପଣ କରିବା ଆବଶ୍ୟକ, ଯାହା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ଠିକ୍ ରହିବା ସହ ଶୁଦ୍ଧ ବାୟୁ ସୃଷ୍ଟିହେବ। ନବୀକରଣଯୋଗ୍ୟ ସମ୍ବଳ ଯଥା ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତିର ବ୍ୟବହାର କରିବା ଦ୍ୱାରା କୋଇଲା ଏବଂ ଖଣିଜ ତୈଳର ବ୍ୟବହାର କମିଯିବ ଏବଂ ବାୟୁ ପ୍ରଦୂଷଣକୁ ମଧ୍ୟ ପ୍ରତିହତ କରିହେବ। ସରକାର ବୈଦ୍ୟୁତିକ ଗାଡ଼ି ଚଳାଇବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି, ଆମେ ମଧ୍ୟ ଏହି ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ବିଶେଷ ପ୍ରାଥମିକତା ଦେବା ଆମ ପରିବେଶ ପାଇଁ ହିତକାରକ। ନଦୀ, ପୋଖରୀ ବା ଝରଣା ଆଦିର ଜଳକୁ ପରିଷ୍କାର ରଖିବା ଦରକାର । ଫଳରେ ମଣିଷ ନିଜର ଜୀବନ ବଞ୍ଚାଇପାରିବ। ଜୈବଇନ୍ଧନ ଚାଳିତ ଯାନବାହନର ବ୍ୟବହାର କମାଇବା ଆବଶ୍ୟକ। ପ୍ଲାଷ୍ଟିକ୍ ପଦାର୍ଥକୁ ପୁନଃ ପ୍ରକ୍ରିୟାକରଣ କରିବା ଲାଭଦାୟକ । କୃଷିଯୋଗ୍ୟ ଜମିରେ ରାସାୟନିକ ସାରର ବ୍ୟବହାର ମାତ୍ରା କମାଇ ଜୈବିକ ପଦ୍ଧତିରେ ଚାଷକରିବା ଭଲ। ସାଟେଲାଇଟ ଦ୍ୱାରା ବର୍ତ୍ତମାନ ବନ ନାଶନ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଆଦି ପ୍ରତି ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଉଛି। ତେଣୁ ଏହି ସମସ୍ତ ପଦ୍ଧତି ଅବଲମ୍ବନ କରିବା ସହ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ। ଫଳରେ ମଣିଷ ନିଜ ହାତରେ ନିଜ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଅଗ୍ରସର ହେବ। ସରକାରୀ ସ୍ତରରେ ମଧ୍ୟ ଅନେକ ଯୋଜନା ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଛି। କିନ୍ତୁ କିଛି ଯୋଜନା ବ୍ୟର୍ଥହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ମଣିଷ ନିଜେ ସଂଯତ ଭାବ ରଖି ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ଏବଂ ପରସ୍ପର ମଧ୍ୟରେ ଏକତା ରକ୍ଷା କରିପାରିଲେ ନିଶ୍ଚିତ ଭାବରେ ପରିବେଶ ସୁରକ୍ଷିତ ରହିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୦୪୦୩୫୦୦୮୯

## ଏଇ ଭାରତରେ

ପୋଲିସରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ସଫଳତା ମିଳିଥାଏ। ତେବେ ଅନେକେ ମଧ୍ୟ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ୍ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଟ୍ରାଫିକ୍ ପୋଲିସ ହେବାର ସୁଯୋଗ ଦେଉଛି ଏବଂ ଆଶାୟୀ ବ୍ୟକ୍ତିମାନେ ଏହା ଲାଭ ଉଠାଉଛନ୍ତି। ହେଲେ ସ୍ୱେଚ୍ଛାସେବୀ ଭାବେ ସେମାନେ କାମ କରୁଛନ୍ତି। ବିଟିପି ତରଫରୁ 'ଦିନକ ପାଇଁ ଟ୍ରାଫିକ୍ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍ ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ପରେ ସେମାଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ୍ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ଶିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ଦିଆଯାଉଛି। ଏଭଳି ଏକ ସମ୍ମିଳିତ ପ୍ରୟାସ ଟ୍ରାଫିକ୍ ବ୍ୟବସ୍ଥାକୁ ମଜଭୁତ କରିପାରିଛି। ପ୍ରକୃତ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ମାର୍ଚ୍ଚ ୧୯୭୭

- ଯୁବକଂଗ୍ରେସ କାର୍ଯ୍ୟକଳାପ ପାଇଁ ନିଜକୁ ଦାୟୀ ମନେକରି ଅମ୍ବିକା ସୋନୀ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଜନତା ଦଳ ପକ୍ଷରୁ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ।

# ପ୍ରତିରୋଧ ଅପରିହାର୍ଯ୍ୟ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ମାନବ ସଭ୍ୟତାର ଆଦିମ ଅବସ୍ଥାରେ ଯେଉଁ ଅସୁରକ୍ଷିତ ପରିବେଶ ଥିଲା ତାହାକୁ 'ଜଙ୍ଗଲ-ରାଜ୍' କୁହାଯାଏ, ଯାହାର ନୀତି ଥିଲା 'ମାଇଟ ଇଜ୍ ରାଇଟ' ବା ''ଜୋର୍ ଯାର୍ ମୁଲକ ତାର୍'', ଏହି ଅବସ୍ଥାରେ ସାମାଜିକ ଶୃଙ୍ଖଳା ଏବଂ ନ୍ୟାୟ ନ ଥିଲା। ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କ୍ରମେ ମଣିଷ ଅନୁଭବକଲା ଯେ ଜୀବନର ନିରାପତ୍ତା ଓ ସମୃଦ୍ଧି ପାଇଁ ପାରସ୍ପରିକ ସହାନୁଭୂତି, ସହଯୋଗ ଏବଂ ସହାବସ୍ଥାନର ବାତାବରଣ ଆବଶ୍ୟକ। ଏହିପରି ଭାବେ ଗଢ଼ିଉଠିଲା ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଜଣେ ଯୋଗ୍ୟ, ସମର୍ଥ ଏବଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେନ୍ଦ୍ରକରି, ଯାହାଙ୍କୁ ସମାଜପତି, ରାଜା ବା ଶାସକ କୁହାଯାଏ। ସମୟକ୍ରମେ ରାଜତନ୍ତ୍ରରୁ ଗଣତନ୍ତ୍ର, ସମାଜତନ୍ତ୍ର, ପୁଞ୍ଜିବାଦ, ଏକଚ୍ଛତ୍ରବାଦ ପ୍ରଭୃତି ନାନାପ୍ରକାର ଶାସନ ବ୍ୟବସ୍ଥାର ଉଦ୍ଭବ ଘଟିଛି। ମାତ୍ର ଶାସକ ଗୋଷ୍ଠୀଙ୍କ କ୍ଷମତା, ପ୍ରତିପତ୍ତି ତଥା ରାଜ୍ୟ ଜୟର ଆକାଂକ୍ଷା ଯୋଗୁ ଶତାବ୍ଦୀ ପରେ ଶତାବ୍ଦୀ ଭୟାବହ ଯୁଦ୍ଧ-ବିଗ୍ରହ ଘଟି ବିନାଶର କାରଣ ହୋଇଛି। ଏହାର ଚରମ ପରିଣତି ଦେଖିବାକୁ ମିଳିଲା ବିଗତ ଶତାବ୍ଦୀର ଦୁଇଟି ବିଶ୍ୱଯୁଦ୍ଧରେ।

ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲା, କେତେ ସମୃଦ୍ଧ ଜନପଦ ଧ୍ୱଂସ ସ୍ତୂପରେ ପରିଣତ ହେଲା। ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନ-ଜନ କ୍ଷୟରେ ଆତଙ୍କିତ ହୋଇ ଭବିଷ୍ୟତରେ ଏଭଳି ବିନାଶକାରୀ ଯୁଦ୍ଧରୁ ମାନବ ସମାଜକୁ ଦୂରେଇରଖିବା ସହିତ ପାରସ୍ପରିକ ଶାନ୍ତି, ସୁରକ୍ଷା ଏବଂ ମାନବାଧିକାରକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୃଥିବୀର ୫୧ଟି ରାଷ୍ଟ୍ର ଏକତ୍ର ହୋଇ ୧୯୪୫ ଅକ୍ଟୋବର ୨୪ରେ ସଂଯୁକ୍ତ ଜାତିସଂଘ ଗଠନ କଲେ। ଏହାର ସଭ୍ୟ ସଂଖ୍ୟା ୧୯୩ରେ ପହଞ୍ଚିଛି। ମାତ୍ର ୫ଟି ମୁଖ୍ୟ ରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ଋଷିଆ ଏବଂ ଚାଇନା ହାତରେ ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଥିବାରୁ ଜାତିସଂଘ ନିରପେକ୍ଷ ଭାବରେ କାର୍ଯ୍ୟକରି ପାରେନାହିଁ। ତା' ଛଡା ଏହାର କୌଣସି ସାମରିକ କ୍ଷମତା ନ ଥିବାରୁ କେବଳ ଉପଦେଶ ଦେବାରେ ହିଁ ଏହାର କାର୍ଯ୍ୟ ପରିସର ସୀମିତ ରହିଆସିଛି। ତଥାପି ନାହିଁ ମାମୁ ଠାରୁ କଣା ମାମୁ ଭଲ - ଭଳି ଏହି ସଂସ୍ଥା ଏଯାବତ ବଞ୍ଚିରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପକାଇଥିଲା। ଯୁଦ୍ଧ ପରେ ସୋଭିଏଟ ରୁଷ୍ ସମେତ ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ଦେଶ ପରମାଣୁ କ୍ଷମତାର ଅଧିକାରୀ ହୋଇଗଲେ, ଯାହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଗୋଟିଏ କ୍ଷମତାର ସମୀକରଣ ସୃଷ୍ଟି ହେଲା। ପରମାଣୁ ବୋମାର ସମୂହ ଧ୍ୱଂସକାରୀ ଭୟାବହତା ହିଁ ଏଯାବତ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୂରେଇ ରଖିଛି। ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଆମେରିକା ଭାରତ ସହିତ ପ୍ରଚ୍ଛନ୍ନ ଶତ୍ରୁଭାବ ପୋଷଣକରି ପାକିସ୍ତାନ ମାଧ୍ୟମରେ କଶ୍ମୀରରେ ଆକ୍ରମଣ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି। ହନୁ ମଲାବେଳେ ସତ କହିଲା ପରି କଶ୍ମୀରର ପହଲ ଗ୍ରାମରେ ସନ୍ତ୍ରାସବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର 'ଅପରେଶନ ସିନ୍ଦୂର' ପ୍ରହାରରେ ବ୍ୟତିବ୍ୟସ୍ତ ହୋଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଥିଲେ - ଆମେ ସନ୍ତ୍ରାସବାଦୀ ରାଷ୍ଟ୍ର ହୋଇଛୁ କେବଳ ଆମେରିକା ଏବଂ ବ୍ରିଟେନର ସ୍ୱାର୍ଥରେ। ପ୍ରକୃତରେ ଆଜି ପୃଥିବୀରେ ଯେଉଁଠି ବି ଯୁଦ୍ଧବିଗ୍ରହ ଏବଂ ସନ୍ତ୍ରାସବାଦୀ ଆକ୍ରମଣ ହେଉଛି ତାହା ମୂଳରେ ରହିଛି ଆମେରିକା ଏବଂ ତାହାର ଏଜେଣ୍ଟ କୁଖ୍ୟାତ ସିଆଇଏ।



ଆମେରିକା ଏବଂ ନାଟୋ ରାଷ୍ଟ୍ରଙ୍କ ଚକ୍ରାନ୍ତରେ ସୋଭିଏଟ ରୁଷ୍ ଖଣ୍ଡ ଖଣ୍ଡ ହୋଇଗଲା। ଫଳରେ ଆମେରିକା ବର୍ତ୍ତମାନ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରିବାକୁ ଚାହୁଁଛି। ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପାଲେଷ୍ଟାଇନବାସୀଙ୍କୁ ହତ୍ୟାକରି ଚାଲିଛନ୍ତି। ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ ଏକତ୍ର ହୋଇ ଇରାନ ଉପରେ ଆକ୍ରମଣ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସାମରିକ କ୍ଷମତା ବଳରେ ଜାତିସଂଘ ତଥା ଆନ୍ତର୍ଜାତିକ ନୀତିନିୟମକୁ ଅଗ୍ରାହ୍ୟ କରି ଏକଚ୍ଛତ୍ରବାଦୀ ସାଜିଛନ୍ତି। ଗୋଟିଏ ପ୍ରଶ୍ନ ଉଠେ - ଇସ୍ରାଏଲ ସମେତ ଅନେକ ରାଷ୍ଟ୍ର ପରମାଣୁ କ୍ଷମତାର ଅଧିକାରୀ ହୋଇଥିଲେ ମଧ୍ୟ କାହିଁକି କେବଳ ଇରାନକୁ ପରମାଣୁ ଶକ୍ତିର ଗବେଷଣାରୁ ନିବୃତ୍ତ କରିବାପାଇଁ ତାହା ଉପରେ ଆକ୍ରମଣ କରାଯାଉଛି? କୌଣସି ଦେଶର ସରକାର-ବିରୋଧୀ ଗୋଷ୍ଠୀକୁ ହାତକରି ସେଠାକାର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବାର ଅପଚେଷ୍ଟା ସମ୍ପୂର୍ଣ୍ଣ ନୀତିବିରୁଦ୍ଧ କାର୍ଯ୍ୟ। ଭବିଷ୍ୟତରେ ସେ ଅନ୍ୟାନ୍ୟ ଦେଶ ଉପରେ ବଳପ୍ରୟୋଗ କରିବାର ସମ୍ଭାବନା ରହିଛି। ପ୍ରକୃତରେ ଇସ୍ରାଏଲର ସ୍ୱାର୍ଥରକ୍ଷା ପାଇଁ ଇରାନ ଉପରେ ଆକ୍ରମଣ କରିଛନ୍ତି ଏବଂ ସେଠାକାର ବିପୁଳ ତୈଳସମ୍ପଦକୁ କବ୍ଜା କରିବାକୁ ଚାହୁଁଛନ୍ତି। ନିକଟ ଅତୀତରେ ସେ ଡ୍ରଗ୍-ଟ୍ରାଫିକିଂର ଆଳ ଦେଖାଇ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ନିକୋଲାସ ମୋଦୁରା ଏବଂ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରି ଆମେରିକା ନେଇଆସିଛନ୍ତି। ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ରାଷ୍ଟ୍ରକୁ ଅଧିକାର କରି ଆମେରିକା ସହିତ ମିଶାଇଦେବାକୁ ଚାହୁଁଥିଲେ। ଏସବୁ ଦେଖି ମନେହେଉଛି ନିଜକୁ ଶାନ୍ତି ପ୍ରତିଷ୍ଠାତା ବୋଲି ଡିଣ୍ଡିମ ପିଟୁଥିବା ଟ୍ରମ୍ପ ଏବେ ଧ୍ୱଂସର ଦୂତ ସାଜିଛନ୍ତି। ପୂର୍ବରୁ ସେ ଆନ୍ତର୍ଜାତିକ ବାଣିଜ୍ୟର ଉଦାରୀକରଣ ନୀତିକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଅନ୍ୟାୟ ଭାବରେ ବିଭିନ୍ନ ଦେଶ ଉପରେ ମାତ୍ରାତିରିକ୍ତ ଟାରିଫ ଲାଗୁ କରିଛନ୍ତି। ତାଙ୍କର ଏହି ସ୍ୱେଚ୍ଛାଚାରୀ ନୀତି ଯୋଗୁ ପୃଥିବୀର ଅର୍ଥନୈତିକ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଧୂଳିସାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆମେରିକାର ବିପୁଳ ସାମରିକ ଏବଂ ଅର୍ଥନୈତିକ କ୍ଷମତା ବଳରେ ଟ୍ରମ୍ପ ସମଗ୍ର ପୃଥିବୀରେ ଆମେରିକୀୟ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମନେହେଉଛି ଟ୍ରମ୍ପଙ୍କ 'ମାଗା' ନୀତି ହିଟଲରଙ୍କ 'ନାଜି' ନୀତିଠାରୁ କୌଣସି ଗୁଣରେ ଊଣା ନୁହେଁ। ତେଣୁ ସମୟ ଆସିଛି ପୃଥିବୀର ସମସ୍ତ ଶାନ୍ତିକାମୀ ସଭ୍ୟ ରାଷ୍ଟ୍ର ଏକତ୍ରିତ ହୋଇ ଟ୍ରମ୍ପଙ୍କ ବିରୋଧରେ ଅର୍ଥନୈତିକ ଏବଂ ସାମରିକ ପ୍ରତିରୋଧ ସୃଷ୍ଟି କରିବାକୁ ପଡ଼ିବ। ନଚେତ ପୃଥିବୀରେ ଆଦିମ ଯୁଗ ଭଳି ଗୋଟିଏ ଜଙ୍ଗଲ - ରାଜ୍ ଚାଲିବ, ଯାହାର ନୀତି ହେବ '' ଜୋର୍ ଯାର୍ ମୁଲକ ତାର୍'' ଏବଂ ଅନ୍ୟ ଦେଶଗୁଡ଼ିକ ପକ୍ଷରେ ନିଜର ଆତ୍ମସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷାକରି ତିଷ୍ଠି ରହିବା ଅସମ୍ଭବ ହେବ।

ମୋ: ୯୪୩୭୨୮୭୯୬୪

## sudoku — Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଉପରେ ନିଷେଧ କେବେ

ମହାଶୟ,

ବିବାହ, ପର୍ବପର୍ବାଣି, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା ଏବଂ ମାନସିକ ଅବସାଦର କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥ। ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀଙ୍କ କ୍ଷେତ୍ରରେ ଡିଜେ କମ୍ପନ ଗର୍ଭସ୍ଥ ଶିଶୁର ହୃଦ୍‌ସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍‌ରୋଗୀଙ୍କ ପାଇଁ ଡିଜେର କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମକରେ। ପରିବେଶବିତ୍‌ଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗ ପକ୍ଷୀ ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି। ଡିଜେ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବାଦ୍ୟଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରାଯାଉ ଏବଂ ଏହି କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ।

-ଅଖିଳ ତରାଇ, ଗଞ୍ଜାମ

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି ।
-(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା**

ବଡମ୍ବା,(ମାୟାଧର ମଲ୍ଲିକ) ବଡ଼ମ୍ବା ବ୍ଲକ ଟିଗିଆରୀ ପ୍ରକଳ୍ପ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଏକ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥିଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ଯୋଗ ଦେଇ ଥିଲେ। ସାଧନ କେନ୍ଦ୍ର ସଂଯୋଜକ ସୁରସୁନ୍ଦର ଶତପଥୀଙ୍କ ସଂଯୋଜନାରେ ଏବଂ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଘ୍ନେଶ୍ୱର ସୋରେନଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନା ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକଶିତ ହୋଇଥାଏ ବୋଲି କହିଥିଲେ। ଏଥିରେ ବଡମ୍ବା ମଣ୍ଡଳ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମ, ଚମ୍ପେଇଦ୍ୱାର ଗଦାପୋଖରୀ ଉନ୍ନୀତ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଟ୍ରାଙ୍କୁଲାଇଜ କରି ଧରିଲେ ମାଙ୍କଡ଼

### ମାଙ୍କଡ଼ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟଣା

ଆଠଗଡ,୨୫।୩(ସତ୍ୟ ପ୍ରସାଦ ରଥ): ଆଠଗଡ଼ ଥାନା ଅନ୍ତର୍ଗତ ରାଜନଗର ଗ୍ରାମରେ ୨୨ ତାରିଖରେ ମାଙ୍କଡ ଆକ୍ରମଣରେ ଅଭିରାମ ସାହୁଙ୍କ ସ୍ତ୍ରୀ ସୁଲୋଚନା ସାହୁ (୬୧)ଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ମାଙ୍କଡକୁ ଢେଙ୍କାନାଳର ରାପିଡ ରେସପନ୍ସ ଟିମ୍ ଏବଂ ଆଠଗଡ଼ ବନବିଭାଗ କର୍ମଚାରୀମାନେ ଟ୍ରାଙ୍କୁଲାଇଜ କରି କାବୁ କରିଛନ୍ତି। ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଆଠଗଡ଼ ସହକାରୀ ବନ ସଂରକ୍ଷକ ଚିଳିଚିବିଶ୍ୱାଳ ସୂଚନା ଦେଇଛନ୍ତି। ସୁଲୋଚନାଙ୍କୁ ଆକ୍ରମଣ କରିବା ପୂର୍ବରୁ ଏହି ମାଙ୍କଡ଼ ଆକ୍ରମଣରେ ଛଅ ରୁ ସାତ ଜଣ ଲୋକ ଆହତ ହୋଇଥିଲେ।

### ଓଡ଼ିଶା ଜନତା କଂଗ୍ରେସର ମିଶ୍ରଣ ପର୍ବ

ସାଲେପୁର,୨୫।୩(ଅରବିନ୍ଦ ଭୂୟାଁ): ନୂତନ ଭାବେ ଗଠନ ହୋଇଥିବା ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ବୁଧବାର ସାଲେପୁରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କେଶବ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ଜନତା କଂଗ୍ରେସର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଗତ ୨୪ ବର୍ଷର ସରକାର ଓ ବର୍ତ୍ତମାନର ଭାଜପା ସରକାରକୁ କଡ଼ା ସମାଲୋଚନା କରିଥିଲେ। ଓଡ଼ିଆ ଲୋକ ଏବଂ ଓଡ଼ିଆ ମାଟିର ସ୍ୱାଭିମାନ ରକ୍ଷା କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଲଢ଼େଇ ଜାରି ରଖିବ ରାଜ୍ୟ ସଭାପତି ମୋକିମ କହିଥିଲେ। ଓଡ଼ିଶା ଜନତା କଂଗ୍ରେସ ନେତା ଶିବୁ ବେହେରା ଏଥିରେ ପୌରୋହିତ୍ୟ କରିଥିଲେ। ନାରୀନେତ୍ରୀ ଗିରିବାଳା ବେହେରା, ସଙ୍ଗଠକ ଅନିଲ ବେହୁରା,ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଓଡ଼ିଶା ଜନତା କଂଗ୍ରେସର ନେତୃବୃନ୍ଦ ଯୋଗଦେଇଥିଲେ।

### ଏଚ୍‌ପିଭି ଟିକାକରଣ ପାଇଁ ସଚେତନତା

ତିଗିରିଆ,୨୫।୩(ଜାଫର ଖାଁ) ହ୍ୟୁମାନ ପାପିଲୋମା ଭାଇରସ୍ ବିଭିନ୍ନ ପ୍ରକାରର କର୍କଟ ରୋଗର କାରଣ ହୋଇଥାଏ। ଏହାର ନିରାକରଣ ପାଇଁ ତିଗିରିଆରେ ୧୪ ବର୍ଷର ବାଳିକାମାନଙ୍କୁ ଏଚ୍‌ପିଭି ଟିକା ପ୍ରଦାନ କାର୍ଯ୍ୟକ୍ରମ ମାର୍ଚ୍ଚ ୨ରୁ ଆରମ୍ଭ କରାଯାଇଛି। ଏଥିରେ ଯେପରି ଅଧିକ ବାଳିକା ଅଂଶଗ୍ରହଣ କରିବେ ସେନେଇ ବୁଧବାର ବିଦ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବଡ଼ମ୍ବା ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ପଣ୍ଡା ଏକ ସଚେତନତା ଗାଡିର ଶୁଭାରମ୍ଭ କରିଛନ୍ତି।

### ଅଧକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଙ୍କୀ,୨୫।୩(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଉପଖଣ୍ଡ ଡମପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରୁ ଅବସର ନେଇଥିବା ଅଧକ୍ଷ ସଚ୍ଚିଦାନନ୍ଦ ସାମଲଙ୍କୁ ମହାବିଦ୍ୟାଳୟ ତରଫରୁ ଆନୁଷ୍ଠାନିକ ଭାବେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନୂତନ ଅଧକ୍ଷ ଜଗଦୀଶ ହରିଚନ୍ଦନ ସଭାପତିତ୍ୱ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ଦେଓ, ସଂଘମିତ୍ରା ପଟ୍ଟନାୟକ, ସୌମ୍ୟଶ୍ରୀ ସାଇପ୍ରଭା, ଅଧ୍ୟାପକ ଦେବାଶିଷ ମିଶ୍ର, ଦାମୋଦର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ଅଧକ୍ଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଚାଷୀଙ୍କ ଖାତାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ

**କଢ଼ାମଲ୍ଲ ପୂର୍ବଗାଡ଼ିଆ ସେବା ସମବାୟ ସମିତିର ପୂର୍ବତନ ସମ୍ପାଦକଙ୍କ ନାମରେ ମହା ଦୁର୍ନୀତି ଅଭିଯୋଗ**

**■ ଅଡିଟ୍ ରିପୋର୍ଟରେ ଧରା ପଡ଼ିବା ପରେ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ**

ବାଙ୍କୀ,୨୫।୩(ଶୁଭେନ୍ଦୁ ମହାପାତ୍ର): ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା କଢ଼ାମଲ୍ଲ ପୂର୍ବଗାଡ଼ିଆ ସେବା ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଏହି ସମିତିର ପୂର୍ବତନ ସମ୍ପାଦକ ସନ୍ତୋଷ କୁମାର ଜୟସିଂ ଚାଷୀଙ୍କ ଖାତାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗ ଆସିବା ପରେ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶଥାଉ କି, ଉକ୍ତ ସମିତିର ପୂର୍ବତନ ସମ୍ପାଦକ ସନ୍ତୋଷ ଜୟସିଂ ୨୦୨୪ରେ ୧୬୭ ଜଣ ଚାଷୀଙ୍କ ନାମ ଲେଜରରେ ପୋଷ୍ଟ ହୋଇଥିବା ଏଣ୍ଟ୍ରିଗୁଡ଼ିକୁ ଡେ' ବୁକକୁ ନ ଚଢ଼ାଇ ସେମାନଙ୍କ ଆକାଉଣ୍ଟରୁ ୧କୋଟି ୨ଲକ୍ଷ ୯୮ହଜାର ୯୬୦ଟଙ୍କା ହଡ଼ପ କରି ନେଇଥିବା ଜଣାପଡ଼ିଛି। ସେହିପରି ସୋସାଇଟିକୁ ଆସିଥିବା ସାର ଯାଞ୍ଚ ନ ହେବା ଏବଂ ସାର ଷ୍ଟକ୍ ହସ୍ତାନ୍ତର କରା ନ ଯାଇ ୩ଲକ୍ଷ ୩୭ହଜାର ୪୮୦ଟଙ୍କା ଓ ବିହନ ଯାଞ୍ଚ ନ ହୋଇ ସାର ବିହନ ହସ୍ତାନ୍ତର ନ କରି ୨ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଗତ ଫେବୃଆରୀ ୧୩ରେ ଚିଠି ସଂଖ୍ୟା. ୩୮୯ରେ ହୋଇଥିବା ସମିତିର ଅଡିଟ ରିପୋର୍ଟରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଚାଷୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସମିତିର ପୂର୍ବତନ ସମ୍ପାଦକ ଓ ବାଙ୍କୀ ମଣ୍ଡଳ ସମବାୟ ସମିତି ସମୂହର ଅଧିକାରୀ ମିଳିମିଶି ଚାଷୀଙ୍କ ଅର୍ଥ ଆତ୍ମସାତ୍ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ସମିତି ସମ୍ପାଦକଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଥିବାବେଳେ ବର୍ତ୍ତମାନ ସେ ପଣ୍ଡାଳମ୍ ସେବା ସମବାୟ ସମିତିରେ କାର୍ଯ୍ୟ କରୁଛନ୍ତି। ସେହି ସମିତିରେ ମଧ ଦୀର୍ଘ ୫ବର୍ଷ ହେଲାଣି ଅଡିଟ ହୋଇ ନ ଥିବାବେଳେ ସମ୍ପାଦକ ଅଡିଟ କରାଇ ଦେଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ବାଙ୍କୀ ମଣ୍ଡଳ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ସୁରେନ୍ଦ୍ର ନାଥ ଜେନାଙ୍କୁ ପଚାରିବାରେ ସେ କହିଛନ୍ତି, ଅଡିଟ ରିପୋର୍ଟ ଆମର ହସ୍ତଗତ ହୋଇଛି ଏବଂ ତଦନ୍ତ ପରେ ଆମେ ସମସ୍ତ ସୂଚନା ପ୍ରଦାନ କରିବୁ ବୋଲି କହି କଥାକୁ ଏଡ଼ାଇ ଦେଇଛନ୍ତି। ଅନ୍ୟପଟେ ଏହି ମହା ଦୁର୍ନୀତିର ନିରପେକ୍ଷ ତଦନ୍ତ ଏବଂ ୫ ବର୍ଷ ଧରି ଅଡିଟ କରା ନ ଯିବା ପଛରେ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତି ଥାଇପାରେ ବୋଲି ଚାଷୀମାନେ ଅଭିଯୋଗ କରିବା ସହ ଅଡିଟ ରିପୋର୍ଟ ଅନୁଯାୟୀ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି।

## ବିଧାୟକଙ୍କ କୁଶପୁତ୍ତଳିକା ଦାହକଲା ଯୁବ କଂଗ୍ରେସ



ବାଙ୍କୀ/ତାଳବସ୍ତ, ୨୫।୩(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ସୁବ୍ରତ କୁମାର) : ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବାଙ୍କୀ ମାଟିର ସ୍ୱାଭିମାନ ଓ ଗରିମା ନଷ୍ଟ କରିଥିବା ଅଭିଯୋଗ କରି ବୁଧବାର ଯୁବ କଂଗ୍ରେସ ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଙ୍କୀ ଯୁବ କଂଗ୍ରେସ ସଭାପତି ରାକେଶ ବେହେରା ଓ ଯୁବନେତା ରମାକାନ୍ତ ସେଠୀଙ୍କ ଅଧକ୍ଷତାରେ ବାଙ୍କୀ ଯୁବ କଂଗ୍ରେସ ପକ୍ଷରୁ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ତ୍ରିପାଠୀଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ବାଙ୍କୀ ନଗର କଂଗ୍ରେସ ସଭାପତି କାଶୀନାଥ ମହାପାତ୍ର, ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ୍ ପଟ୍ଟନାୟକଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ସ୍ୱାବଲମ୍ବୀ ହେବାକୁ ମହିଳାଙ୍କୁ ଆହ୍ୱାନ

**ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ**

ମାଣିଆବନ୍ଧ,୨୫।୩ (ଅଖିଳ କୁମାର ସାହୁ ): ବଡ଼ମ୍ବା ବ୍ଲକ ସମ୍ମିଳନୀ କକ୍ଷରେ ଜିଲା ଶିଳ୍ପ କେନ୍ଦ୍ର, କଟକ ଆନୁକୂଲ୍ୟରେ 'ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ମହିଳା ଓ ଯୁବ ଗୋଷ୍ଠୀଙ୍କୁ ସରକାରୀ ସହାୟତାରେ ସ୍ୱାବଲମ୍ବୀ ହେବା ପାଇଁ ଗୁରୁମନ୍ତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ନମିତା ମିଶ୍ର ଅଧକ୍ଷତା କରିଥିବା ବେଳେ ବିଡିଓ ଚିତ୍ତ ରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସରକାରୀ ଯୋଜନା ଓ ଋଣ ଉପରେ ଆଲୋଚନା କରାଯିବା ସହ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ବିଭିନ୍ନ ଅନୁଦାନଯୁକ୍ତ ଋଣ ବ୍ୟବସ୍ଥା ଯଥା ପିଏମ୍‌ଇଜିପି ଓ ପିଏମ୍ଏଫ୍ଏମ୍‌ଇ ଯୋଜନାର ଉପାଦେୟତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ମହିଳାମାନେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଉଦ୍ୟୋଗ ସ୍ଥାପନ କରି ସଫଳତା ଅର୍ଜନ କରିଥିବା ବିଭିନ୍ନ ଉତ୍ପାଦିକା ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବାର ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। କଟକ ଜିଲା ଏଫ୍ଏଲ୍‌ସି ସତ୍ୟ ନାରାୟଣ ରାଉତ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସତ୍ୟ ବିକ୍ରମ ତରାଇ, ସହକାରୀ ମତ୍ସ୍ୟ ଅଧିକାରୀ ଲିପ୍ସା ରାଣୀ ସେଠୀ, ଏସ୍‌ବିଆଇ କ୍ଷେତ୍ର ଅଧିକାରୀ ଅଜିତ ଦାସ, ଆଠଗଡ଼ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ଅଜିତ ଦାସ ଏବଂ ଶିଳ୍ପ ବିକାଶ ଅଧିକାରୀ ରମାକାନ୍ତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ମିଶନ ଶକ୍ତି ସଂଯୋଜକ ଚିତ୍ତରଞ୍ଜନ ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

# ସ୍ଥିତି ଅନୁଧ୍ୟାନକଲା ଡାକ୍ତର ଟିମ୍, ପ୍ରଶାସନ

**କଦଳୀବାଡି ସେବାଶ୍ରମରେ ଜଣ୍ଡିସ ବ୍ୟାପିବା ଘଟଣା**

**■ କୂଅରେ ବ୍ଲିଚିଂ ପାଉଡର ପକାଇ ବିଶୋଧନ କରାଗଲା**



କଦଳୀବାଡ଼ି ସେବାଶ୍ରମରେ ଉପଜିଲାପାଳ ଓ ଡାକ୍ତରୀଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି।

ବାଙ୍କୀ , ୨୫।୩( ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀ ବାଡି ପଞ୍ଚାୟତସ୍ଥିତ ସେବାଶ୍ରମରେ ଜଣ୍ଡିସ ବ୍ୟାପିଥିବା ଜଣାପଡ଼ିବା ପରେ ବୁଧବାର ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କୂଅରେ ବ୍ଲିଚିଂ ପକାଇ ବିଶୋଧିତ କରାଯାଇଛି। ଏଥିସହ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଦ୍ୟାଳୟରେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ରିପୋର୍ଟ ସଂଗ୍ରହ କରାଯାଇଛି। ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ବିଡିଓ ଅଗ୍ନିଜା ଶିବଦତ୍ତ, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ, ଡା.କାଶୀନାଥ ପଣ୍ଡା, ମୋନାଲିସା ରାଉତରାୟ, ସୁପର ଭାଇଜର ମାନଭଞ୍ଜନ ଦଳେଇ, ସଞ୍ଜୟ ପୃଷ୍ଟି ପ୍ରମୁଖ ସେବାଶ୍ରମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନେ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। କଦଳୀ ବାଡି ସେବାଶ୍ରମ ସରକାରୀ ବିଦ୍ୟାଳୟରେ ୭୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଜଣ୍ଡିସ ରୋଗ ଯୋଗୁ ପିଲାଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। କିଛିଦିନ ହେବ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସୁ ନ ଥିବା ବେଳେ ସୋମବାର ୨୭, ମଙ୍ଗଳବାର ୨୮ ଏବଂ ବୁଧବାର ୨୯ ଜଣ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବା ଜଣାପଡ଼ିଛି। ୬ ଜଣ ଛାତ୍ରୀଛାତ୍ର ଜଣ୍ଡିସ ରୋଗରେ ଆକ୍ରାନ୍ତ ଥିବା ସ୍ପଷ୍ଟ ହୋଇଛି। ୬୧ ଜଣ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ କଟକ ପଠାଯାଇଛି। ବିଦ୍ୟାଳୟ ପରିସରରେ ଥିବା କୂଅ ଏବଂ ନଳକୂପ ପାଖରେ ନିର୍ମାଣ କରାଯାଇଥିବା ଶୌଚାଳୟ ଏବଂ ନିର୍ମାଣାଧୀନ ପାଣି ଟାଙ୍କିକୁ ବିଦ୍ୟାଳୟ ପକ୍ଷରୁ ସଫେଇ କରାଯାଉନଥିବାରୁ ଜଣ୍ଡିସ ବ୍ୟାପୁଛି ବୋଲି ଅଭିଭାବକ ଓ ଗ୍ରାମବାସୀ ଅଭିଯୋଗ କରିବା ପରେ ଏବିଡିଓ ମିତା ବେହେରାଙ୍କ ସମେତ ଡା. ଅମରେଶ ପୂର୍ବରୁ ଟିମ୍ ପଠାଇ ତଦନ୍ତ କରିଥିଲେ। ଆଗକୁ ଯେପରି ଅଧିକ ଜଣ୍ଡିସ ନ ବ୍ୟାପିବ ସେନେଇ ଲୋକଙ୍କୁ ସଚେତନ କରାଯାଇଥିବା ଜଣାପଡ଼ିଛି।

**OFFICE OF THE PRINCIPAL**
**D.A.V. AUTONOMOUS COLLEGE TITILAGARH**
Dayananda Vihar, Titilagarh, Dist.-Bolangir, Pin-767042
Email Id: principal.davcollege@gmail.com, Website:davcollegetitilagarh.org
NAAC ACCREDITED- "B+"
Letter No.345/ Date 25.03.2026

**QUOTATIONS CALL NOTICE**

Sealed quotations are invited separately from interested registered manufactures/firms/suppliers/authorised dealers having PAN/GST registration number with IT clearance for the supply and installation of Desktop Computer (ALL in One), Uninterrupted Power Supply (UPS) system/ Inverter and Multi-function Printers (MFP) for the college by Speed Post / Registered Post/ Courier/ e-mail within 07 days from the publication of notice. For specification please visit college website www.davcollegetitilagarh.org. The undersigned reserved the right to cancel part or whole of quotations without specifying any reason thereof. In case of any doubt, you can contact Office of the Principal Mob-9078110060.

Sd./- Principal
D.A.V. Autonomous College, Titilagarh

**OFFICE OF THE PRINCIPAL, CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR**
Plot No. GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, PIN - 751023
Phone No.: 0674-2300915/2300916, E-mail ID: pccfkldak@gmail.com
**ABRIDGED TENDER CALL NOTICE**
File No. 3KL (WFA) 01/2026
No. 30 Dated: 25th, March, 2026

**PROCUREMENT OF HESSIAN CLOTH (SUPERIOR) AND HESSIAN TWINE**

Sealed tenders in prescribed format are invited from Companies/Firms/ Manufacturers/Traders of Hessian material for supply about 463 Bales of Hessian Cloth (Superior) and 12.00 MT of Hessian Twine for 2025 KL Crop Year. The tender document along with terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- (Rupees ten thousand) only towards cost of tender paper (Non-refundable) in the (Account No. 32269698772 (State Bank of India, Fortune Towers Branch, IFSC Code: SBIN0004414. The tender document can also be downloaded from Kendu Leaf Organization Web Portal: https://kenduleaves.odisha.gov.in.

**SCHEDULE OF TENDER**

| | |
|---|---|
| Sale of Tender Document | On all working days from 25.03.2026 to 09.04.2026 |
| Cost of tender documetns (Non-refundable) | Rs.10,000/- |
| Last date of submission of tender | 09.04.2026 (5.00 P.M.) |
| Opening of Technical bid and evaluation | 10.04.2026 (11.00 A.M.) |
| Opening of Financial Bid | 10.04.2026 (4.00 P.M.) |

Sd./- ACCF (Kendu Leaves)

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523
**INVITATIONS FOR BIDS (IFB)**
File No. B-IV-H-(H&D)-133/2023 Lr. No. 9467 /Bhubaneswar, 19th Mar., 2026
No. 34001/249/2526 **INVITATION FOR BIDS**
**Bid Identification No. C.E.-Bldg-II-59/2025-26**

| | | | |
|---|---|---|---|
| 1. | The Chief Engineer, Buildings-II (I/c), Odisha on behalf of Governor of Odisha, invites bids from reputed Indian firms/contractor registered with the State Government and bidders of equivalent Grade/Class registered with Central Government/MES/Railways for the infrastrcture works detailed in the table below on turnkey basis (i.e. Architectural planning with detailed design, vetting & execution) | | |
| 2. | Nature of Works | : | 1. Construction of Dharmshala-cum-Guest House and Skill Centre for Homi Bhabha Cancer Hospital and Research Centre, Jatni, Khordha on Turnkey basis. 2. Construction of District Court Complex (B+G+4) at Dhenkanal on Turnkey basis. |
| 3. | No. of Work | : | 02 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From Dt.30.03.2026 to 05.30 P.M. of Dt.20.04.2026 |
| 7. | Pre-bid meeting | : | Dt.08.04.2026 at 11.30 A.M. |
| 8. | Last date of online submission of bid | : | Dt.20.04.2026 upto 5.30 P.M. |
| 9. | Last Dt. of submission of hardcopy (Cover-III). | : | Dt.24.04.2026 upto 5.30 P.M. |
| 10. | Date of Opening of Bid | : | Dt.27.04.2026 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | | |

OIPR-34001/34117/1/25-26/0043
Sd./- Chief Engineer, Buildings-II (I/c), Odisha, Bhubaneswar

GOVERNMENT OF ODISHA No. 34001/257/2526
**OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR**
Phone: 0680-2281582, e-mail: ccescbam@gmail.com
**INVITATIONS FOR BIDS (IFB) [e-Procurement]**
**Bid Identification No. CCE, SC (R&B)-BAM-18/2025-26**
No. 982 Dated: 20.03.2026
1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building and Road works as detailed in the table below.
2) Nature of Work : Building and Road Works
3) No. of Work : 07 Nos.
4) Tender Cost : Rs.10,000/- (Online)
5) Class of Contractor : "B" Class / "A" Class
6) Availability of bid document in the website : 31.03.2026 10.00 A.M. to 15.04.2026 5.30 P.M.
7) Date of opening of Bid : 16.04.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum/corrigendum/cancellation of tender can also be seen in the said website only.
Sd./- (Damodar Kaibartta)
Chief Construction Engineer
OIPR-34001/34103/1/25-26/0029 Southern (R&B) Circle, Berhampur

GOVERNMENT OF ODISHA
**OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH**
E-mail: eepwdbgh@gmail.com, Phone/Fax: 06646-234819
**INVITATIONS FOR BIDS (I.F.B.)**
No. 34001/270/2526 **e-Procurement Notice**
**IDENTIFICATION No. IFB-SE PWD BGH No. 29 of 2025-26**
No. 1738 Dated: 24.03.2026
1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil & Electrical Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Civil & Electrical Work : 02 Nos.
3. Cost of Tender Paper : Rs.6,000/- & Rs.10,000/-
4. Class of Contractor : "B" Class Contractor & "HT" Electrical Contractor
5. Date & time of available in website & receipt of Bids : 11.00 Hrs. of 26.03.2026 to 17.00 Hrs. of 06.04.2026
6. Date of Opening of Technical Bid : 07.04.2026 at 11.30 Hrs.
7. The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
8. Any corrigendum/addendum will be displayed in the website https://tendersodisha.gov.in only.
Sd./- Superintending Engineer Bargarh (R&B) Division
OIPR-34001/34039/1/25-26/0003

**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: SBP/MCL/IAD/CS&PVFA Auditors/2025-26/02, ତା.24.03.2026ରିଖ

**ବର୍ଷ ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ୩ ବର୍ଷ ଅବଧି ପାଇଁ ଆନ୍ତରିକ ଲେଖା ପରୀକ୍ଷକ ଏବଂ ଲିଡ୍ ଲେଖା ପରୀକ୍ଷକ (କୋଇଲା ବିକ୍ରୀ ଏବଂ ଫିକ୍ସଡ ଆସେଟ୍ସର ପ୍ରତ୍ୟକ୍ଷ ସତ୍ୟାପନ ର ଲେଖା ପରୀକ୍ଷା) ନିଯୁକ୍ତି ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି।**

ଏମ୍‌ସିଏଲର କ୍ଷେତ୍ର/ୟୁନିଟ/ମୁଖ୍ୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ କୋଇଲା ବିକ୍ରୀ ଲେଖା ପରୀକ୍ଷା (13 ଲେଖା ପରୀକ୍ଷା ସଂସ୍ଥା) ଏବଂ ଫିକ୍ସଡ ଆସେଟ୍ସର ପ୍ରତ୍ୟକ୍ଷ ସତ୍ୟାପନ (10 ଲେଖା ପରୀକ୍ଷା ସଂସ୍ଥା) କାର୍ଯ୍ୟ ନିର୍ବାହନ ପାଇଁ ଆନ୍ତରିକ ଲେଖା ପରୀକ୍ଷକ ଏବଂ ଲିଡ୍ ଲେଖା ପରୀକ୍ଷକ, ତେଇଶି (23) ଲେଖା ପରୀକ୍ଷା ସଂସ୍ଥା (02 ଲିଡ୍ ଲେଖା ପରୀକ୍ଷା ସଂସ୍ଥା ସହିତ)ମାନଙ୍କର 2026-27 ରୁ 2028-29 ପର୍ଯ୍ୟନ୍ତ 3 ବର୍ଷ ଅବଧି ପାଇଁ ନିଯୁକ୍ତି ନିମନ୍ତେ ଚୟନ ପାଇଁ ଭାରତର ଚାର୍ଟାଡ ଅକାଉଣ୍ଟାଣ୍ଟ ସଂସ୍ଥା / କଷ୍ଟ ଅକାଉଣ୍ଟାଣ୍ଟ ସଂସ୍ଥା ସହିତ ପଞ୍ଜୀକୃତ ଚାର୍ଟାଡ ଅକାଉଣ୍ଟାଣ୍ଟ / କଷ୍ଟ ଅକାଉଣ୍ଟାଣ୍ଟ ଭାବେ ଅଭ୍ୟାସଗତ ଚାର୍ଟାଡ ଅକାଉଣ୍ଟାଣ୍ଟ ଅଥବା କଷ୍ଟ ଅକାଉଣ୍ଟାଣ୍ଟ କିମ୍ବା ଏକ ସଂସ୍ଥା / ଏଲ୍ଏଲ୍‌ପିଙ୍କ ଠାରୁ ସିଆଇଏଲର ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ (https://coalindiatenders.nic.in) ରେ ଇ-ଟେଣ୍ଡର ମାଧ୍ୟମରେ ଆଗ୍ରହର ଅଭିବ୍ୟକ୍ତି ଆହ୍ୱାନ କରାଯାଉଛି। ସମ୍ପୂର୍ଣ୍ଣ ସୂଚନା ପାଇଁ ଆଗ୍ରହୀ ସଂସ୍ଥା ସିଆଇଏଲର ଇ-ପ୍ରୋକ୍ୟୋରମେଣ୍ଟ ପୋର୍ଟାଲ (https://coalindiatenders.nic.in) ରେ ଦେଖିବା ପାଇଁ ପରାମର୍ଶ ଦିଆଯାଉଛି। ବିଡ୍ ପ୍ରକାଶନର ତାରିଖ ଓ ସମୟ: 30.03.2026 ଅପରାହ୍ନ 17.00 ଘଣ୍ଟା (ଭାରତୀୟ ମାନକ ସମୟ) ଠାରୁ, ବିଡ୍ ଦାଖଲର ଅନ୍ତିମ ତାରିଖ ଓ ସମୟ: 16.04.2026 ଅପରାହ୍ନ 17.00 ଘଣ୍ଟା ପର୍ଯ୍ୟନ୍ତ। ବିଡ୍ ଖୋଲାହେବା ତାରିଖ ଓ ସମୟ: 17.04.2026 ପୂର୍ବାହ୍ନ 11.00 ଘଟିକା (ଭାରତୀୟ ମାନକ ସମୟ)। ଆଗ୍ରହୀ ସଂସ୍ଥାମାନଙ୍କୁ ସେମାନଙ୍କର ବିଡ୍ ଦାଖଲ କରିବା ପୂର୍ବରୁ ନିୟମିତ ଉପରୋକ୍ତ ୱେବସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଉଛି, କାରଣ ପରବର୍ତ୍ତୀ ଯେକୌଣସି ସୂଚନା କେବଳ ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ।
R-5291 ମୁଖ୍ୟ ଆନ୍ତରିକ ଲେଖା ପରୀକ୍ଷା, ଏମ୍‌ସିଏଲ

**GANGADHAR MEHER UNIVERSITY**
Amruta Vihar, Sambalpur, Odisha-768001
Advt. No. 1377/GMU, Date 25.03.2026

**INVITATION OF EXPRESSION OF INTEREST FOR ENGAGEMENT OF PMC FOR CONSTRUCTION OF DIFFERENT BUILDINGS AT G.M. UNIVERSITY, SAMBALPUR**

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction and minor repair of different buildings at the G.M. University, Sambalpur. Interested agencies are requested to visit the official website www. Gmuniversity.ac.in for details. The last date of receiving of EoI is 09.04.2026 by 4.00 PM.
N.B.
- Authority reserves the right to reject all or any of the Proposals without assigning any reasons whatsoever.
- Hereafter, any corrigendum/amendment shall be published only on the University Website i.e.www.gmuniversity.ac.in.

Sd/- Registrar

SYNISE e-Sale & Sourcing
Opportunity to Buy
**Iron Oxide**
Interested Buyers Please Contact on below numbers :
8308810330 / 9163166805
swaruph@synise.com

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. CAOCRSPBBS-05-2026
କାର୍ଯ୍ୟର ନାମ : (1) ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନସ୍ଥ ହାଓଡ଼ା-ଚେନ୍ନାଇ ମେନ୍ ଲାଇନରେ ବୈତରଣୀ ରୋଡ୍-କୋରାଇ ରେଳ ଷ୍ଟେସନ ମଧ୍ୟରେ ରେଳବାଇ କି.ମି. 325.625ଠାରେ ଲେଭେଲ କ୍ରସିଙ୍ଗ ନଂ. 134 ପରିବର୍ତ୍ତେ ଏକ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ, ଯେଉଁଥିରେ ରେଳବାଇ ଅଂଶ ନିମନ୍ତେ (1 X 60.0 M) କ୍ୟାମେଲ ବ୍ୟାକ ଟାଇପ୍ ଗ୍ରସ୍ ଗର୍ଡର ଓ (1 X 36.0 M) କମ୍ପୋଜିଟ୍ ଗର୍ଡର (ବ୍ରିଜ୍ ପ୍ରପର) ଏବଂ ଆପ୍ରୋଚ ଅଂଶ ନିମନ୍ତେ ସାଥିପୁର ପାର୍ଶ୍ୱରେ 9 X 25.040 M RCC T-ବିମ୍ ଗର୍ଡର ଓ ବରୁଣଦେଇ ପାର୍ଶ୍ୱରେ 4 X 10.00 M + 4 X 9.00 M + 1 X 7.00 M ସଲିଡ୍ ସ୍ଲାବ୍ ଏବଂ 8 X 25.04 M RCC T-ବିମ୍ ଗର୍ଡର ଅନ୍ତର୍ଭୁକ୍ତ। (2) ହାଓଡ଼ା-ବିଶାଖାପାଟଣା ମେନ୍ ଲାଇନରେ କୋରାଇ ଏବଂ ବୈତରଣୀ ରୋଡ୍ ରେଳ ଷ୍ଟେସନ ମଧ୍ୟରେ କି.ମି. 331/28-26 F/HWH ଠାରେ ଲେଭେଲ କ୍ରସିଙ୍ଗ ନଂ. 137 ପରିବର୍ତ୍ତେ ଏକ ରୋଡ୍ ଓଭର ବ୍ରିଜ୍ (ROB)ର ନିର୍ମାଣ, ଯେଉଁଥିରେ ରେଳବାଇ ଅଂଶ ନିମନ୍ତେ ରଗାଡ଼ି ପାର୍ଶ୍ୱରେ ବ୍ରିଜ୍ ପ୍ରପର ଭାବେ (1 X 60.0 M) କ୍ୟାମେଲ ବ୍ୟାକ ଟାଇପ୍ ଗ୍ରସ୍ ଗର୍ଡର ଓ 1 X 18 M କମ୍ପୋଜିଟ୍ ଗର୍ଡର ଏବଂ କି.ମି. 331/28-26 F/HWH ଠାରେ ଆପ୍ରୋଚ ଅଂଶ ନିମନ୍ତେ ପାଣିକୋଇଲି ପାର୍ଶ୍ୱରେ 7 X 24.0 M RCC T-ବିମ୍ ଗର୍ଡର ଓ ଦେଉଳନମେଳା ପାର୍ଶ୍ୱରେ 7 X 24.0 M RCC T-ବିମ୍ ଗର୍ଡର ଅନ୍ତର୍ଭୁକ୍ତ।
ବିଜ୍ଞାପିତ ମୂଲ୍ୟ : ₹ 148,36,84,368.35, EMD : ₹ 75,68,400/-, ଶେଷ ହେବା ଅବଧି: 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.27.03.2026ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.04.2026ରିଖ 1200 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଉପ ମୁଖ୍ୟ ଯନ୍ତ୍ରୀ / ନିର୍ମାଣ / RSP / ଭୁବନେଶ୍ୱର
PR-320/CI/25-26

**ଅବସରପ୍ରାପ୍ତ ଅଣ-ଗେଜେଟେଡ୍ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର କର୍ମଚାରୀଙ୍କ ପୁନଃ ନିୟୋଜନ**

**ଅଧିସୂଚନା**

(୧) ରେଳବାଇ ବୋର୍ଡର ପତ୍ର ସଂ. ଇ(ଏନ୍‌ଜି)II/୨୦୨୪/ଆରସି-୪/୯, ତାରିଖ: ୧୫।୧୦।୨୦୨୪ ଏବଂ ୩୧।୧୨।୨୦୨୪; (୨) ଡେପୁଟି ଏଫ୍ଏ ଆଣ୍ଡ ସିଏଓ (କି) ଅଧିସୂଚନା: ଏଡିଏମ୍ଏନ୍/II/ଏସ୍‌ଇ/ରି-ଏନ୍‌ଗେଜ/ନନ୍-ଗେଜ/ପିଟି-IV, ତାରିଖ: ୨୩।୦୩।୨୦୨୬ ଅନୁଯାୟୀ ଅବସରପ୍ରାପ୍ତ ଅଣ-ଗେଜେଟେଡ୍ ରେଳବାଇ ଆକାଉଣ୍ଟସ୍ କର୍ମଚାରୀଙ୍କ ପୁନଃ-ନିୟୋଜନ ପାଇଁ ଆବେଦନ ଆହ୍ୱାନ କରାଯାଉଛି। **ଆବେଦନ ଦାଖଲର ଶେଷ ତାରିଖ ହେଉଛି ୧୫।୦୪।୨୦୨୬।** ପଦବୀ, ଖାଲିସ୍ଥାନ ଏବଂ ଯୋଗ୍ୟତା ମାନଦଣ୍ଡର ବିବରଣୀ ନିମ୍ନ ଅନୁଯାୟୀ ଅଟେ:

| ବିଭାଗ | ପଦବୀର ନାମ | ଖାଲିସ୍ଥାନର ସଂଖ୍ୟା | ଯୋଗ୍ୟ ଆବେଦନକାରୀ |
|---|---|---|---|
| ଆକାଉଣ୍ଟସ | ଡିଭିଜନାଲ କ୍ୟାସିୟର | ୦୪ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଡିଭିଜନାଲ କ୍ୟାସିୟର |
| ଆକାଉଣ୍ଟସ | ଆଇଓସି | ୦୨ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଆଇଓସି |
| ଆକାଉଣ୍ଟସ | ସିନିୟର କ୍ୟାଶିୟର ଏବଂ ହେଡ୍ ଶ୍ରଫ୍ | ୦୫ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ୟାଶିୟର ଓ ହେଡ୍ ଶ୍ରଫ୍ |
| ଆକାଉଣ୍ଟସ | ଓଏସ୍ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଓଏସ୍ |
| ଆକାଉଣ୍ଟସ | ସିନିୟର କ୍ଲର୍କ/ ଜୁନିୟର କ୍ଲର୍କ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ଲର୍କ/ଜୁନିୟର କ୍ଲର୍କ |

ସବିଶେଷ ଅଧିସୂଚନା ଏବଂ ନିର୍ଦ୍ଧାରିତ ଫର୍ମାଟ୍ ୱେବସାଇଟ୍: https://ser.indianrailway.gov.in ନ୍ୟୁଜ୍ ଆଣ୍ଡ ଅପଡେଟ୍ସ ଏମ୍ପ୍ଲୟମେଣ୍ଟ ନୋଟିଫିକେସନ୍ କିମ୍ବା http://10.41.2.100 (ରେଲ୍‌ନେଟ୍)ରେ ଉପଲବ୍ଧ।
ପ୍ରଧାନ ଆର୍ଥିକ ଉପଦେଷ୍ଟା, ଗାର୍ଡେନ୍ ରିଚ୍, କୋଲକାତା-୭୦୦୦୪୩
(PR-1346) ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING E-TENDER**

| E-Tender No. | Tender Description: | Estimated Cost |
|---|---|---|
| SGM-NZ-BLS-07/2025-26 | Bids are invited under single stage two-envelop system from reputed manufactures/ firms/ contractors for Metal spreading in 132kV & 33kV S/Y of 132/33 kV GSS, Baripada under EHT (O&M) Division Baripada under Northern (O&M) Zone, Balasore. | Rs. 33,14,980/- |
| SGM-SZ-BAM-18/2025-26 | Bids are invited under single stage two-envelop system from reputed contractors having valid B class Civil license and HT/EHT license or a valid HT/EHT license having EHT supervisor and Civil license (B class) for Painting of 220kV Jayanagar-Balimela DC line under EHT (O&M) Division, Jayanagar under Southern (O&M) Zone, Berhampur | Rs. 55,29,185/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.
/optcl.odisha /optcl_odisha HIPR-87/2025-26

# ଆଜି ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର,୨୫।୩
(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବୁଧବାର ରାତିରେ ରଥଖଳାରେ ମହାରଣା କାରିଗରମାନେ ମନ୍ଦିର କାର୍ଯ୍ୟାଳୟକୁ ରଥ ହସ୍ତାନ୍ତର କରିବା ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମରୀଚିକୁଣ୍ଡରୁ ଏକ ଘଡ଼ା ପାଣି ଆସିଥିଲା। ଏହା ପରେ ପୁରୀରୁ ଆସିଥିବା ରାଜଗୁରୁ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗର ୧୮ଜଣ ସଦସ୍ୟଙ୍କୁ ଗୁଆ, ନଡ଼ିଆ, ପଇତା ବସ୍ତ୍ର ଦେଇ ବରଣ କରିଥିଲେ। ତା'ପରେ ପ୍ରଥମ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୀର୍ଘ ସାଢ଼େ ୩ଘଣ୍ଟା ପୂଜାର୍ଚ୍ଚନା ହୋମ ହୋଇଥିଲା । ପରେ ରଥ ଉପରେ ଚାରିଦ୍ୱାର ଏବଂ ରଥରେ ପୂର୍ବରୁ ଆସିଥିବା ମରୀଚିକୁଣ୍ଡ ପାଣି ସିଞ୍ଚନ କରାଯାଇ ଦଧିନଉତିରେ ଧ୍ୱଜା ବନ୍ଧାଯାଇ ରଥ ପ୍ରତିଷ୍ଠା ସମ୍ପନ୍ନ ହୋଇଥିଲା ବୋଲି ବରିଷ୍ଠ କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ଅଶୋକ କୁମାର ଶତପଥୀ କହିଛନ୍ତି।



### ରଥ, ପଥ ପ୍ରସ୍ତୁତ

ରୁକୁଣା ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନ, ବିଏମ୍‌ସି, ଜଳ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ପରି ବିଭିନ୍ନ ବିଭାଗର ପ୍ରସ୍ତୁତି ଶେଷ ହୋଇଛି। ଏହା ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ମଧ ପ୍ରଶାସନ ପକ୍ଷରୁ ଆମନ୍ତ୍ରଣ କରାଯାଇଛି। ଆଶୁ ଚିକିତ୍ସା, ଜଳ ସିଞ୍ଚନ, ଆପାତକାଳୀନ ଚିକିତ୍ସାରେ ସହଯୋଗ କରିବା ପାଇଁ ଆମ୍ବୁଲାନ୍ସ ମଧ ରହିଛି। ମନ୍ଦିର ସିଂହଦ୍ୱାରକୁ ଫୁଲରେ ସଜାଯାଇଥିବା ବେଳେ ଆଲୋକୀକରଣ ମଧ କରାଯାଇଛି। ଗୁରୁବାର ଦୈନିକ ନୀତି, ଆଳତି ଅବକାଶ, ଦର୍ଶନ, ପହଣ୍ଡି ରଥରେ ପୂଜା, ଚାରମାଳ ଖୋଲାଯିବା ପରେ ଅପରାହ୍ନ ୨ଟା ୩୦ରେ ରଥ ଟଣାଯିବ ବୋଲି ନୀତନିର୍ଘଣ୍ଟ ହୋଇଛି।

### ଜଗିବେ ୧୬ ପ୍ଲାଟୁନ ପୋଲିସ ଫୋର୍ସ

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମୋଟ ୧୬ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ୩୦ଜଣ ମହିଳା କନଷ୍ଟେବଲ, ୨୫ଜଣ ଏସ୍‌ଆଇ ଓ ଏଏସ୍‌ଆଇ, ୧୩ଜଣ ଇନ୍‌ସ୍ପେକ୍ଟର୍, ୭ଜଣ ଏସିପି, ୩ଜଣ ଆଡିସନାଲ ଡିସିପି ଏବଂ ୨ଜଣ ଡିସିପି ର୍‍ୟାଙ୍କର ଅଧିକାରୀ ମଧ ନିୟୋଜିତ କରାଯାଇଛି। ଭକ୍ତମାନଙ୍କ ସୁରକ୍ଷା ଓ ଯାତ୍ରାର ସୂଚାରୁଭାବେ ପରିଚାଳନା ପାଇଁ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ନେଇ ବ୍ୟବସ୍ଥା କରାଯାଇଛି ବୋଲି ଲିଙ୍ଗରାଜ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



ରୁକୁଣା ରଥ ପ୍ରତିଷ୍ଠା ପାଇଁ ମରିଚି କୁଣ୍ଡରୁ ପାଣି ନିଆଯାଉଛି।

### ରଥ ତଦାରଖ କଲେ ପଞ୍ଚବକ୍ର

ମନ୍ଦିର ପୁରୋହିତ ମନୋରଞ୍ଜନ ଦାସ ଏବଂ ପୁରୀ ରାଜଗୁରୁଙ୍କ ସହାୟତାରେ ରଥ ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନ ହେଉଥିବା ବେଳେ ଦକ୍ଷିଣ ଘରୁ ଶ୍ରୀଲିଙ୍ଗରାଜଙ୍କ ପ୍ରତିନିଧି ପଞ୍ଚବକ୍ର ରଥ ଉପରେ ପହଞ୍ଚିଥିଲେ। ପରେ ପଞ୍ଚ ଉପଚାରରେ ଭୋଗ ନୈବେଦ୍ୟ ହୋଇଥିଲା। ପୌରାଣିକ ମତ ଅନୁଯାୟୀ ରଥ ନିର୍ମାଣ କାର୍ଯ୍ୟ ଉପଯୁକ୍ତ ତଦାରଖ ନିମନ୍ତେ ପଞ୍ଚବକ୍ର ରଥକୁ ଯାଇଥାନ୍ତି ବୋଲି ପୂଜା ପଣ୍ଡା ନିଯୋଗ ସେବାୟତ ଲିଙ୍ଗରାଜ ପୂଜାପଣ୍ଡା କହିଛନ୍ତି।

## ମରୀଚି କୁଣ୍ଡ ପାଣି ନିଲାମରେ ବିଳମ୍ବ

### ୧୫ହଜାର ଡାକ ନ ଶୁଣିବାରୁ ୧୧ହଜାରକୁ ଖସିଲା

ପୁରୁଣା ଭୁବନେଶ୍ୱର,୨୫।୩
(ସୁବାସ ଚନ୍ଦ୍ର ପ୍ରଧାନ)

ରୁକୁଣା ରଥଯାତ୍ରା ପୂର୍ବରୁ ବୁଧବାର ରାତିରେ ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ମରୀଚି କୁଣ୍ଡ ପାଣି ନିଲାମରେ ଅନ୍ତରାୟ ସୃଷ୍ଟି ହୋଇଛି। ପ୍ରଥମ ଗରା ଜଳ ପାଇଁ ସରକାରୀ ଧାର୍ଯ୍ୟ ମୂଲ୍ୟ ୧୫ହଜାର ଟଙ୍କାରୁ ନିଲାମ ଡକାଯାଇଥିଲା। ହେଲେ ଚଳିତ ବର୍ଷ ଏତେ ମୂଲ୍ୟରେ କେହି ନେବାକୁ ରାଜି ନ ହେବାରୁ ସର୍ବନିମ୍ନ ମୂଲ୍ୟ ୧୧ହଜାର ଟଙ୍କାକୁ ହ୍ରାସ କରାଯାଇଥିଲା। ନିଲାମ ଡାକ ରାତି ୧୨ଟା ୧୦ରୁ ଆରମ୍ଭ ହୋଇଥିଲେ ସୁଦ୍ଧା ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ କେହି ନିଲାମ ନେଇ ନ ଥିବା ଦେଖିବାକୁ ମିଳିଥିଲା। ସାଧାରଣତଃ ପୂର୍ବବର୍ଷଗୁଡ଼ିକରେ ମରୀଚି କୁଣ୍ଡ ଜଳକୁ ନେବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। ହେଲେ ଏବର୍ଷ ଖୁବ୍ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ନିଲାମ ଡାକ ସମୟରେ ଉପସ୍ଥିତ ରହିଥିବାରୁ ନିଲାମରେ ବାଧା ସୃଷ୍ଟି ହୋଇଥିଲା। ବିଶ୍ୱାସ ରହିଛି ଯେ, ଏହି ମରୀଚି କୁଣ୍ଡ ପାଣିରେ ଗାଧୋଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ନିଃସନ୍ତାନ ମହିଳା ସନ୍ତାନ ପ୍ରାପ୍ତ ହେବା ସହ ତାଙ୍କ ମନସ୍କାମନା ପୂରଣ ହୋଇଥାଏ। ଗତବର୍ଷ ପ୍ରଥମ ଗରାଜଳ ୨୧ହଜାର ଟଙ୍କାରେ ନିଲାମ ଯାଇଥିବାବେଳେ ୨ୟ ଏବଂ ତୃତୀୟ ଗରାଜଳକୁ କେହି କିଣି ନ ଥିଲେ।



ମରିଚି କୁଣ୍ଡ ପିଣ୍ଡିରେ ନିଲାମ ଡକାଯାଉଛି।

## 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୨୫।୩(ସୌମ୍ୟରଞ୍ଜନ ରାଉତ)

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏକ ଆଲୋଚନାଚକ୍ର ବୁଧବାର ମାଷ୍ଟର କ୍ୟାଣ୍ଟିନସ୍ଥିତ ବୁଲନ ଭାଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସଂସ୍କୃତି ଗବେଷକ ଡ. ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ଅକ୍ଷୟ ସାହୁ, ପ୍ରଦୀପ କୁମାର ସାହୁ, ବିଜୟ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା। ପରେ ସଂସ୍ଥାନ ପକ୍ଷରୁ ଭାରତୀ ଭୂଷଣ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଣି, ତେଜସ୍ୱିନୀ ରଥଙ୍କ ସମେତ ଅନ୍ୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।



ଅତିଥିମାନେ 'ଶ୍ରୀଜଗନ୍ନାଥ ସୌରଭ ସମ୍ଭାର' ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ଭଇଁଚୁଆ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଅନ୍ତା,୨୫।୩(ନୀଳମାଧବ ସାହୁ): ବାଲିଅନ୍ତା ବ୍ଲକ୍‌ର ଭଇଁଚୁଆ ସେବା ସମବାୟ ସମିତିର ୬୦ତମ ବାର୍ଷିକ ସାଧାରଣ ସଭା ବୁଧବାର ସ୍ଥାନୀୟ ମା' କ୍ଷେତ୍ରମଣି ହାଟପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ବେଣୁଧର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ବିପିନ ବିହାରୀ ପାତ୍ର, ସମ୍ମାନିତ ଅତିଥି ସରପଞ୍ଚ ରଶ୍ମିତା ସାହୁ, ସମିତି ସଭ୍ୟ ଫଣିଭୂଷଣ ବାରିକ, ସରକଣା ସେବା ସମବାୟ ସମିତିର ସଭାପତି ସୋମନାଥ ସ୍ୱାଇଁ, ଉପସଭାନେତ୍ରୀ ଭବାନୀ ମହାନ୍ତି ଓ ପରିଚାଳନା ପରିଷଦର ସଭ୍ୟମାନେ ଯୋଗଦେଇଥିଲେ। ସମିତି ସଭାପତି ଦେବେନ୍ଦ୍ର କୁମାର ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିବା ସହ ୨୦୨୫-୨୬ ବର୍ଷର ଆୟବ୍ୟୟ ଉପସ୍ଥାପନ କରିଥିଲେ। ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରତିବର୍ଷ ସଦସ୍ୟ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ସବୁ ସଦସ୍ୟ କିପରି ଭୋଟର ହୋଇପାରିବେ ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ। ସମିତି ସମ୍ପାଦକ ଏହାର ଉତ୍ତର ରଖିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ବଂଶୀଧର ଓଝା ସମିତିର ଋଣ କରଜରୁ ତାଙ୍କୁ ମୁକ୍ତି ଦେବାପାଇଁ ଅନୁରୋଧ କରିଥିଲେ। ତାଙ୍କ ଆବେଦନ ବିଚାରକୁ ନେବା ପାଇଁ ବହୁ ସଭ୍ୟ ମତ ରଖିଥିଲେ। ଗ୍ରାମର ବ୍ରଜମୋହନ ସେଠୀ ଭଇଁଚୁଆ ପଞ୍ଚାୟତ ଅଞ୍ଚଳରେ ଷଣ୍ଢ ଓ ବଣୁଆ ଘୁଷୁରିଙ୍କ ଉପଦ୍ରବ ଯୋଗୁ ଚାଷୀମାନେ ଦୁର୍ଦ୍ଦଶା ଭୋଗିବା ସହ ବିଲ ପଡ଼ିଆ ରହୁଥିବା କହିଥିଲେ। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ସେ ଦାବି କରିଥିଲେ।

## କର୍ତ୍ତବ୍ୟ ପାଳନ ପାଇଁ ଶପଥ ନେଲେ ଅଟୋଚାଳକ



ଭୁବନେଶ୍ୱର ଆର୍‌ଟିଓ-୨ ଦ୍ୱାରା ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସହ ଅଟୋଚାଳକ।

ବାରଙ୍ଗ,୨୫।୩(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଆର୍‌ଟିଓ-୨ ଦ୍ୱାରା ଆୟୋଜିତ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଚନ୍ଦ୍ରଶେଖରପୁରସ୍ଥିତ ଯାନବାହନ ପରୀକ୍ଷଣ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୮୦ ଜଣ ସ୍ମାର୍ଟ ସିଟି ଅଟୋ ଚାଳକ ଯୋଗଦେଇଥିଲେ। ସେମାନଙ୍କୁ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରିବା, ଦୁର୍ଘଟଣା ପୀଡ଼ିତଙ୍କୁ ସାହାଯ୍ୟ କରିବା, ଟ୍ରାଫିକ ନିୟମ ମାନିବା ଏବଂ ଅସୁବିଧା ସମୟରେ ରାସ୍ତାରେ ଯିବାବେଳେ ଭଲ ନାଗରିକ ଭାବେ ଜନସାଧାରଣଙ୍କ ପ୍ରତି ଥିବା କର୍ତ୍ତବ୍ୟ କରିବା ସମ୍ପର୍କରେ ବୁଝାଯାଇଥିଲା। ଶେଷରେ ନିଜ କର୍ତ୍ତବ୍ୟ ପାଳନ କରିବା ପାଇଁ ସମସ୍ତେ ଶପଥ ନେଇଥିଲେ। ଏମ୍‌ଭିଆଇ ରବୀନ୍ଦ୍ରନାଥ ଜେନା, ଟ୍ରାଫିକ ଇନ୍ସପେକ୍ଟର ସୁମନ୍ତ ପାତ୍ର, ଜୁନିୟର ଏମ୍‌ଭିଆଇ ଲୋକନାଥ ନାୟକ, ସ୍ମାର୍ଟସିଟି ଅନ୍‌ଲାଇନ ଅଟୋ ଆସୋସିଏଶନ ସଭାପତି ଦୀନବନ୍ଧୁ ନାୟକ ଏବଂ ଶ୍ରୀନିବାସ ବେହେରାଙ୍କ ସମେତ ପରିବହନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ।

## ଯୁବପିଢ଼ିଙ୍କ ବୃତ୍ତିଗତ କ୍ଷମତା, କୌଶଳର ବିକାଶ କରିବ 'ଲିପ୍'

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ସେଫ୍ ଶପ୍ ମଧ୍ୟରେ ଏମ୍‌ଓୟୁ

ତ୍ରିଶୁଳିଆ,୨୫।୩(ତୁଷାରକାନ୍ତ ବେହେରା)

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଡାଇରେକ୍ଟ ସେଲିଂ (ପ୍ରତ୍ୟକ୍ଷ ବିକ୍ରୟ) କ୍ଷେତ୍ରରେ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେଫ୍ ଆଣ୍ଡ ସିକ୍ୟୋର ଅନ୍‌ଲାଇନ ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡ୍ (ସେଫ୍ ଶପ୍) ଡାଇରେକ୍ଟ ଇଣ୍ଡିଆ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଭବ୍ୟ ଭଜନ କ୍ଲବିଂ କାର୍ଯ୍ୟକ୍ରମ ଅବସରରେ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ୧ଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଉକ୍ତ ବୁଝାମଣାପତ୍ର ଅନୁସାରେ ଏହି ଦୁଇ ସଂସ୍ଥା ମିଶି 'ଲିପ୍' (ଲିଡର୍ସ ଏକ୍ସଲେନ୍ସ ଆସୋସିଏଟ୍ ପ୍ରୋଗ୍ରାମ) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହା ଯୁବପିଢ଼ିଙ୍କ ବୃତ୍ତିଗତ କ୍ଷମତା ଓ କୌଶଳର ବିକାଶ ସାଙ୍ଗକୁ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ ନିମନ୍ତେ କାର୍ଯ୍ୟ କରିବ। ଏଥିସହ ଶିକ୍ଷାକୁ ଶିଳ୍ପର ପରିବର୍ତ୍ତନଶୀଳ ଆବଶ୍ୟକତା ସହିତ ସମନ୍ୱୟ ରଖି ଯୋଡ଼ିବା ଦିଗରେ ମଧ କାର୍ଯ୍ୟ କରିବ। ଫଳରେ ଯୁବପିଢ଼ି ଡାଇରେକ୍ଟ ସେଲିଂ ବା ସିଧାସଳଖ ବିକ୍ରୟ କ୍ଷେତ୍ରରେ ଆଧୁନିକ ବ୍ୟବସାୟ କୌଶଳ ଆହରଣ କରିପାରିବେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହି ବୁଝାମଣାପତ୍ର ସ୍ୱାକ୍ଷର ଯୋଗୁ ସନ୍ତୋଷ ବ୍ୟକ୍ତକରି ଅନୁଷ୍ଠାନ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ପ୍ରକାଶ କରିଥିଲେ।

## ନୂତନ ଶିକ୍ଷାନୀତି, ପାଠ୍ୟକ୍ରମ ସମନ୍ୱୟ ସଂକ୍ରାନ୍ତ ଆଲୋଚନା

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସରରେ ୧୩ତମ ଶିକ୍ଷା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷି ଶିକ୍ଷାରେ କୃତ୍ରିମ ବୁଦ୍ଧିମତ୍ତା ଓ ନବୀନତାର ସମ୍ମିଳନ ନୂତନ ଶିକ୍ଷାନୀତି-୨୦୨୦ ସହ ପାଠ୍ୟକ୍ରମର ସମନ୍ୱୟ ଉପରେ ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ଅତିଥି ଭାବେ ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଏ. ଷଡ଼ଙ୍ଗୀ ଯୋଗଦେଇ ଶିକ୍ଷା ଓ ଗବେଷଣାକୁ ତଥ୍ୟଭିତ୍ତିକ କରିବା ପାଇଁ ଦୃଢ଼ ଡାଟାବେସ୍ ସୃଷ୍ଟି ଓ ତା'ର ବିଶ୍ଳେଷଣ କ୍ଷମତା ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ପାଠ୍ୟକ୍ରମ ପରିବର୍ତ୍ତନ ଫଳରେ ଛାତ୍ରଛାତ୍ରୀମାନେ ନିଜ ଆଗ୍ରହ ଅନୁଯାୟୀ ବିଭିନ୍ନ ବିଷୟରେ ପାରଦର୍ଶିତା ଅର୍ଜନ କରିପାରୁଛନ୍ତି, ଯାହା ପୂର୍ବରୁ ସମ୍ଭବ ହେଉ ନ ଥିଲା। ଏହା ବ୍ୟତୀତ ପ୍ରକାଶନର ମାଧ୍ୟମ ମଧ ବଢୁଥିବାରୁ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଏହାକୁ ଆହୁରି ସରଳୀକୃତ କରିପାରିଛି ବୋଲି ଡ. ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ନୂତନ ଶିକ୍ଷାନୀତିର ପ୍ରୟୋଗ ସମସ୍ତଙ୍କ ପାଇଁ ସର୍ବଦା ଫଳପ୍ରଦ ହୋଇପାରିବ। ଶିକ୍ଷାର୍ଥୀମାନେ ନିଜ ଆଗ୍ରହ ଅନୁଯାୟୀ ବିଷୟ ଚୟନ କରିପାରିବେ ଓ ବହୁବିଷୟକ ଶିକ୍ଷା ଦ୍ୱାରା ସମଗ୍ର ଜ୍ଞାନ ଅର୍ଜନ କରିପାରିବେ। ଏହା ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିପାରୁଛି ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି। ଏହି ବୈଠକରେ ୩ଟି ପର୍ଯ୍ୟାୟରେ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ପ୍ରଫେସର ଚନ୍ଦ୍ରମଣି ଖଣ୍ଡା ସ୍ୱାଗତ ଭାଷଣ ଏବଂ କୃଷି ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏଚ୍‌ଆର୍‌ସି ଅଧିକାରୀଙ୍କ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,୨୫।୩(ସୌମ୍ୟରଞ୍ଜନ ରାଉତ)

ଜାତୀୟ ମାନବ ଅଧିକାର ଆୟୋଗ (ଏନ୍‌ଏଚ୍‌ଆର୍‌ସି)ଙ୍କ ସ୍ୱତନ୍ତ୍ର ଅଧିକାରୀ ପ୍ରଫେସର କହ୍ନେୟା ତ୍ରିପାଠୀ ଓ ସହଯୋଗୀମାନେ ବୁଧବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସଭାରେ ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ, ଶିକ୍ଷାଦାନ ପ୍ରଣାଳୀର ଉଚ୍ଚ ପ୍ରଶଂସା କରିବା ସହ ଏଠାରେ ମାନବାଧିକାର ସମ୍ପର୍କିତ ପାଠ୍ୟକ୍ରମ ଯୋଡ଼ିବା ଲାଗି ପରାମର୍ଶ ଦେଇଥିଲେ। ଅନ୍ୟତମ ପରିଦର୍ଶକ ଭାବେ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଜ୍ୟୋତିରଞ୍ଜନ ଦାସ ଯୋଗଦେଇ ବିଶ୍ୱବିଦ୍ୟାଳୟର ବିଭିନ୍ନ ଆଲୋଚନା, ଉତ୍ସବ, ସଫଳତା ସମ୍ପର୍କରେ ଅବଗତ ହୋଇ ଏହାର ଉଚ୍ଚ ପ୍ରଶଂସା କରିଥିଲେ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ କୁଳସଚିବ ଅନାମିକା ଅଧିକାରୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଯୋଗାଣ ବିଭାଗର ଚଢ଼ାଉ: ୧୫୦ ଗ୍ୟାସ୍ ସିଲିଣ୍ଡର ଜବତ

ପୁରୁଣା ଭୁବନେଶ୍ୱର,୨୫।୩(ସୁବାସ ଚନ୍ଦ୍ର ପ୍ରଧାନ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗିରହିଥିବାବେଳେ ତୈଳ ଓ ଗ୍ୟାସ୍ ସଙ୍କଟ ଦେଖାଦେଇଛି। ଲୋକମାନଙ୍କୁ ଠିକ୍ ଭାବେ ଗ୍ୟାସ୍ ଯୋଗାଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ରାଜଧାନୀ ଭୁବନେଶ୍ୱରରେ ବେଆଇନ ରନ୍ଧନ ଗ୍ୟାସ୍ କାରବାର ବୃଦ୍ଧି ପାଇଛି। ଫଳରେ ରାସ୍ତାପାର୍ଶ୍ୱସ୍ଥ ବିଭିନ୍ନ ଉଠାଦୋକାନ, ରେଷ୍ଟୁରାଣ୍ଟ ଓ ହୋଟେଲରେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦେଖିବାକୁ ମିଳୁଥିବାବେଳେ ସାଧାରଣ ଉପଭୋକ୍ତାଙ୍କୁ ଠିକ୍ ସମୟରେ ମିଳୁନାହିଁ। ଏ ନେଇ ଯୋଗାଣ ବିଭାଗ ପକ୍ଷରୁ ବୁଧବାର ସନ୍ଧ୍ୟାରେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଗଣେଶ ମଣ୍ଡପ ସମ୍ମୁଖରେ ଥିବା ଏକ ଘରେ ଚଢାଉ କରାଯାଇଛି। ଚଢ଼ାଉ ସମୟରେ ସେହି ଘରୁ ୧୫୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ବେଆଇନ ଭାବେ ଗ୍ୟାସ୍ ଭର୍ତ୍ତି ସିଲିଣ୍ଡର ରଖାଯାଇ ପ୍ରତି ସିଲିଣ୍ଡର ପିଛା ୪ହଜାରରୁ ୫ ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ଚଢ଼ାଉ ସମ୍ପର୍କରେ ଜାଣି ସମ୍ପୃକ୍ତ ବ୍ୟବସାୟୀ ଫେରାର ହୋଇଯାଇଥିଲେ।




ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ବୁଧବାର ନିଖିଳ ଓଡ଼ିଶା ରାଜ୍ୟ ସଡ଼କ ପରିବହନ କର୍ମଚାରୀ ମହାସଂଘର ୧୬ତମ ରାଜ୍ୟସ୍ତରୀୟ ସାଧାରଣ ଅଧିବେଶନ ଓ ସମ୍ମିଳନୀରେ ଯୋଗଦେଇଥିବା ଅତିଥିବୃନ୍ଦ। (ଫଟୋ- ବିକାଶ ନାୟକ)

## ସାହିତ୍ୟ ମାଧ୍ୟମରେ ନାରୀ ଜାଗରଣ ସୃଷ୍ଟି କରୁଥିଲେ କୁନ୍ତଳାକୁମାରୀ

### ରାଜ୍ୟ ଅଭିଲେଖାଗାରରେ ସଂସ୍କୃତି ଚର୍ଚ୍ଚା ସମ୍ମାନ

ଭୁବନେଶ୍ୱର,୨୫।୩(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ବୁଧବାର ୯୩ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଲେଖକ ଜୟନ୍ତ କୁମାର ଦାସ ଯୋଗଦେଇ କହିଥିଲେ, କେତେଜଣ ମୁଷ୍ଟିମେୟ ସଂକଳ୍ପବଦ୍ଧ ସାଧକ ଯଦି ସେମାନଙ୍କ ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖନ୍ତି ତା'ହେଲେ ସେମାନେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ। ଏହି ମହାମନ୍ତ୍ରରେ ଅଭିହିତ ହୋଇ ପରାଧୀନ ଭାରତ ଓ ଆମ ରାଜ୍ୟର ଅଗଣିତ ମହିଳା ତତ୍କାଳୀନ ସାମାଜିକ ପ୍ରଥାକୁ ଆଡ଼େଇ ତଥା ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ସ୍ୱଇଚ୍ଛାରେ ପୁରୁଷମାନଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ। ଓଡ଼ିଶାର ମହିଳା ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଥିଲେ ସରଳା ଦେବୀ, ମାଳତୀ ଚୌଧୁରୀ, ଶଶିବାଳା କାନୁନ୍‌ଗୋ, ପ୍ରଭାବତୀ ଦେବୀ, ଜାହ୍ନବୀ ଦେବୀ, କୋକିଳା ଦେବୀ ପ୍ରମୁଖ। ସାହିତ୍ୟ ମାଧ୍ୟମରେ ନାରୀ ଜାଗରଣ ସୃଷ୍ଟି କରିବାରେ କୁନ୍ତଳା କୁମାରୀ ସାବତଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ ବୋଲି ଦାସ କହିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମ ସମୟରେ ପୁରୁଷମାନେ ଅଗ୍ରଧାବକ ଥିଲେ, ମାତ୍ର ମହିଳା ସ୍ୱାଧୀନତା ସଂଗ୍ରାମୀମାନେ ସେସମୟର ସାମାଜିକ ଅବଗୁଣ୍ଠନ ସତ୍ତ୍ୱେ ବହୁ ସଂଖ୍ୟାରେ ଏହି ସଂଗ୍ରାମରେ ଝାସଦେଇଥିଲେ। ସେମାନଙ୍କ ମଧ୍ୟରେ ରମାଦେବୀ, ମାଳତୀ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା, ପାର୍ବତୀ ଗିରି, ଲକ୍ଷ୍ମୀ ଇନ୍ଦିରା ପଣ୍ଡା, କୁନ୍ତଳା କୁମାରୀ ସାବତ, ମଙ୍ଗଳା ଦେବୀ, ଚମ୍ପା ଦେବୀ, ସୂର୍ଯ୍ୟମଣି ଦେବୀ, ପ୍ରଭାବତୀ ଦେବୀ, ସୀତା ଦେବୀ ଖାଡଙ୍ଗା ଏବଂ ଭାରତର ପ୍ରଥମ ମହିଳା ଶହୀଦ ପରୀ ବେୱା ଅନ୍ୟତମ ବୋଲି ସେ ମତ ରଖିଥିଲେ। ସମ୍ମାନରେ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଏବଂ ସଂସ୍କୃତି ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ହାଇୱା ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଟାଙ୍ଗୀ,୨୫।୩(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର କୟଥପଲ୍ଲା ନିକଟ ଫାଲକନ ଫିଡ୍ସଠାରେ ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗମ୍ଭାରୀମୁଣ୍ଡା ଅଞ୍ଚଳର ଶଙ୍କର ବରାଳ। ସୂଚନା ମୁତାବକ, କଳା ମୁଗୁନି ପଥର ବୋଝେଇ ଏକ ହାଇୱା ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ଏହି ସମୟରେ ଶଙ୍କର ଗମ୍ଭାରୀମୁଣ୍ଡାରୁ ଚାନ୍ଦପୁର ଅଭିମୁଖେ ଯାଉଥିବା ବେଳେ ପଛପଟୁ ତାଙ୍କ ବାଇକ୍‌କୁ ହାଇୱାଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରି ତଦନ୍ତ ଚଳାଇଛି।

# ଆଜି କପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

## ଅପରାହ୍ନ ୫ଟାରେ ରଥଟଣା

ନିରାକାରପୁର,୨୫।୩(ମାନସ ଚନ୍ଦ୍ର ପଟ୍ଟନାୟକ)

ଅଶୋକାଷ୍ଟମୀ ଅବସରରେ ଗୁରୁବାର ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଅନୁଷ୍ଠିତ ହେବ। ଏନେଇ ପରିଚାଳନା କମିଟି ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ରଥଖଳାରେ ରଥ ପ୍ରସ୍ତୁତ ହୋଇ ମନ୍ଦିର ସମ୍ମୁଖରେ ରହିଛି। ପୁରୀ ଶ୍ରୀମନ୍ଦିରରୁ ମଧ ଆଜ୍ଞାମାଳ ଆସି ପହଞ୍ଚିସାରିଛି। ଗୁରୁବାର ପ୍ରତ୍ୟୁଷରୁ ମାନସିକ ପୂର୍ଣ୍ଣାର୍ଥେ ସ୍ୱତନ୍ତ୍ର ସ୍ନାନ ଓ ପ୍ରାର୍ଥନା, ସକାଳ ୬ଟାରେ ମଙ୍ଗଳ ଆଳତି, ବାଲଧୂପ ଓ ଅଶୋକଫୁଲ ଲାଗି ହେବ। ସକାଳ ୭ଟାରେ ଠାକୁରଙ୍କୁ ସର୍ବସାଧାରଣ ଦର୍ଶନ ଓ ଶୁଖୁଲି ଭୋଗ ସମର୍ପଣ, ପୂର୍ବାହ୍ନ ୧୦ଟାରେ ରଥ ପ୍ରତିଷ୍ଠା, ସାଢ଼େ ୧୧ଟା ୩୦ରେ ଶ୍ରୀଜଗନ୍ନାଥଙ୍କ ପାଖରୁ ଆସିଥିବା ପାଟପତନୀ, ଚନ୍ଦନ



କିଳା କପିଳେଶ୍ୱର ଦେବଙ୍କୁ ଲାଗିହେବ। ମଧ୍ୟାହ୍ନ ୧୨ଟାରେ ଶଙ୍ଖୁଡି ଭୋଗଲାଗି ଓ ମଧ୍ୟାହ୍ନ ଧୂପ, ଅପରାହ୍ନ ୧ଟାରେ କପିଳେଶ୍ୱର ଦେବ ବିଜୟା ମଣ୍ଡପାକୁ ଯାତ୍ରା, ସାଢ଼େ ୧ଟାରେ ଆରେଡ଼ି ଗ୍ରାମରୁ ଗ୍ରାମେଶ୍ୱର ଦେବଙ୍କ ଆଗମନ, ଅପରାହ୍ନ ସାଢ଼େ ୨ଟାରେ ଗ୍ରାମେଶ୍ୱର ଦେବଙ୍କ ଆଳତି ଓ ପହଣ୍ଡି ଯାତ୍ରା, ଅପରାହ୍ନ ୩ଟାରେ ଗ୍ରାମେଶ୍ୱର ଦେବଙ୍କ ବିଜୟା ମଣ୍ଡପରେ ବିଜେ, ଅପରାହ୍ନ ସାଢେ ୩ଟାରେ ଶ୍ରୀଜଉମାନଙ୍କୁ ବିଜୟା ମଣ୍ଡପରେ ଆଳତି ଓ କୋଠ ଭୋଗ, ଅପରାହ୍ନ ୪ଟାରେ ଶ୍ରୀଜୀଉମାନଙ୍କର ରଥାରୂଢ଼ ନିମନ୍ତେ ବିଜୟାମଣ୍ଡପରୁ ଧାଡ଼ିପହଣ୍ଡି ଆରମ୍ଭ ହେବ। ଅପରାହ୍ନ ସାଢ଼େ ୪ଟାରେ ଶ୍ରୀଜୀଉମାନଙ୍କୁ ରଥାରୁଢ଼, ଅପରାହ୍ନ ୪ଟା ୩୫ରେ ସାରଥୀ ଭଗବାନ ବ୍ରହ୍ମଙ୍କ ରଥାରୁଢ଼, ରଥରେ ଅଶ୍ୱ ଓ ଦୌଡ଼ି ସଂଯୋଗ, ଅପରାହ୍ନ ୫ଟାରେ ରଥ ଟଣା ଆରମ୍ଭ, ଅପରାହ୍ନ ସାଢେ ୫ଟାରେ ପଣକିଆରୀରେ ରଥ ଉପରେ ପଣା ଭୋଗ, ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉମାନଙ୍କ ରଥ ଉପରେ ବେଦବାଡ଼ିରେ ବିଶ୍ରାମ କାର୍ଯ୍ୟକ୍ରମ ରହିଛି ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟିର ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର, ବଲ୍ଲୁକେଶ୍ୱର ଦାଶ, ବାବୁଲି ପରିଡ଼ା, ହରେକୃଷ୍ଣ ଦାଶ, ଅଜୟ କୁମାର ମହାନ୍ତି, ବୁଲା ସାହୁ, ଚନ୍ଦ୍ର ଶେଖର ଜେନା, ଅଭିମନ୍ୟୁ ଭଙ୍ଗମିଶ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ଗାଦିଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଆରମ୍ଭ

କୃଷ୍ଣପ୍ରସାଦ,୨୫।୩
(କୈଳାସ ଚନ୍ଦ୍ର ପଟ୍ଟନାୟକ)



କୃଷ୍ଣପ୍ରସାଦ ବ୍ଲକ ପାରକୁଦଗଡ଼ ଅଞ୍ଚଳର ଆରାଧ୍ୟ ଗାଦିଶ୍ୱର ଦେବଙ୍କ ପୀଠରେ ମଙ୍ଗଳବାରଠାରୁ ମା'ଦଣ୍ଡକାଳୀଙ୍କ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି। ନିଶାର୍ଦ୍ଧରେ ଠାକୁରଙ୍କୁ କୋଠୀ ଭଗତାମାନଙ୍କ ଦ୍ୱାରା ଆବାହନ କରାଯାଇଥିଲା। ମାନସିକଧାରୀ ଏବଂ ତେର ଭଗତା ନିଷ୍ଠା ଓ କାଷ୍ଠାର ସହ ବ୍ରତ ରଖି ଏହି ପର୍ବରେ ସାମିଲ ହୋଇଥାନ୍ତି। ରାଜରାଜୁଡ଼ା ଅମଳରୁ ୨୧ଦିନ ଧରି ପାଳିତ ହୋଇଆସୁଥିବା ଏହି ପର୍ବରେ ସାମିଲ ହୋଇଥିବା ଦଣ୍ଡୁଆମାନେ ଅପରାହ୍ନରେ ପାଣି ତୋଳା କାର୍ଯ୍ୟ ଶେଷ କରିବା ପରେ ଦଣ୍ଡ ଠାକୁରଙ୍କୁ ନେଇ ଗ୍ରାମ ପରିକ୍ରମା କରିଥାନ୍ତି। ପ୍ରଚଳିତ ପ୍ରଥା ଅନୁଯାୟୀ ପାରିକୁଦ ରାଜବାଟି ପରିସରରେ ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପାରିକୁଦ ରାଜାସାହେବ ସନ୍ତୋଷ ଚନ୍ଦ୍ର ଦେଓ ଓ ସପରିବାର ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଦ୍ୱିତୀୟ ଦିବସରେ ମାର୍ଫତଦାର ଡା.ଅଶୋକ ରାୟ, ମୁଖ୍ୟ ପରିଚାଳକ ପ୍ରଦୀପ ଜେନାଙ୍କ ଦୁଆରେ ଭୋଗ ଲାଗି ହେବା ପରେ ଠାକୁର ବାହ୍ୟ ଭ୍ରମଣରେ ବାହାରନ୍ତି। ଆଦିମ ସଭ୍ୟତାର ସଂସ୍କୃତି କେଳା କେଳୁଣି, ହାଡ଼ି ହାଡ଼ିଆଣି, ଶବର ଶବରୁଣୀ, ଶିବ ପାର୍ବତୀ ଆଦି ୨୧ହଳ ପଟେ ବେଶ ହୋଇ ଅଭିନୟ ଅନୁଷ୍ଠିତ ହେବ। ଗାଦିଶ୍ୱର ଦେବଙ୍କ ପୂଜକ ବିରଞ୍ଚି ନାରାୟଣ କେଶରୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଯାତ୍ରା ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଜନସାଧାରଣ ସମାଗମ ହୋଇଥାଏ। ଗାଦିଶ୍ୱର ଦେବଙ୍କ ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ପାଟ ଭଗତା କୈବଲ୍ୟ ସାମଲ, ପାଟଦଣ୍ଡୁଆ ପ୍ରକାଶ ପ୍ରଧାନ, କାଳସୀ ବିଭୂତି କୁମାର ଗୌଡ଼, ଧନେଶ୍ୱର ଗୌଡ଼, ବୁଲୁ ବେହେରା, ଗାଣ୍ଡୁ ପ୍ରଧାନ, ମାଷ୍ଟର ଅଜୟ କୁମାର ଜେନା, ପାଟ ଢୋଲିଆ ବାନାମ୍ବର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଛି। ସୂଚନାଥାଇ କି, ଏପ୍ରିଲ ୧୩ରେ ଠାକୁର ମନ୍ଦିର ପ୍ରବେଶ କରିବା ପରେ ମେରୁ ପର୍ବ ଅନୁଷ୍ଠିତ ହୋଇ ଠାକୁରଙ୍କୁ ପୁଣି ସେହି ନିଶାର୍ଦ୍ଧରେ ହିଁ ଗୋପ୍ୟ କରାଯିବ। ସେହିପରି ବ୍ଲକର ବିଭିନ୍ନ ଗ୍ରାମରେ ଦଣ୍ଡ ପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ଅରୁଣ ସଭାପତି, ସଚ୍ଚିଦାନନ୍ଦ ସମ୍ପାଦକ

## ବରିଷ୍ଠ ନାଗରିକ ମଞ୍ଚର ନିର୍ବାଚନ

ଜଟଣୀ,୨୫।୩(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲ୍ (ସ୍ରଷ୍ଟା) ଠାରେ 'ବରିଷ୍ଠ ନାଗରିକ ମଞ୍ଚ'ର ଦ୍ୱିବାର୍ଷିକ କାର୍ଯ୍ୟକାରୀ କମିଟି ନିମନ୍ତେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ମଞ୍ଚର ୧୫୦ରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗଦେଇ ମତ ସାବ୍ୟସ୍ତ କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ଅର୍ଜୁନ ଚରଣ ସାମନ୍ତରାୟ ଏବଂ ସହଯୋଗୀ ଭାବେ ପ୍ରହଲ୍ଲାଦ ସ୍ୱାଇଁ ପରିଚାଳନା କରିଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ସଭାପତି ଭାବେ ଅରୁଣ କୁମାର ମହାନ୍ତି, ଉପସଭାପତି ପୂର୍ବତନ ନଗରପାଳ ଡା. ଗୌରୀ ପ୍ରସାଦ ସିଂହ ଓ ସତ୍ୟବାଦୀ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସଚ୍ଚିଦାନନ୍ଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦ୍ମ ଲୋଚନ ସାହୁ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ, ଆଞ୍ଚଳିକ ସମ୍ପାଦକ ସୁରଥ ଭୂୟାଁ ଏବଂ ହଟକିଶୋର ଭୋଳ, ବିତ ସମୀକ୍ଷକ ଭାବେ ଶରତ ଚନ୍ଦ୍ର ଦାଶ, କାର୍ଯ୍ୟକାରିଣୀ ସଦସ୍ୟଭାବେ ସୁଧା ରାଣୀ ବରାଳଙ୍କୁ ଚୟନ କରାଯାଇଛି। ଜଟଣୀ ଥାନା ଅଧିକାରୀ ଷ୍ଟାଲିନ କୁମାର ବିଶ୍ୱାଳ ଏବଂ ଥାନା ନୋଡାଲ ଅଫିସର ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।





ଜଟଣୀ କୁଦିଆରୀସ୍ଥିତ ମା'ଜାଗୁଲାଈଙ୍କ ମହାଗୌରୀ ଏବଂ ନିରାକାରପୁର ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ କାଳରାତ୍ରୀ ବେଶ।
(ଫଟୋ: ରବୀନ୍ଦ୍ରନାଥ ମହାକୁଡ଼ / ମାନସ ଚନ୍ଦ୍ର ପଟ୍ଟନାୟକ)

# ସରକାରୀ ବସ୍‌ରୁ ୨୬କେଜି ଗଞ୍ଜେଇ ଜବତ, ୨ ଗିରଫ

ବୋଲଗଡ଼,୨୫।୩(ଦେବବ୍ରତ ହୋତା)

ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥର ବୋଲଗଡ଼ ଥାନା ଅଧୀନ ରେଲୱେ ଓଭରବ୍ରିଜ ନିକଟରୁ ବୌଦ୍ଧ ଜିଲା ପୁରୁଣାକଟକ ଅଞ୍ଚଳରୁ ଭୁବନେଶ୍ୱର ଯାଉଥିବା ଏକ ସରକାରୀ ବସ୍‌ରୁ ମଙ୍ଗଳବାର ରାତିରେ ୨୬କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତି ନେଇ ବୋଲଗଡ଼ ପୋଲିସ ଦୁଇ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୁଣାକଟକ ଥାନା ପଛପାଖ ସାହିର ବାଲ୍ମୀକି ନାୟକ(୧୯) ଏବଂ ଶ୍ରବଣ ନାୟକ(୧୯)। ଏନେଇ ଥାନାରେ ଏକ ମାମଲା (ନଂ.୧୨୧/୨୬)ରୁଜୁ ହୋଇଛି। ତଦନ୍ତ ଅଧିକାରୀ ଏସ୍‌ଆଇ ହାଡୁବନ୍ଧୁ ଦାସଙ୍କ ସୂଚନା ଅନୁଯାୟୀ, ସରକାରୀ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଥାନାଧିକାରୀ ସୁକାନ୍ତ ଦଳେଇ ବିଶେଷସୂତ୍ରରୁ ଖବରପାଇ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଆଇ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ଆଶା ମାରିଆ ଡୁଙ୍ଗଡୁଙ୍ଗ, ଏଏସ୍‌ଆଇ ଉମାଶଙ୍କର ନାୟକ, କନଷ୍ଟେବଳ ଏସ୍ ଚଂପତିରାୟ, ଅରୁଣ ପ୍ରହରାଜ, ରମେଶ ପ୍ରଧାନ ପ୍ରମୁଖ ବସଟିକୁ ଅଟକାଇ ଅନୁସନ୍ଧାନ କରିଥିଲେ। ଦୁଇଟି ବ୍ୟାଗ ଭର୍ତ୍ତି ଗଞ୍ଜେଇ ଜବତ କରିବା ସହ ଏହାର ଚାଲାଣକାରୀମାନଙ୍କୁ ଧରି ଥାନାକୁ ଆଣିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ଆନୁମାନିକ ମୂଲ୍ୟ ୨.୫୦ଲକ୍ଷ ଟଙ୍କା ହେବ। ଗିରଫଦ୍ୱୟ କହିଛନ୍ତି ଯେ, ସେମାନଙ୍କୁ ଭୁବନେଶ୍ୱରରେ ଏହି ଦୁଇଟି ପ୍ୟାକେଟ ପହଞ୍ଚାଇ ଦେବାକୁ କହି ଅନ୍ୟଜଣେ ଗାଡ଼ିରେ ରଖି ଦେଇଥିଲେ। ଏହି ଚାଲାଣରେ ସେମାନେ ସମ୍ପୃକ୍ତ ନ ଥିବା କହିଛନ୍ତି। ଏ ନେଇ ଅଧିକ ତଦନ୍ତ କରାଯିବ ବୋଲି ଥାନାଧିକାରୀ ଦଳେଇ ପ୍ରକାଶ କରିଛନ୍ତି।

# 'ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପରେ ନୂତନ ଯୁଗ ଆରମ୍ଭ ହୋଇଛି'



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

ଖୋର୍ଦ୍ଧା,୨୫।୩(ପ୍ରଭାତ ପାଣିଗ୍ରାହୀ)

ବିଶ୍ୱହିନ୍ଦୁ ପରିଷଦ(ବିଏଚ୍‌ପି) ଖୋର୍ଦ୍ଧା ଜିଲା ପକ୍ଷରୁ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ସପ୍ତଦିନ ବ୍ୟାପୀ ଶ୍ରୀରାମଲାଲାଙ୍କ ଏକ ସୁସଜ୍ଜିତ ରଥ ଜିଲା ପରିକ୍ରମା କରୁଛି। ଏହି ଅବସରରେ ସ୍ଥାନୀୟ ସମବାୟ ବ୍ୟାଙ୍କ ଛକଠାରେ ବୁଧବାର ଶ୍ରୀରାମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ପ୍ରଖଣ୍ଡ ସଭାପତି ସୁଦର୍ଶନ ରଥଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବକୁ ମହନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ଡ. ଧିରେନ୍ଦ୍ର ନନ୍ଦ ମୁଖ୍ୟ ଅତିଥି, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି ସମ୍ମାନିତ ବକ୍ତାଭାବେ ଯୋଗଦେଇ କହିଥିଲେ ଯେ, ଅଯୋଧାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିର, ପ୍ରାଣ ପ୍ରତିଷ୍ଠା ପରେ ସମଗ୍ର ଭାରତବର୍ଷରେ ନୂତନ ଯୁଗର ଅୟାରମ୍ଭ ହୋଇଛି। ରାମ ନବମୀ ଉପପଲେକ୍ଷ ମଠ, ମନ୍ଦିରରେ ଶ୍ରୀରାମ କଥା, ପ୍ରବଚନ, ପାରାୟଣ, ହୋମଯଜ୍ଞ ଚାଲିଛି। ସବୁଠି ଆଧ୍ୟାତ୍ମିକ ବାତାବରଣ ରହିଛି ବୋଲି ଅତିଥିମାନେ କହିଥିଲେ। ଶୁଭଙ୍କର ପାଇକରାୟ ମଞ୍ଚ ସଂଯୋଜନା କରିଥିବା ବେଳେ ବିଏଚ୍‌ପି ଜିଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, କୋଷାଧ୍ୟକ୍ଷ ଅଭିମନ୍ୟୁ ଘଟୁଆଳ, ଜିତେନ୍ଦ୍ର ବେହେରା, ରଶ୍ମିରଞ୍ଜନ ମିଶ୍ର, ବଜରଙ୍ଗ ଦଳର ଜିଲା ସଂଯୋଜକ ଉଦିତ ପ୍ରହରାଜ, ସହ ସଂଯୋଜକ ଏସଏମ୍ ଦିବ୍ୟ ପ୍ରକାଶ, କେ.ଆଦର୍ଶ ଅଂଶୁମାନ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜ୍ୟୋତିପ୍ରକାଶ ବରାଳ, ବିକାଶ ବରାଳ, ରାଧାମୋହନ ପ୍ରଧାନ, ଚନ୍ଦନ ମହାରଣା, କୌଶିକ ବରାଳ, ସତ୍ୟଜିତ ବେହେରାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଶେଷରେ ବିଜେବି ହାଇସ୍କୁଲର ଛାତ୍ରମାନେ ପାଇକ ଆଖଡ଼ା ପରିବେଷଣ କରିଥିବା ବେଳେ କୁନି ଝିଅମାନେ ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ।

# ଏଆଇ ପ୍ରଶାସନିକ କାର୍ଯ୍ୟକୁ ପାରଦର୍ଶୀ, ଲୋକାଭିମୁଖୀ କରିବ

ଖୋର୍ଦ୍ଧା,୨୫।୩(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ସୌଜନ୍ୟ ଏବଂ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍)ର ମିଳିତ ସହଯୋଗରେ ଜିଲା ପ୍ରଶାସନ ପକ୍ଷରୁ କୃତ୍ରିମ ବୁଦ୍ଧିମତା(ଏଆଇ) ଦିନିକିଆ କର୍ମଶାଳା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ କ୍ଷେତ୍ରରେ ଏଆଇର ସରଳ ବ୍ୟବହାର କରି ଜନସାଧାରଣଙ୍କୁ ଉନ୍ନତମାନର ସେବା ଯୋଗାଇ ଦିଆଯିବା ଉଦ୍ଦେଶ୍ୟରେ କର୍ମଶାଳା ହୋଇଥିଲା। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଅଧ୍ୟକ୍ଷତା କରି କହିଥିଲେ ଯେ, ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ବଢ଼ିଚାଲିଛି। ପ୍ରଶାସନିକ ଦିଗରେ ଏହାର ଆବଶ୍ୟକ ରହିଛି। ପ୍ରତ୍ୟେକ ବିଭାଗ ନିଜସ୍ତରରେ ଏହାକୁ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନା ସହ ଦକ୍ଷତା ବୃଦ୍ଧି କରିପାରିବେ। ତେବେ ଏହାର ପ୍ରୟୋଗ ବେଳେ ସର୍ତକତା ଅବଲମ୍ବନ ଜରୁରି ବୋଲି କହିଥିଲେ। ଓକେସିଏସଲ୍‌ର ତାଲିମଦାତା ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ ଗୁଡିକ ସମ୍ପର୍କରେ ବୁଝାଇଥିଲେ। ପ୍ରଶାସନିକ କାର୍ଯ୍ୟକୁ ଅଧିକ ପାରଦର୍ଶୀ, ଲୋକାଭିମୁଖୀ କରିବାରେ ଏଆଇ ଏକ ମୁଖ୍ୟ ମାଧ୍ୟମ ହୋଇପାରିବ ବୋଲି କହିଥିଲେ। ଏହି କର୍ମଶାଳାରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରୀନିବାସ ମହାନ୍ତି, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିପ୍ରକାଶ ସାହୁ, ଡିଏସ୍‌ପି ଅନିଲ ମହାନ୍ତି, ରବି ନାରାୟଣ ଭଞ୍ଜ, ସିଡିଏମଓ ଡା. ସଞ୍ଜୟ କୁମାର ରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଇ ଗର୍ଭନାନ୍ସ ପରିଚାଳକ ମାନସ କୁମାର ବ୍ରହ୍ମା ବୈଷୟିକ ସହାୟତା କରିଥିଲେ।




କର୍ମଶାଳାରେ ଯୋଗଦେଇଥିବା ପୋଲିସ ଅଧିକାରୀ, ଓକାକ୍ ଏବଂ ଓକେସିଏଲ୍‌ର କର୍ମଚାରୀ।

# ଏସ୍‌ସିପିଡି କମିଶନରଙ୍କ କ୍ୟାମ୍ପ କୋର୍ଟ




ଖୋର୍ଦ୍ଧା,୨୫।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ରାଜ୍ୟ ଭିନ୍ନକ୍ଷମ କମିଶନରଙ୍କ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମମାନଙ୍କ ପେନସନ ସଂକ୍ରାନ୍ତୀୟ ବିଚାରାଧୀନ ୫୪ଟି ମାମଲାର ଶୁଣାଣି କରିଥିଲେ। ଏସ୍‌ସିପିଡି ଓଡ଼ିଶା କମିଶନର ଭାରତୀ ହରିଚନ୍ଦନ ଉପସ୍ଥିତ ରହି ସମସ୍ତ ମାମଲାର ବିଚାର କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପରିଚାଳନା କରିଥିଲେ। ଜିଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧୀକାରୀ ଦିଲୀପ କୁମାର ହିଆଲ ସହଯୋଗ କରିଥିଲେ। ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଏ, ତହସିଲଦାର, ଆଇଆଇସି ଏବଂ ଅନ୍ୟାନ୍ୟ ଉତ୍ତରଦାତାମାନେ ସେମାନଙ୍କ ଏଟିଆର, ଜମା ଏବଂ ପ୍ରମାଣପତ୍ର ସହିତ ବ୍ୟକ୍ତିଗତ ଭାବେ ଶୁଣାଣି କରିଥିଲେ।

# ପ୍ରଶିକ୍ଷଣ ନେଲେ ଗଣନାକାରୀ, ପରିଦର୍ଶକ

## ୨୦୨୭ ଜନଗଣନା ପାଇଁ ତାଲିମ ଶିବିର



ବେଗୁନିଆ,୨୫।୩(ହର ପ୍ରସନ୍ନ ପଣ୍ଡା)

୨୦୨୭ ଜନଗଣନା ପାଇଁ ସରକାର ଦୁଇଟି ପର୍ଯ୍ୟାୟରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମେ ଗୃହ ତାଲିକା ଏବଂ ପରେ ଜାତି ସମେତ ସମ୍ପୂର୍ଣ୍ଣ ଗଣନା କରାଯିବ। ସେଥିପାଇଁ ଗଣନାକାରୀ (ଏନୁମରେଟର) ଏବଂ ପରିଦର୍ଶକ (ସୁପରଭାଇଜର)ଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ଗଣନା କାର୍ଯ୍ୟ କିପରି ସ୍ୱଚ୍ଛ ଓ ସୁପରିଚାଳନା ଭାବେ ସମ୍ପାଦିତ ହେବ ସେନେଇ ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବେଗୁନିଆ ସଦର ମହକୁମା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଗତ ୩ଦିନ ଧରି ଆୟୋଜିତ ହୋଇଥିବା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ଲିପ୍ସିତା ସାହୁ, ଅତିରିକ୍ତ ତହସିଲଦାର ମୃତ୍ୟୁଞ୍ଜୟ ବରାଳ, ରାଜ୍ୟ ଜନଗଣନା ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଶିକ୍ଷକ ଶ୍ରୀନିବାସ ମିଶ୍ର, ଅଧ୍ୟାପକ ନବକିଶୋର ବିଶୋୟୀ, ଅଧ୍ୟାପକ ଦୀପ୍ତି ରଞ୍ଜନ ସାହୁ ତାଲିମ କାର୍ଯ୍ୟ ପରିଚାଳନା କରିଥିଲେ। କିପରି ଗୃହ ଗଣନା କରାଯିବ ଓ ସାଧାରଣ ଲୋକଙ୍କୁ ସଠିକ ତଥ୍ୟ ପ୍ରଦାନ କରିବା ଉପରେ ସରକାରଙ୍କ ନିର୍ଦ୍ଦେଶାବଳୀ ଜାରି ସମ୍ପର୍କରେ ତହସିଲଦାର ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଜନଗଣନା ଅଧିକାରୀଙ୍କ ତତ୍ତ୍ୱାବଧାନରେ କ୍ଷେତ୍ର ଗଣନାକାରୀଙ୍କ ସହ ପରିଚାଳନା ଓ ପ୍ରଶାସନିକ ତଦାରଖ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଜନଗଣନା ସମ୍ପର୍କିତ ବିଭିନ୍ନ ଆଇନ, ଦିଗ,ଏନୁମରେଟର ଓ ପରିଦର୍ଶକମାନଙ୍କୁ ପ୍ରଶିକ୍ଷଣ ଦେବାର ପଦ୍ଧତି ସହିତ ଅନ୍ୟାନ୍ୟ ବିଭିନ୍ନ ଆବଶ୍ୟକ ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଫଳରେ ପ୍ରଶିକ୍ଷଣରେ ଶିଖିଥିବା ପ୍ରକ୍ରିୟାକୁ ସେମାନେ ପ୍ରାୟୋଗିକ ଭାବେ ଅଭ୍ୟାସ କରିପାରିବେ। ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ସତର୍କତା, ଦାୟିତ୍ୱବୋଧ ଓ ସମୟାନୁବର୍ତ୍ତିତା କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜନଗଣନା କାର୍ଯ୍ୟକ୍ରମ ଦେଶର ସାମାଜିକ ଓ ଆର୍ଥିକ ପରିକଳ୍ପନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ନୂତନ ପେନ୍‌ସନ ନିୟମ ପ୍ରତିବାଦରେ ଧାରଣା

ଖୋର୍ଦ୍ଧା,୨୫।୩(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ରୀୟ ସିଭିଲ ସର୍ଭିସ (ପେନସନ) ନିୟମାବଳୀ ବୈଧୀକରଣ ଅଧିନିୟମକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଅଖିଳ ଭାରତୀୟ ରାଜ୍ୟ ପେନସନଭୋଗୀ ମହାସଂଘର ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବୁଧବାର ଓଡ଼ିଶା ସେବାନିବୃତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ପ୍ରତିବାଦ କରାଯାଇଛି। ଏଥିସହ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଶିକ୍ଷକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାର ଶତାଧିକ ପୂର୍ବତନ ଶିକ୍ଷକ ଓ କର୍ମଚାରୀ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିବା ସହ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଶିକ୍ଷକ ନେତା ବିଶ୍ୱାଳ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ପେନସନ ସଂକ୍ରାନ୍ତୀୟ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଉଛି।

ଏକ ଅଧିନିୟମ ୨୫ମାର୍ଚ୍ଚ ୨୦୨୫ରୁ କାର୍ଯ୍ୟକାରୀ କରାଯାଇଛି। ଏହାକୁ ଆର୍ଥିକ ବିଲ୍‌ର ଏକ ଅଂଶ ଭାବରେ କୌଣସି ପୂର୍ବ ସୂଚନା ଦିଆଯାଇ ନଥିଲା। ଏହି ବିଲ୍ ଲୋକ ସଭାରେ ଅନୁମୋଦନ କରାଯାଇଥିଲା। ଏହି ଅଧିନିୟମକୁ ପୂର୍ଣ୍ଣାଙ୍ଗରେ କାର୍ଯ୍ୟକାରୀ କରାଯାଏ, ତେବେ ପେନସନଭୋଗୀଙ୍କ ଅବସର ତାରିଖ ପେନସନ ପାଇଁ ପାର୍ଥକ୍ୟ ଓ ଶ୍ରେଣୀ ବିଭାଗର ଆଧାର ହୋଇଯିବ। ଫଳରେ କେନ୍ଦ୍ରୀୟ ବେତନ ଆୟୋଗ ଏବଂ ଅନ୍ୟ ବେତନ ଆୟୋଗର କାର୍ଯ୍ୟକାଳ ପୂର୍ବରୁ ଅବସର ନେଇଥିବା ପେନସନଭୋଗୀମାନେ ବେତନ ଆୟୋଗଙ୍କ ସୁପାରିଶର ଲାଭରୁ ବଞ୍ଚିତ ହେବେ। ବର୍ତ୍ତମାନର ପେନସନଭୋଗୀମାନେ ଏହି କଠିନ ସମୟରେ ପେନସନ ବୃଦ୍ଧିର ଅଧିକାରୀ ନ ହୋଇ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ବୋଲି କହିଥିଲେ। ଏପରିକି ସାମୟିକ ଡିଏ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧାରୁ ମଧ ବଞ୍ଚିତ ହେବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ଼ ବ୍ଲକ ଶିକ୍ଷକ ମହସଂଘ ସଭାପତି ଦିବାକର ପରମଗୁରୁ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ସତ୍ୟବାନ ଶ୍ରୀଚନ୍ଦନ, ନବକିଶୋର ମହାପାତ୍ର, ନଗେନ କୁମାର ଦତ୍ତ, ଗୋପାଳ ଚନ୍ଦ୍ର ତ୍ରିପାଠୀ, ପ୍ରହଲ୍ଲାଦ ବାରିକ, ଅନିଲ କୁମାର ସାହୁ, ବେଣୁଧର ମହାପାତ୍ର, ବୈକୁଣ୍ଠ ମହାରଣା, ଅଞ୍ଜନ କୁମାର ରାୟ ପ୍ରମୁଖ ସାମିଲ ହୋଇ ବିଲ୍‌ର ଭୟାବହତା ଉପରେ ଆଲୋକପାତ କରିବା ସହିତ ଅବସରପ୍ରାପ୍ତ କର୍ମଚରୀଙ୍କୁ ଅନ୍ୟ ରାଜ୍ୟ ପରି ଚିକିତ୍ସା ଭତ୍ତା ଆଦି ପ୍ରଦାନ କରିବାକୁ ଦାବି କରିଥଲେ।

## ବ୍ରହ୍ମପୁରରେ ରାମଲୀଳା

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ବ୍ରହ୍ମପୁରସ୍ଥିତ ମା' ଥାନପତି ରାମଲୀଳା ପ୍ରଚାର ପ୍ରସାର ସମିତି ପକ୍ଷରୁ ଗତ ୧୮ ତାରିଖରୁ ରାମଲୀଳା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ରାତିରେ ରାମାୟଣର ବିଭିନ୍ନ ବିଷୟରେ ନାଟକ ମଞ୍ଚସ୍ଥ କରାଯାଉଛି। ରାମଲୀଳା ପ୍ରଚାର ପ୍ରସାର ସମିତି ସଭାପତି ଚନ୍ଦ୍ରମଣି ଦେବତା ଓ ସମ୍ପାଦକ ସମୀର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ପଣ୍ଡିତ ପ୍ରଦୀପ୍ତ କୁମାର ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ଗାନ୍ଧିଗୁରୁ ଦାସ, ରସାନନ୍ଦ ବେହେରା, ମିଟୁ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହା ୨୭ ତାରିଖ ସନ୍ଧ୍ୟାରେ ଉଦ୍‌ଯାପିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ମିଳିତ ବିରୋଧୀ ଦଳ

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)



କଲେଜଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅନୁଷ୍ଠିତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ବୋଧନ ଦେଉଛନ୍ତି।

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ମିଳିତ ବିରୋଧୀ ଦଳ ପକ୍ଷରୁ ଏକ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବିର ଅଗ୍ନିକାଣ୍ଡ ଘଟଣା ଦୁର୍ଘଟଣା ନୁହେଁ ବରଂ ସରକାର ଓ ହସ୍ପିଟାଲ ପରିଚାଳନାର ଚରମ ଅବହେଳାର ପରିଣାମ। ଫଳରେ ନିରୀହ ରୋଗୀଙ୍କ ଜୀବନ ଯାଇଛି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ, ନଚେତ୍ ମନ୍ତ୍ରିମଣ୍ଡଳରୁ ତାଙ୍କୁ ବହିଷ୍କାର କରାଯାଉ ଏବଂ ଉଚ୍ଚ ନ୍ୟାୟାଳୟ ନ୍ୟାୟାଧୀଶଙ୍କ ନେତୃତ୍ୱରେ ନ୍ୟାୟିକ ତଦନ୍ତ କରାଯାଉ ବୋଲି କଲେଜଛକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅନୁଷ୍ଠିତ ସଭାରେ ମତପ୍ରକାଶ ପାଇଛି। ଅନ୍ୟପଟେ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା କ୍ଷତିପୂରଣ ଏବଂ ପରିବାରର ଜଣଙ୍କୁ ନିଯୁକ୍ତି, ଆହତଙ୍କୁ ମାଗଣା ଚିକିତ୍ସା ଏବଂ ୫ ଲକ୍ଷ ଟଙ୍କା କ୍ଷତିପୂରଣ, ହସ୍ପିଟାଲ ଅଧୀକ୍ଷକଙ୍କ ସମେତ ଦାୟୀ

**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି**

ସମସ୍ତ ଅଧିକାରୀ ଓ ଠିକାଦାରଙ୍କୁ ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରାଯାଇଛି। ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ମେୟର ସୁବାସ ସିଂ, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ଓ ପ୍ରତାପ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ବିଜୟ ଲକ୍ଷ୍ମୀ ସାହୁ, ସିପିଆଇର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ମିଶ୍ର, ସିପିଆଇ (ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ, ସିପିଆଇ (ଏମ୍‌ଏଲ୍)ର ରାଜ୍ୟ ସଭାପତି ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପିର ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆର୍‌ଜେଡି ରାଜ୍ୟ ସଭାପତି ହେମନ୍ତ କୁମାର, ସମତାକ୍ରାନ୍ତି ଦଳର ପ୍ରଭାସ ସାମନ୍ତରାୟ ଯୋଗଦେଇଥିଲେ।

ଏଥିରେ ବିଜେଡି ଜିଲା ସଭାପତି ପ୍ରଫୁଲ୍ଲ ସିଂ, କଂଗ୍ରେସ ନେତା ପ୍ରତାପ ମଲ୍ଲିକ, ସିପିଆଇର ଅମରେନ୍ଦ୍ର ମହାନ୍ତି, ସିପିଆଇ (ଏମ୍) ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ ପ୍ରମୁଖଙ୍କୁ ନେଇ ସଭାପତି ମଣ୍ଡଳୀ ଗଠନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରବି ମଲ୍ଲିକ, ସୁରେଶ ମହାପାତ୍ର, ସିପିଆଇର ବିନୋଦ ବେହେରା, ପ୍ରସନ୍ନ ମହାପାତ୍ର, ସିପିଆଇ (ଏମ୍) ନେତା ରବିନାରାୟଣ ମଲ୍ଲିକ, ପ୍ରତାପ ମହାପାତ୍ର ଓ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନଦୀରେ ବୁଡ଼ି ନାବାଳକ ନିଖୋଜ

କଣ୍ଟାପଡ଼ା,୨୫ା୩(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ସିମଳଦା ନିକଟରେ ମାମୁଙ୍କ ସହ ଦେବୀନଦୀରେ ଗାଧୋଇବାକୁ ଆସି ଜଣେ ନାବାଳକ ନଦୀରେ ନିଖୋଜ ହୋଇଥିବା ଜଣାପଡିଛି। ସମ୍ପୃକ୍ତ ନାବାଳକ ହେଲେ କଟକ ସଦର ଥାନା ଅନ୍ତର୍ଗତ ଫତେଗଡ ଗ୍ରାମର ଆଜମ ବେଗ (୧୪)। ଖବର ନେବାରେ ଜଣାପଡିଛି, ଆଜମ ତାଙ୍କ ମାମୁ ଘର ସିମଳଦାକୁ ବୁଲିବାକୁ ଆସିଥିଲେ। ଆଜମ ତାଙ୍କ ମାମୁ ମୋଜାଇଦ ଉଲ ଇସଲାମଙ୍କ ସହ ବୁଧବାର ଅପରାହ୍ନ ୩ଟା ବେଳେ ଦେବୀନଦୀକୁ ଗାଧୋଇବାକୁ ଆସିଥିଲେ। ମାମୁ-ଭଣଜା ଗାଧୋଉଥିବାବେଳେ ଆଜମ ହଠାତ ନଦୀରେ ବୁଡିଯାଇଥିଲେ। ମାମୁ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଖବର ପାଇ ଅଡଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀଭିତରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

### ବେଆଇନ ଗ୍ୟାସ୍ ରିଫିଲିଂ, ଜଣେ ଗିରଫ: ୧୦ ସିଲିଣ୍ଡର ଜବତ

କଟକ,୨୫ା୩(କାର୍ତ୍ତିକ ସାହୁ)

ବେଆଇନ ଭାବେ ଏଲପିଜି ଗ୍ୟାସ୍ ରିଫିଲିଂ କରୁଥିବା ଜଣେ ବ୍ୟକ୍ତିଙ୍କୁ ବିଡ଼ାନାସୀ ଥାନା ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାର କେଉଟସାହିର ଧ୍ରୁବ ଚରଣ ବେହେରା(୪୫)। ତାଙ୍କ ନିକଟରୁ ୧୦ଟି ସିଲିଣ୍ଡର ସହ ଅନ୍ୟାନ୍ୟ ସାମଗ୍ରୀ ଓ ୨୩,୧୦୦ ଟଙ୍କା ଜବତ ହୋଇଛି। ସୂଚନାନୁସାରେ, ବିଡ଼ାନାସୀ ଥାନା ପୋଲିସକୁ ବେଆଇନ ଭାବେ ଗ୍ୟାସ୍ ରିଫିଲିଂ କରାଯାଉଥିବା ନେଇ ସୂଚନା ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଗୋଟିଏ ସିଲିଣ୍ଡରରୁ ଅନ୍ୟ ଏକ ସିଲିଣ୍ଡକୁ ଗ୍ୟାସ୍ ରିଫିଲିଂ କରାଯାଉଥିବା ଦେଖିବାକୁ ମିଳିଥିଲା।

### ବିଏମ୍‌ଏମ୍‌ୟୁ କର୍ମଚାରୀଙ୍କୁ ନିୟମିତ କରାଯାଉ

ଫୁଲନଖରା,୨୫ା୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ଓଡ଼ିଶା ଜୀବିକା ମିଶନ ବା ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ବ୍ଲକ ମିଶନ ପରିଚାଳନା ୟୁନିଟ (ବିଏମ୍‌ଏମ୍‌ୟୁ) କର୍ମଚାରୀଙ୍କୁ ନିୟମିତ କରିବାକୁ ଭାଜପା କିଷାନ ମୋର୍ଚ୍ଚା ପ୍ରାକ୍ତନ ରାଜ୍ୟ ସମ୍ପାଦକ ପ୍ରଶାନ୍ତ ପାଇଁ ଦାବି କରିଛନ୍ତି। ଏନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ପୂର୍ବକ ସ୍କିମାଟିକ ଶିକ୍ଷକଙ୍କ ପରି ଏମାନଙ୍କୁ ନିୟମିତ କରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୪ଠାରୁ ଏହି ବ୍ଲକସ୍ତରୀୟ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନଙ୍କୁ ନିୟମିତ କରିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପ୍ରଣିତ ନିୟମ ଅନୁଯାୟୀ ଦରମା ଓ ବର୍ଦ୍ଧିତ ଭତ୍ତା ଓ ଗସ୍ତ ଖର୍ଚ୍ଚ ଆଦି ପ୍ରଦାନର ବ୍ୟବସ୍ଥା କରିବାକୁ ସ୍ୱାଇଁ ସ୍ମାରକପତ୍ରରେ ଦାବି କରିଛନ୍ତି।

### ପିଏମ୍‌ଶ୍ରୀ ବିଏମ୍ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଣ୍ଟାପଡ଼ା,୨୫ା୩ (ସୁରନାରାୟଣ ସାହୁ)

କଣ୍ଟାପଡ଼ାସ୍ଥିତ ପିଏମ୍‌ଶ୍ରୀ ବିଏମ୍ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଛବି ମଲ୍ଲିକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣ୍ଟାପଡା ସରପଞ୍ଚ ନିର୍ମଳ କୁମାର ସାହୁ, ସମିତିସଭ୍ୟ ପବିତ୍ର ମୋହନ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଂସୁର ଅଲ୍ଲୀ ସା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ସ୍ମିତାରାଣୀ ସ୍ୱାଇଁ ସଭାରେ ସଭାପତିତ୍ୱ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ବିଧାୟକ ଓ ଅନ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। ଉତ୍ସବକୁ ଶିକ୍ଷକ ଦେବାଶିଷ କର, ରାଜାରଞ୍ଜନ ଦାଶ ଓ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।

# ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ: ମେୟର

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ବିଜେଡି କର୍ପୋରେଟରଙ୍କୁ ବିଜେଡି ନେତା ତଥା କଟକ ମେୟର ସୁବାସ ସିଂ ଓ ଜିଲା ସଭାପତି ପ୍ରଫୁଲ୍ଲ ସିଂ ଅଣଦେଖା କରିବା ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ସୁବାସ। ମେୟର କହିଛନ୍ତି, କୌଣସି ଦଳୀୟ କାର୍ଯ୍ୟରେ ମୁଁ କେବଳ ମେୟର ଭାବେ ଯୋଗଦେଇ ନ ଥାଏ। ଦଳର କୋଷାଧ୍ୟକ୍ଷ ଭାବେ ସାଙ୍ଗଠନିକ ନେତୃତ୍ୱ ନେଇ କାର୍ଯ୍ୟ କରିଥାଏ। ଯେଉଁଠି କାର୍ଯ୍ୟ ହୋଇଥାଏ ମୁଁ ଉପସ୍ଥିତ ଥାଏ, ମେୟର ପଦ ସମ୍ପୂର୍ଣ୍ଣ ଅଲଗା ରହିଛି। ପୂର୍ବରୁ ମଧ୍ୟ ବହୁ ବିବାଦୀୟ ଟିପ୍ପଣୀ କରାଯାଇଛି। ହେଲେ ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଜୁ ଜନତା ଦଳରେ ସବୁ ଏକଜୁଟ ହୋଇ ରହିଛୁ ଏବଂ କାମ କରୁଛୁ। କାଉନସିଲରେ ସମସ୍ତେ ସମାନ। କିଏ କାହା ସହ ରହିବା ସେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସେ କହିଛନ୍ତି।

ସୂଚନାଥାଉକି, କଟକ ବିଜେଡି ପକ୍ଷରୁ ବିଧାୟକ ସୌଭିକ୍ ବିଶ୍ୱାଳ ଓ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ କୁଶପୁତ୍ତଳିକା ଦାହ କରିବା ଘଟଣାକୁ ଚୌଦ୍ୱାର-କଟକ ବିଜେଡିର କର୍ପୋରେଟରମାନେ ତୀବ୍ର ବିରୋଧ କରି ସମୂହ ଇସ୍ତଫା ଦେବା ନେଇ ଧମକ ଦେଇଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି


ଜନଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀ।

କଟକ ସଦର,୨୫ା୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ପୂର୍ବରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟ ଉପରେ ବୁଧବାର ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୁଣାଣିରେ ସରପଞ୍ଚ, ସମିତି ସଭ୍ୟା ସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକମାନେ ଉପସ୍ଥିତ ରହି ସେମାନଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଖରାଦିନ ଚାଲିଥିବାରୁ ବିଭିନ୍ନ ଗ୍ରାମରେ ମାଟି କାମ ଅଗ୍ରାଧିକାର ଭିତ୍ତିରେ କରିବା ପାଇଁ ଗ୍ରାମ ସାଥୀମାନେ ଦୃଷ୍ଟି ଦେବା ପାଇଁ କୁହାଯାଇଥିଲା। ଜନଶୁଣାଣିରେ ବିଡିଓ ପ୍ରତୀକ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭସ୍ମିତା ନାଥ, ସାମାଜିକ ସମୀକ୍ଷକ ରଶ୍ମି ନାୟକ ପ୍ରମୁଖ ଜନଶୁଣାଣିରେ ଭାଗ ନେଇଥିଲେ। ଶେଷରେ ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।

# ନାରୀ ଶିକ୍ଷା କ୍ଷେତ୍ରରେ ଶୈଳବାଳାଙ୍କ ଭୂମିକା ଅନନ୍ୟ



ପଦ୍ମଶ୍ରୀ ଶୈଳବାଳାଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)

ପଦ୍ମଶ୍ରୀ ଶୈଳବାଳା ଦାସଙ୍କ ୧୫୧ତମ ଜନ୍ମଦିବସ ଅବସରରେ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ବୁଧବାର ମଧୁସୂଦନ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡ. ନେତାଜୀ ଅଭିନନ୍ଦନ ଯୋଗଦେଇ କହିଛନ୍ତି, ଓଡ଼ିଶାର ନାରୀଶିକ୍ଷା କ୍ଷେତ୍ରରେ ଶୈଳବାଳାଙ୍କ ଏକ ପ୍ରମୁଖ ଭୂମିକା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ପ୍ରତିନିଧି ସେଲ୍‌ର ଉପଦେଷ୍ଟା ଡ. ଅନିରୁଦ୍ଧ ଖିଲାର୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଡ. ଦୀପ୍ତି ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମମତା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ଯୋଗମାୟା ପଣ୍ଡା, ଡ. ଗାୟତ୍ରୀ କର, ସରସ୍ୱତୀ ମାଝୀ, ଡ. ମୌସୁମୀ ପଟ୍ଟନାୟକ, ଡ. ଗୋପାଙ୍ଗନା ଦାସ, ଡ. ମେନକା ରାଣୀ ସାହୁ, ଆରାଧନା ନାୟକ, ଡ. ଆକାଂକ୍ଷିକା ପଣ୍ଡା, ସୋନାଲି ସ୍ୱାଗତିକା ଦାସ, ଡ. ମଧୁଲିତା ସାହୁଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ, ଛାତ୍ରୀମାନେ ଉପସ୍ଥିତ ଥିଲେ।

# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ମଙ୍ଗୁଳି-ଜଗତପୁର,୨୫ା୩(ମାନସ ସାମଲ)

ଜଗତପୁର ଥାନା ଅଧୀନ ଭୈରପୁର ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ରାତିରେ ଜଣେ ମହିଳାଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଅମଜାଦ ବିବି। ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ପରିବାରବର୍ଗ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତିରେ ଅମଜାଦ ଖ୍ୱାଇଁ ଘରୁ ଫେରି ରାତ୍ରି ଭୋଜନ ସାରି ନାତିଙ୍କ ସହିତ ଶୋଇଥିଲେ। ରାତି ପ୍ରାୟ ୧୧ଟାରେ ନାତି ଘରୁ ବାହାରକୁ ଆସିଥିଲେ। ଫେରିବା ପରେ ଦେଖେନ୍ତି ୪ଜଣ ଯୁବକ ତାଙ୍କ ଶୋଇବା ଘରୁ ହଠାତ୍ ବାହାରି ଦୌଡ଼ି ପଳାଇଥିଲେ। କିନ୍ତୁ ଆଇ ଅମଜାଦ ଜିଭ ବାହାର କରି ଖଟରେ ପଡ଼ି ରହିଛନ୍ତି। ପରେ ନାତି ପରିବାର ଲୋକଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ତୁରନ୍ତ ଜଗତପୁର ଥାନାକୁ ଜଣାଇଥିଲେ। ଜଗତପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ସକାଳେ ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ଜୋନ ୧ ଏସିପି ଅରୁଣ ସ୍ୱାଇଁ ଓ ଜଗତପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୯୮ /୨୬) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସର ପ୍ରତିକ୍ରିୟା ମିଳିପାରିନାହିଁ।

# କଟକ ପୁସ୍ତକମେଳାରେ ଉତ୍କଳ ସାହିତ୍ୟ ସମାଜର ଆଲୋଚନାଚକ୍ର

କଟକ,୨୫ା୩(କାର୍ତ୍ତିକ ସାହୁ)

ବହିଟିଏ ଜୀବନକୁ ଗଢ଼ିଥାଏ ଓ ଜୀବନକୁ ମାର୍ଗଦର୍ଶନ ଦେଇଥାଏ ବୋଲି ବାଲିଯାତ୍ରା ପଡ଼ିଆରେ ବୁଧବାର ଆୟୋଜିତ ଜିଲାସ୍ତରୀୟ ପୁସ୍ତକ ମେଳା କଟକ ସାହିତ୍ୟ ସରୋବରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ସାହିତ୍ୟ ସମାଜ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବହିଠାରୁ କେତେ ଦୂରରେ, କେତେ ପାଖରେ ପାଠକ ଶୀର୍ଷକ ଆଲୋଚନାଚକ୍ରରେ କବି ପିନାକୀ ସିଂହ, ଗବେଷକ ସୁବ୍ରତ ପ୍ରିୟବ୍ରତ ମହାନ୍ତି, ସାମ୍ବାଦିକ କୃଷ୍ଣ ପ୍ରସାଦ ଦାସ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ଓ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ଲେଖକ ଓ ପାଠକ ମଧ୍ୟରେ ସମ୍ପର୍କ ଓ ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ରୂପରେଖ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲୀପ କୁମାର ଦାସଙ୍କ ସମେତ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ଡ. ବୈଜୟନ୍ତୀମାଳା ଶତପଥୀ, ମୀରା ବେଉରା, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଟକ ମହାନଗର ନିଗମର ଯୁଗ୍ମ ଆୟୁକ୍ତ ବର୍ନେନ୍ଦୁ ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଶୈଳବାଳାଙ୍କ ଜୟନ୍ତୀରେ ସଚେତନତା ରଥର ଶୁଭାରମ୍ଭ

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)



ଶୈଳବାଳାଙ୍କ ଜୟନ୍ତୀ ଅବସରରେ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

ଶୈଳବାଳାଙ୍କ ଜୟନ୍ତୀ ଅବସରରେ ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବି ଜୋର ଧରିଛି। କଟକ ସହର ବୁଦ୍ଧିଜୀବୀ ଓ ଶୈଳବାଳାର ବର୍ତ୍ତମାନ ଓ ପୁରାତନ ଛାତ୍ରୀଙ୍କ ପକ୍ଷରୁ ବୁଧବାର ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମେୟର ସୁବାସ ସିଂ, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ସ୍ଥାନୀୟ କର୍ପୋରେଟର ଲିଜାରାଣୀ ରାଉତ, ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ ଯୋଗଦେଇ ରଥର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ସଚେତନତା ରଥ ରଘୁନାଥ ଜୀଉ କଲେଜ, ଦେଉଳସାହିବାସିନ୍ଦା, ଉଗରପଡା ପ୍ରାଥମିକ ବିଦ୍ୟାଳୟ, ଟିମ୍ ସିଲଭର ସିଟି, କଟକ ମୋଟର କର୍ମଚାରୀ ସଂଘ, ଗଣେଶ ଘାଟ ବାସିନ୍ଦା ଓ ଅନ୍ୟାନ୍ୟ ସଂଗଠନ ସମେତ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ ଦେଉଳ ସାହିରେ ସଚେତନତା ରଥକୁ ସ୍ୱାଗତ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜ ପୂର୍ବତନ ସଭାନେତ୍ରୀ ସୁଚିତ୍ରା ସେଠୀ, ଗ୍ରେଟର କଟକର ମନୋଜ ପତି, ମଧୁସ୍ମୃତି ସୁରକ୍ଷା ମଞ୍ଚ ସମ୍ପାଦକ ସନ୍ତୋଷ ମହାରଣା, କବୀନ୍ଦ୍ର ବେହେରା, ବିନୋଦ ପଣ୍ଡା, ଉଷାରାଣୀ ଟିଗା, ସୌଦାମିନୀ ଜେନା, ତାପସ ଦ୍ୱିବେଦୀ, ଛାତ୍ରୀ ପ୍ରଭାତୀ ସେଠୀ, ମୌସୁମୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କଟକକୁ କଳଙ୍କିତ କରିଛନ୍ତି ମେୟର: ବିଧାୟିକା

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ ପ୍ରସଙ୍ଗକୁ ନେଇ ବିଜେଡି ନେତା ତଥା କଟକ ମେୟର ସୁବାସ ସିଂ କଟକର ୩ ବିଧାୟକଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହାର କଡ଼ା ଜବାବ ଦେଇଛନ୍ତି ବାରବାଟୀ-ବିଧାୟକ ସୋଫିଆ ଫିର୍ଦ୍ଦୋସ। କଟକରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସୋଫିଆ ମେୟରଙ୍କୁ ଟାର୍ଗେଟ କରି କହିଛନ୍ତି, ରାଜ୍ୟ ସଭା ନିର୍ବାଚନକୁ ୧୦ଦିନ ବିତି ସାରିଛି। ଯାହା ନିଷ୍ପତ୍ତି ନିଆଯାଇଛି ତାହା ବିଷୟରେ କଟକବାସୀ ଜାଣିଛନ୍ତି। ମେୟର ନିଜେ କଟକକୁ କଳଙ୍କିତ କରି ସାରିଛନ୍ତି। ସିଏମ୍‌ସି ସମ୍ପୂର୍ଣ୍ଣ ଭାବେ ଦୁର୍ନୀତିରେ ଲିପ୍ତ ରହିଛି। ନାଳ ନର୍ଦ୍ଦମା ସମସ୍ୟାରେ ସୁଧାର ଆସି ପାରୁନାହିଁ। ମୁଁ କ'ଣ କାମ କରୁଛି ସେ ବିଷୟରେ କଟକବାସୀ ଭଲ ଭାବେ ଜାଣିଛନ୍ତି ବୋଲି ସେ କହିଛନ୍ତି। ସୂଚନାଥାଉ କି, ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ ଓ ସୋଫିଆ ଫିର୍ଦ୍ଦୋସଙ୍କୁ କଡ଼ା ସମାଲୋଚନା କରିବା ସହ କଟକକୁ କଳଙ୍କିତ କରିଥିବା ମେୟର ସୁବାସ କହିଥିଲେ। ଏପରିକି ଏହି ୩ ଜଣଙ୍କ ଭବିଷ୍ୟତ ଖତ ହୋଇଯିବ ବୋଲି ସେ କହିଥିଲେ।

# ଯୁବପିଢ଼ିଙ୍କ ବୃତ୍ତିଗତ କ୍ଷମତା, କୌଶଳର ବିକାଶ କରିବ 'ଲିପ୍'

ତ୍ରିଶୁଳିଆ,୨୫ା୩(ତୁଷାରକାନ୍ତ ବେହେରା)

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ସେଫ୍ ଶପ୍ ମଧ୍ୟରେ ଏମ୍‌ଓୟୁ**

ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଡାଇରେକ୍ଟ ସେଲିଂ (ପ୍ରତ୍ୟକ୍ଷ ବିକ୍ରୟ) କ୍ଷେତ୍ରରେ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ସେଫ୍ ଆଣ୍ଡ ସିକ୍ୟୋର ଅନ୍‌ଲାଇନ ମାର୍କେଟିଂ ପ୍ରାଇଭେଟ ଲିମିଟେଡ୍ (ସେଫ୍ ଶପ୍) ଡାଇରେକ୍ଟ ଇଣ୍ଡିଆ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଆୟୋଜିତ ଭବ୍ୟ ଭଜନ କ୍ଲବିଂ କାର୍ଯ୍ୟକ୍ରମ ଅବସରରେ ପୂଜ୍ୟ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ଏକଲକ୍ଷରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଉକ୍ତ ବୁଝାମଣାପତ୍ର ଅନୁସାରେ ଏହି ଦୁଇ ସଂସ୍ଥା ମିଶି 'ଲିପ୍' (ଲିଡର୍ସ ଏକ୍ସଲେନ୍ସ ଆସୋସିଏଟ୍ ପ୍ରୋଗ୍ରାମ) କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହା ଯୁବପିଢ଼ିଙ୍କ ବୃତ୍ତିଗତ କ୍ଷମତା ଓ କୌଶଳର ବିକାଶ ସାଙ୍ଗକୁ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ ନିମନ୍ତେ କାର୍ଯ୍ୟ କରିବ। ଏଥିସହ ଶିକ୍ଷାକୁ ଶିଳ୍ପର ପରିବର୍ତ୍ତନଶୀଳ ଆବଶ୍ୟକତା ସହିତ ସମନ୍ୱୟ ରଖି ଯୋଡ଼ିବା ଦିଗରେ ମଧ୍ୟ କାର୍ଯ୍ୟ କରିବ। ଫଳରେ ଯୁବପିଢ଼ି ଡାଇରେକ୍ଟ ସେଲିଂ ବା ସିଧାସଳଖ ବିକ୍ରୟ କ୍ଷେତ୍ରରେ ଆଧୁନିକ ବ୍ୟବସାୟ କୌଶଳ ଆହରଣ କରିପାରିବେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏହି ବୁଝାମଣାପତ୍ର ସ୍ୱାକ୍ଷର ଯୋଗୁ ସନ୍ତୋଷ ବ୍ୟକ୍ତ କରି ଅନୁଷ୍ଠାନ ପାଇଁ ଏହା ଏକ ମାଇଲଖୁଣ୍ଟ ବୋଲି ପ୍ରକାଶ କରିଥିଲେ।

# ଅଧୀକ୍ଷକ, ଅଧ୍ୟକ୍ଷାଙ୍କ ବଦଳିକୁ ବିରୋଧ

କଟକ,୨୫ା୩(ଶିଳ୍ପା ପ୍ରିୟଦର୍ଶିନୀ)


ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ମେଡିକାଲର ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଏସ୍‌ସିବି ମେଡ଼ିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମେଡିକାଲ କଲେଜ ଅଧ୍ୟକ୍ଷା ଓ ଅଧୀକ୍ଷକଙ୍କୁ ବଦଳି କରାଯାଇଥିଲା । ଏହି ବଦଳିକୁ ବିରୋଧ କରିଛି ଏସ୍‌ସିବି ଜୁନିୟର ଡାକ୍ତର ଛାତ୍ର ସଂଘ। ଏହାସହ ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ମେଡିକାଲର ପ୍ରଶାସନିକ ଅଧିକାରୀ ସୁବାସ ରାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ସଂଘ ସଭାପତି ଡା. ଚିନ୍ମୟ କୁମାର ପ୍ରଧାନ କହିଛନ୍ତି, ଏସ୍‌ସିବିର ଏହି ଅଗ୍ନିକାଣ୍ଡ ଦୁର୍ଭାଗ୍ୟଜନକ। ଏହି ଘଟଣାର ପ୍ରାଥମିକ ଭାବେ ମେଡିକାଲ ଅଧୀକ୍ଷକ ଓ ଅଧ୍ୟକ୍ଷ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ସରକାରଙ୍କ ପକ୍ଷରୁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ତଦନ୍ତ କରି ରିପୋର୍ଟ ଦେଲା ପରେ

**ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା**

**ଜୁନିୟର ଡାକ୍ତରୀ ଛାତ୍ର ସଂଘ ପକ୍ଷରୁ ଦାବିପତ୍ର**

ମେଡିକାଲ ଅଧ୍ୟକ୍ଷା ଓ ଅଧୀକ୍ଷକଙ୍କୁ ବଦଳି କରାଗଲା। ଖାସ୍‌କରି ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସଙ୍କ ଚାକିରୀରୁ ଅବସରନେବାକୁ ମାତ୍ର ୨ ମାସ ଥିବାବେଳେ ତାଙ୍କୁ ଅନ୍ୟ ଏକ ବିଭାଗକୁ ବଦଳି କରାଯିବା ଗ୍ରହଣୀୟ ନିଷ୍ପତ୍ତି ନୁହେଁ। ସେହିପରି ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ମେଡିକାଲରେ ଅଭିଜ୍ଞ ଥିବାବେଳେ ତାଙ୍କୁ ବଦଳି କରାଯିବାକୁ ଆମେ ନିନ୍ଦା କରୁଛୁ। ଏଭଳି ଘଟଣାରେ କେବଳ ଡାକ୍ତରମାନଙ୍କ ଉପରେ ଦୋଷ ଲଦା ନ ଯାଇ ଘଟଣାର ପ୍ରକୃତ କାରଣ ଖୋଜି ବାହାର କରାଯାଉ। ଏହାସହ ଉଭୟ ଅଧ୍ୟକ୍ଷା ଓ ଅଧୀକ୍ଷକଙ୍କ କ'ଣ ତ୍ରୁଟି ରହିଛି ଏବଂ ଫ୍ୟାକ୍ଟ ଫାଇଣ୍ଡିଂ କମିଟି କ'ଣ ରିପୋର୍ଟ ଦେଇଛି ତାହାକୁ ସର୍ବସମ୍ମୁଖକୁ ଅଣାଯିବାକୁ ସେ ଦାବି କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଚିପ୍ କୋଅର୍ଡିନେଟର ଡା. ନଗେନ୍ଦ୍ର କୁମାର ନାୟକ, ସାଧାରଣ ସମ୍ପାଦକ ଡା. ବିକାଶ କୁମାର ପଣ୍ଡା, ଡା. ସିବେନ୍ଦୁ ମହାରଣା, ଡା. ପ୍ରଜ୍ଞା ନାୟକ, ଡା. ଆକାଶ ବେହେରା, ଡା. ନନ୍ଦନନ୍ଦନ ମଣି, ଡା. ସୁଜିତ୍ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୫।୩।୨୦୨୬

| ୫,୦୦,୨୭୮ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |



ବୁଧବାର ରତ୍ନଭଣ୍ଡାର ଗଣତି ପାଇଁ ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସୁପରଭାଇଜିଂ ଓ ହ୍ୟାଣ୍ଡଲିଂ ଟିମ୍ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି।

# ପୋଲିସ-ଜନତା ବୈଠକ

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ସଦର ଥାନା ଅଧୀନ ଜମରସୁଆଣ ପଞ୍ଚାୟତରେ ବୁଧବାର ପୋଲିସ-ଜନସାଧାରଣ ସମ୍ମିଳନୀ ଥାନାଧିକାରୀ ଅନଖା କେ. ବିଜୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୂଳଉଦ୍ଦେଶ୍ୟ ଥିଲା, ଅଞ୍ଚଳରେ ଆଇନ, ଶୃଙ୍ଖଳାକୁ ଆହୁରି ସୁଦୃଢ କରିବା ସହିତ ସାଧାରଣ ଲୋକଙ୍କୁ ବିଭିନ୍ନ ସାମାଜିକ ଓ ଆଇନଗତ ବିଷୟରେ ସଚେତନ କରିବା। ସଭାରେ ଅବୈଧ ମଦ ତିଆରି, ଚାଲାଣ ଓ ବିକ୍ରୟକୁ କଠୋର ଭାବେ ଦମନ କରିବା ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା। ପୋଲିସ ପକ୍ଷରୁ ଗ୍ରାମବାସୀମାନଙ୍କୁ ଏହା ସମ୍ପର୍କିତ କୌଣସି ସୂଚନା ମିଳିଲେ ତୁରନ୍ତ ଜଣାଇବାକୁ ଅନୁରୋଧ କରାଯାଇଥିଲା। ଫଳରେ ଅପରାଧକୁ ଶୀଘ୍ର ରୋକାଯାଇପାରିବ। ଏଥିସହିତ ସାଇବର ଅପରାଧ ଦିନକୁ ଦିନ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଲୋକମାନଙ୍କୁ ବିଭିନ୍ନ ପ୍ରକାରର ଅନଲାଇନ୍ ଠକେଇ, ଫ୍ରଡ୍ କଲ୍, ଓଟିପି ସେୟାରିଂ ଇତ୍ୟାଦି ସମ୍ପର୍କରେ ସଚେତନ କରାଯାଇଥିଲା। ଲୋକଙ୍କୁ ସମ୍ପ୍ରତି ଲାଗୁ ହୋଇଥିବା ବିଭିନ୍ନ ଆଇନ ଓ ତାହାର ପ୍ରଭାବ ସମ୍ପର୍କରେ ସରଳ ଭାଷାରେ ବୁଝାଇ ଦିଆଯାଇଥିଲା। ସଭାରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁମଧୁର ସମ୍ପର୍କ ଓ ସହଯୋଗ ବୃଦ୍ଧି ପାଇଁ ଜୋର ଦିଆଯାଇଥିଲା। ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ପାଇଁ ଉଭୟ ପକ୍ଷର ଏକତା ଅତ୍ୟାବଶ୍ୟକ ବୋଲି ଥାନାଧିକାରୀ ବିଜୟ ଉଲ୍ଲେଖ କରିଥିଲେ। ସଭାରେ ଉପସ୍ଥିତ ଗ୍ରାମବାସୀ ବିଭିନ୍ନ ସମସ୍ୟା ଓ ପ୍ରସ୍ତାବ ସଭାରେ ଉପସ୍ଥାପନ କରିଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ମିଳିଲା

କଣାସ, ୨୫।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ତ୍ରିଲୋଚନପୁର ପଞ୍ଚାୟତ ନୂଆପଡ଼ା ଗ୍ରାମର ବନବିହାରୀ ଦାଶ (୨୬) ମଙ୍ଗଳବାର ସନ୍ଧ୍ୟାରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ବୁଧବାର ମଧ୍ୟାହ୍ନରେ ନିଖୋଜ ବନବିହାରୀଙ୍କ ମୃତଦେହ ଘରପାଖ ପୋଖରୀରେ ଭାସୁଥିବା ଗ୍ରାମବାସୀ ଦେଖି ପରିବାରକୁ ଖବର ଦେଇଥିଲେ। ବନବିହାରୀଙ୍କ ମା'ବାପା ପୂର୍ବରୁ ମରିଯାଇଥିବାରୁ ମାମୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚି କଣାସ ପୋଲିସକୁ ଜଣାଇବା ସହ ଭଣଜା ବନବିହାରୀଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାମୁ କାର୍ତ୍ତିକ ଦାଶ କିପରି ଭଣଜାଙ୍କ ମୃତ୍ୟୁ ହୋଇଛି, ଏକ ଲିଖିତ ଅଭିଯୋଗ କଣାସ ଥାନାରେ ଦେବା ପରେ ଥାନାଧିକାରୀ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ରହସ୍ୟ ଜଣାପଡ଼ିବ।

# ଆଇନ ପ୍ରତ୍ୟାହାର ଦାବିରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

## ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘ ବୈଠକ



କେନ୍ଦ୍ର ସରକାରଙ୍କ ଆଇନ୍‌କୁ ବିରୋଧ କରି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଉଛନ୍ତି।

ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ଏକ ସାଧାରଣ ବୈଠକ ସଂଘର ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କେନ୍ଦ୍ର ସରକାରଙ୍କ ପେନ୍‌ସନଭୋଗୀଙ୍କ ପ୍ରତି ଭାଲିଡେଶନ ଆକ୍ଟ ୨୦୨୫ରେ ହୋଇଥିବା ଅବିଚାର ବିରୋଧରେ ପ୍ରତିବାଦ କରାଯାଇ ମାର୍ଚ୍ଚ ୨୫କୁ କଳା ଦିବସ ରୂପେ ଅଭିହିତ କରାଯାଇଥିଲା। କେନ୍ଦ୍ର ସରକାର ଗତବର୍ଷ ମାର୍ଚ୍ଚ ୨୫ ତାରିଖ ଦିନ ପାର୍ଲାମେଣ୍ଟରେ ଫାଇନାନ୍ସ ବିଲ୍ ୨୦୨୫ର ଅଂଶ ଭାବେ ପେନ୍‌ସନ୍ ଭାଲିଡେସନ୍ ଆକ୍ଟ ପାସ କରିବା ଦ୍ୱାରା ୧.୧.୨୦୨୬ ପୂର୍ବର ପେନ୍‌ସନ୍‌ଭୋଗୀମାନେ ୮ମ ବେତନ କମିସନର ସମସ୍ତ ଆର୍ଥିକ ସୁବିଧା ସୁଯୋଗ ହରାଇଥିଲେ। ଏହି ପେନ୍‌ସନ୍ ସରକାରଙ୍କ ଦୟା ନୁହେଁ ସେମାନଙ୍କ ଅଧିକାର'ରୁ ବଞ୍ଚିତ କରୁଥିବା କଳା ଆଇନ୍ ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟଜନକ ବୋଲି ସାଧାରଣ ସଂପାଦକ ବିଶ୍ୱନାଥ ବେହେରା ଅଭିଯୋଗ କରିବା ସହିତ ପ୍ରତ୍ୟାହାର ଦାବି କରିଥିଲେ। କଳା ଆଇନ ଦ୍ୱାରା ରାଜ୍ୟର ୩ଲକ୍ଷରୁ ଅଧିକ ପେନ୍‌ସନଭୋଗୀ କ୍ଷତିଗ୍ରସ୍ତ ହେବେ ଓ ସେମାନଙ୍କ ପେନ୍‌ସନ୍ ସମୀକରଣ ହେବ ନାହିଁ। ସର୍ବଭାରତୀୟ ରାଜ୍ୟ ପେନ୍‌ସନର୍ସ ଫେଡେରେଶନ ଓ ରାଜ୍ୟସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ପେନ୍‌ସନ୍ ବିରୋଧ ଭାଲିଡେସନ୍ ଆକ୍ଟ ପ୍ରତ୍ୟାହାର ନିମନ୍ତେ ଜିଲାପାଳଙ୍କ ମାଧ୍ୟମରେ ଆବେଦନପତ୍ର ପ୍ରଦାନ କରାଯାଇଛି। ବୈଠକରେ ସମସ୍ତ ସଭ୍ୟା, ସଭ୍ୟମାନେ କଳାବ୍ୟାଜ୍ ପିନ୍ଧି ଉକ୍ତ କଳା ଆଇନକୁ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ସରକାର ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, ଉପସଭାପତି ଦର୍ପେନ୍ଦ୍ର ନାରାୟଣ ଦାସ ଓ କୋଷାଧ୍ୟକ୍ଷ କିଶୋରଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ସଭାପତି ଲକ୍ଷ୍ମୀଧର ମିଶ୍ର, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ପ୍ରଫେସର ମିନତି ହୋତା, ଆଶାଲତା ପ୍ରଧାନ, ରମେଶଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ନାଥ ଦାସ, ବିଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ରମେଶ ଚନ୍ଦ୍ର ବଳିୟାରସିଂହ, ମନୋଜ କୁମାର ସାମନ୍ତରାୟ, ଗଣେଶ୍ୱର ମହାପାତ୍ର ଯୋଗଦାନ କରିଥିଲେ। ବସନ୍ତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ସାହିଯାତ ଯାତ୍ରା ପାଇଁ ଗୌଡ଼ବାଡ଼ ସାହିରେ ସମନ୍ୱୟ ସଭା

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ଆସନ୍ତା ସାହିଯାତ ଯାତ୍ରାକୁ ପୁରୀ ସହରରେ ସୁଚାରୁ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଗୌଡ଼ବାଡ଼ ସାହିରେ ଏକ ବିସ୍ତୃତ ସାହି କମିଟି ସମନ୍ୱୟ ସଭା ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସ୍ଥାନୀୟ ସାହି କମିଟି ସଦସ୍ୟ, ବରିଷ୍ଠ ନାଗରିକ ଓ ପୋଲିସ ଅଧିକାରୀ ଯୋଗ ଦେଇଥିଲେ। ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ୍ ଥାନାଧିକାରୀ ସଙ୍ଗୀତା ଦାଶ ସହ ଅନ୍ୟାନ୍ୟ ପୋଲିସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସେବା ବ୍ୟବସ୍ଥା, ଲୋକଙ୍କ ସୁରକ୍ଷା ଓ ସାମ୍ପ୍ରଦାୟିକ ସମନ୍ୱୟ ବଜାୟ ରଖିବା ସମ୍ବନ୍ଧୀୟ ବିଷୟରେ ଆଲୋଚନା ହୋଇଥିଲା। ଯାତ୍ରା ପଥରେ ପଡୁଥିବା ପ୍ରମୁଖ ରୁଟ୍ ଓ ବିକଳ୍ପ ରୁଟ୍‌ଗୁଡ଼ିକୁ ଚିହ୍ନଟ କରି ପୂର୍ବ ପ୍ରସ୍ତୁତି ନେବା, ସମ୍ବେଦନଶୀଳ ସ୍ଥାନ ଓ ସଂକୀର୍ଣ୍ଣ ରାସ୍ତାଗୁଡ଼ିକରେ ବିଶେଷ ପୋଲିସ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ସିସିଟିଭି ମାଧ୍ୟମରେ କଡ଼ା ନଜରଦାରି, ନିୟମିତ ପାଟ୍ରୋଲିଂ ଓ କ୍ୱିକ୍ ରେସପନ୍ସ ଟିମ୍‌ମାନେ ସଜାଗ ରହିବେ ବୋଲି ସୂଚିତ କରାଯାଇଥିଲା। ଏସ୍‌ପି ସ୍ଥାନୀୟ ସାହି କମିଟି ସଦସ୍ୟଙ୍କୁ ସକ୍ରିୟ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଟ୍ରାଫିକ ପକ୍ଷରୁ ଯାତ୍ରା ଦିନ ବିଶେଷ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ ହେବା ସମ୍ବନ୍ଧରେ ଅବଗତ କରାଯାଇଥିଲା। ପ୍ରମୁଖ ସ୍ଥାନଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା ସହ ଆବଶ୍ୟକତାନୁସାରେ ପୋଲିସ ଓ ଟ୍ରାଫିକ କର୍ମଚାରୀ ମୁତୟନ କରାଯିବ। ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ସାହିଯାତ ସମୟରେ ଟ୍ରାଫିକ ନିୟମ ମାନିବା ଓ ପୋଲିସଙ୍କୁ ସହଯୋଗ କରି ଶୃଙ୍ଖଳା ରକ୍ଷା କରିବାକୁ ଅନୁରୋଧ କରାଯାଇଛି। ସମସ୍ତଙ୍କ ମିଳିତ ପ୍ରୟାସରେ ସାହିଯାତ ଯାତ୍ରା ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ସମ୍ପନ୍ନ ହେବ ବୋଲି ପୋଲିସ ଆଶା ରଖିଛି।

# ଅନନ୍ତ ବାସୁଦେବଙ୍କ ପୀଠରେ ରୋଗୀସେବା

ଅସ୍ତରଙ୍ଗ, ୨୫।୩(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଖଣ୍ଡାସାହି ଗ୍ରାମର ଅନନ୍ତ ବାସୁଦେବଙ୍କ ପୀଠରେ ସିଦ୍ଧିବିନାୟକ ଚାରିଟେବଲ ଟ୍ରଷ୍ଟର ସଭାପତି ସତ୍ୟପ୍ରିୟ ବିଶ୍ୱାଳଙ୍କ ପରିଚାଳନାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ତଥା ସାମାଜିକ କର୍ମୀ ରାକେଶ କୁମାର ବିଶ୍ୱାଳ ଯୋଗଦେଇ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ୫ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ରୋଗୀଙ୍କ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିଥିଲେ। ଡାକ୍ତର ଚକ୍ଷୁ ପରୀକ୍ଷା କରି ଚଷମା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ନରୋତ୍ତମ ସ୍ୱାଇଁ, କାଳନ୍ଦୀ ସେଠୀ, ବବୁ ନାୟକ, ନିରଞ୍ଜନ ସ୍ୱାଇଁ, ରଥ ଦାଶ, ତପନ ସ୍ୱାଇଁ, ଟୁଲୁ ଲେଙ୍କା, କାଳିଆ ସାହୁ, ତପନ ସ୍ୱାଇଁ, ବୁଲୁ ସାହୁ, ଟୁଲୁ ସାହୁ, କାବୁଲା ସାହୁ, ଆରତ ସାହୁ, ତପନ ନାୟକ ପ୍ରମୁଖ ଅନ୍ୟ ସଭ୍ୟମାନେ ଯୋଗଦେଇ ସହଯୋଗ କରିଥିଲେ।

# ଟ୍ରାନ୍ସଜେଣ୍ଡର ଅଧିକାର ସଚେତନତା ରାଲି




ନିଜର ଅଧିକାର ପାଇଁ ଟ୍ରାନ୍ସଜେଣ୍ଡରମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍, ପୁରୀ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୁରୀ, ଜିଲା କିନ୍ନର ସଂଘ ଓ ନିଡ୍ ଏଣ୍ଡ ହେଲ୍ପ ଫାଉଣ୍ଡେଶନ ମିଳିତ ସହଯୋଗରେ ଆସନ୍ତା ୩୧ରେ ଆନ୍ତର୍ଜାତିକ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନ ଦିବସ ପାଳନ କରାଯିବ। ଏହି ଅବସରରେ ବୁଧବାର ଏକ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସୂଚନା ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ, ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ପୁରୀ ଜିଲା କିନ୍ନର ସଂଘ ସଭାପତି ପ୍ରୀୟାଂଶି ଦାସ, ସାଥୀ ଅନୁଷ୍ଠାନର ପ୍ରୋଗ୍ରାମ ମ୍ୟାନେଜର ଶର୍ମିଷ୍ଠା ଦାସ, ଟ୍ରାନ୍ସମ୍ୟାନ ଆକ୍ଟିଭିଷ୍ଟ ସୁମନ ମହାକୁଡ଼, ସନ୍ତୋଷ କୁମାର ଜେନା ମିଳିତ ଭାବେ ପତାକା ଦେଖାଇ ରାଲି ଶୁଭାରମ୍ଭ କରିଥିଲେ। ଟ୍ରାନ୍ସଜେଣ୍ଡରଙ୍କ ଅଧିକାର ସମ୍ପର୍କିତ ବିଭିନ୍ନ ପ୍ଲା-କାର୍ଡ ଧରି ପୁରୀର ବିଭିନ୍ନ ଅନୁଷ୍ଠାନ, ଟ୍ରାନ୍ସଜେଣ୍ଡର କମ୍ୟୁନିଟି, ବୁଦ୍ଧିଜୀବୀ, କଲେଜ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ଆରମ୍ଭ ହୋଇ ଭକ୍ତ ସାଲବେଗ ପୀଠ ପାଖରେ ଏହି ରାଲି ଶେଷ ହୋଇଥିଲା। ଏହି ଅବସରରେ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରେ ଟ୍ରାନ୍ସଜେଣ୍ଡର ଅଧିକାର ସମ୍ପର୍କିତ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା।

# ଜିଲା ସ୍କୁଲ ୧୯୯୬ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ ୧୯୯୬ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ କାର୍ଯ୍ୟକ୍ରମ ସିଟି ରୋଡ୍‌ସ୍ଥିତ ଭିବ୍ରାନ୍ସ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଶିକ୍ଷକ ଭାବଗ୍ରାହୀ ରାଉତରାୟ, ସୁଧାକର ମହାପାତ୍ର, ରମାକାନ୍ତ ପଣ୍ଡା, ରମାକାନ୍ତ କର, ଦିବାକର ମିଶ୍ର, ହରିହର ପାତ୍ର, ରାଜଲକ୍ଷ୍ମୀ ମିଶ୍ର, ସୁମିତ୍ରା ରଥ, ଗଙ୍ଗାଧର ଦାଶ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ନାୟକ, ରମେଶ ଚନ୍ଦ୍ର ମହାପାତ୍ର, ପୀତାମ୍ବର ମହାନ୍ତି, ଉମା ଦେବୀ, ଶାନ୍ତିଲତା ମହାନ୍ତି, ବାସନ୍ତୀ ରଥ, ଗୋଲବିହାରୀ ରାଉତରାୟ ଏବଂ ଜିଲା ସ୍କୁଲର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ଦିବଂଗତ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ମିଶ୍ର, ନୀଳକଣ୍ଠ ଗୁରୁ, ନାରାୟଣ ପଶୁପାଳକ, ଶ୍ରୀମନ୍ତ ସାହୁ, ପ୍ରଶାନ୍ତ ମହାରଣା, ଯୋଗେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସୁପରିଚାଳନା କରିଥିଲେ। ଲୋପାମୁଦ୍ରା ମହାନ୍ତି ଓ ମାନସ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବଳରାମ ଗାଦିରେ ମା' ଲକ୍ଷ୍ମୀ ମନ୍ଦିର ପାଇଁ ଭୂମିପୂଜା



ଭୂମିପୂଜନ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟମାନେ।

ଗୋପ, ୨୫।୩(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବେଗୁନିଆ ନିକଟସ୍ଥ ବଳରାମ ଗାଦିଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମା' ଲକ୍ଷ୍ମୀଙ୍କ ମନ୍ଦିର ଲାଗି ବୁଧବାର ପୂର୍ବାହ୍ନରେ ଶିଳାନ୍ୟାସ କରିଛନ୍ତି। ଦୀର୍ଘବର୍ଷ ଧରି ପୀଠକୁ ସ୍ଥାୟୀ ରାସ୍ତାଟିଏ ନ ଥିବା ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଭକ୍ତକବି ବଳରାମ ଦାସ ଜଣେ କବି, ସାଧକ ବା ଭକ୍ତ ଭାବେ ଯେତିକି ପରିଚିତ, ତାଙ୍କ ରଚିତ ଲକ୍ଷ୍ମୀ ପୁରାଣରେ ସମାଜ ସଂସ୍କାର, ଛୁଆଁଅଛୁଆଁ ବିରୋଧ ଓ ମହିଳା ସଶକ୍ତୀକରଣର ଚିତ୍ର ବେଶ୍ ପରିସ୍ଫୁଟ ବୋଲି ଜଣାପଡ଼ିଥିଲେ ମଧ୍ୟ ଏହି ପୀଠ ପ୍ରତି ସରକାରଙ୍କ ତରଫରୁ ସେପରି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି।

ଭକ୍ତି ଆନ୍ଦୋଳନର ପ୍ରବକ୍ତା ବଳରାମ ଥିଲେ ଅନ୍ୟତମ। ନିଜର ଭକ୍ତି, ସମର୍ପଣ ଦ୍ୱାରା ବଳରାମ ମହାପ୍ରଭୁ ଜଗନ୍ନାଥ ଓ ମା' ଲକ୍ଷ୍ମୀଙ୍କୁ ଏକତ୍ର ଏହି ପୀଠରେ ଦର୍ଶନ କରିଥିବାରୁ ଏହାକୁ ଗୁପ୍ତ ଶ୍ରୀକ୍ଷେତ୍ର ବୋଲି ମଧ୍ୟ କୁହାଯାଏ। ଲକ୍ଷ୍ମୀପୁରାଣ ଆମ ଓଡ଼ିଆ ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରତୀକ। ୨୮ କୋଟି ଟଙ୍କା ବ୍ୟୟରେ ଏହା ନିର୍ମାଣ ହେବ ବୋଲି କହିବା ସହ ଏହି ମନ୍ଦିର ପ୍ରତିଷ୍ଠା ଦ୍ୱାରା ପର୍ଯ୍ୟଟନ କ୍ଷେତ୍ର ଅଧିକ ସମୃଦ୍ଧ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଡିଓ ସୂର୍ଯ୍ୟଶଙ୍କର ଦାଶ, ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

# ୨୭ରେ ଶ୍ରୀରାମ ନବମୀ ମହୋତ୍ସବ

ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ଶ୍ରୀରାମନବମୀ ମହୋତ୍ସବକୁ ନେଇ ଶ୍ରୀକ୍ଷେତ୍ର ଶ୍ରୀରାମ ମହୋତ୍ସବ ସମିତିପକ୍ଷରୁ ବୁଧବାର ନାୟକ ପ୍ଲାଜା ପରିସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ଗିରୀଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ଶୁକ୍ଳ ନବମୀ ୨୭ ତାରିଖ ଶୁକ୍ରବାର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମୋତ୍ସବ ଅବସରରେ ଶ୍ରୀକ୍ଷେତ୍ର ଶ୍ରୀରାମ ମହୋତ୍ସବ ସମିତିଙ୍କ ଆନୁକୂଲ୍ୟରେ ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଷ୍ଟେଶନ ରୋଡ୍ ସ୍ଥିତ ଶ୍ରୀରାମ ମନ୍ଦିରରୁ ଶ୍ରୀରାମଙ୍କ ଶୋଭାଯାତ୍ରା ବାହାରି ପୁରୀର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ହାତୀଆଖଡ଼ା ଠାରେ ଶେଷ ହେବ। ସେହିପରି ସାଧୁ-ସନ୍ଥଙ୍କ ଦ୍ୱାରା ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଉପରେ ଏକ ସଭା ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଶେଷରେ ସମିତିର ସମିତି ସଂଯୋଜକ ଗୌରବ କର ଧନ୍ୟବାଦ ଦେଇଥିଲେ।

# ସର୍ଦ୍ଦାର ପଟେଲଙ୍କ ସ୍ମୃତିରେ ପଦଯାତ୍ରା



ପୁରୀ, ୨୫।୩(ଅଜିତ୍ କୁମାର ମହାନ୍ତି)

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ବୁଧବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲା ପ୍ରଶାସନ କ୍ରୀଡ଼ା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ପଦଯାତ୍ରାକୁ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

ଉପନିର୍ଦ୍ଦେଶକ ସେଠୀ କହିଛନ୍ତି, ସର୍ଦ୍ଦାର ପଟେଲଙ୍କ ଆଦର୍ଶ, ଚରିତ୍ର ଓ ସାହସ ଚିର ବନ୍ଦନୀୟ। ଦେଶକୁ ସ୍ୱାଧୀନତା କରିବା ସହ ରାଜାରାଜୁଡ଼ା ଓ ଜମିଦାରଙ୍କୁ ବୁଝାଇ ସେହି ରାଜ୍ୟଗୁଡ଼ିକୁ ଦେଶରେ ସାମିଲ କରି ଏକ ଦୃଢ, ସାର୍ବଭୌମ ରାଷ୍ଟ୍ର ଗଠନରେ ସର୍ଦ୍ଦାରଙ୍କ ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଆଦର୍ଶକୁ ଅନୁସରଣ କରିପାରିଲେ, ଆମ ରାଷ୍ଟ୍ର ସମୃଦ୍ଧ ଓ ବିକଶିତ ହୋଇପାରିବ ବୋଲି ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଖୋଖୋ ଖେଳର ଜାତୀୟ କୋଚ୍ ସଞ୍ଜୀବ ଶର୍ମା, କୋଚ୍ ପାର୍ଥ ସାରଥୀ ମହାପାତ୍ର, ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ, ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

ବ୍ରହ୍ମଗିରି, ୨୫।୩(ସ୍ୱାଧୀନ ଚମ୍ପତିରାୟ)

## ନାବାଳକ ନିର୍ଯାତନା ଘଟଣା ତେଜିଲା




ବ୍ରହ୍ମଗିରିରେ ନାବାଳକଙ୍କୁ ହାତବାନ୍ଧି ବେକରେ ପ୍ଲା-କାର୍ଡ ପକାଇ ବଜାରରେ ବୁଲାଇବା ଘଟଣାର ବିରୋଧ ତେଜିଲାଣି। ଏନେଇ ବ୍ରହ୍ମଗିରି ଛାତ୍ର ବିଜୁ ଜନତା ଦଳ ତରଫରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ପ୍ରକାଶଥାଉ କି, ଗତ ଶୁକ୍ରବାର ବ୍ରହ୍ମଗିରି ବଜାର ଭିତରେ ଜଣେ ନାବାଳକଙ୍କ ହାତକୁ ବାନ୍ଧି ବେକରେ ଚୋର ଲେଖାଥିବା ପ୍ଲାକାର୍ଡ ଝୁଲାଇ ଚଲାଇ ଚଲାଇ ନେଉଥିବା ଘଟଣାକୁ ୫ ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇନାହିଁ। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଆମେ ଦାବି ନେଇ ବ୍ରହ୍ମଗିରି ସନେମା ହଲ୍ ଛକଠାରୁ ଛାତ୍ର ବିଜୁ ଜନତା ଦଳ ତରଫରୁ ଏକ ଶୋଭାଯାତ୍ରା ବାହାରି ଡାବା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସ୍ଥାନୀୟ ବିଧାୟିକାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବ୍ରହ୍ମଗିରି ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତଙ୍କ ଭାଇ ଭାଜପାର ଜଣେ ଟାଣୁଆ ନେତା ହୋଇଥିବାରୁ ଜିଲା ପୋଲିସ ବିଭାଗ ଉପରେ ଚାପ ପକାଇ ରଖିଛନ୍ତି। ଫଳରେ ଅଭିଯୁକ୍ତ ଖୋଲାଖୋଲି ବୁଲୁଛନ୍ତି। ଯଦି ଦୋଷୀଙ୍କୁ ଶୀଘ୍ର ଗିରଫ ନ କରାଯାଏ, ଆଗକୁ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜରାସ୍ତା ଅବରୋଧ କରାଯିବ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜେଡି ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ସମସ୍ତ ନିର୍ବାଚିତ ପ୍ରତିନିଧି, ବରିଷ୍ଠ ଆଇନଜୀବୀ ଯୁଧିଷ୍ଠିର ଜେନା, ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ‘ରାଜ୍ୟରେ ବାର୍ଷିକ ୩୦୬.୬ ହଜାର ମେଟ୍ରିକ ଟନ୍ କୁକୁଡ଼ା ମାଂସ ଆବଶ୍ୟକ’

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ)

ଓଡ଼ିଶାରେ ଛେଳି, ମେଣ୍ଢା ଓ କୁକୁଡ଼ା ମାଂସର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ରାଜ୍ୟରେ ବର୍ଷକୁ ପ୍ରାୟ ୧୨୪.୧୦ ହଜାର ମେଟ୍ରିକ ଟନ ଛେଳି ଓ ମେଣ୍ଢା ମାଂସ ଏବଂ ୩୦୬.୬ ହଜାର ମେଟ୍ରିକ ଟନ କୁକୁଡ଼ା ମାଂସର ଆବଶ୍ୟକତା ରହିଛି ବୋଲି ବୁଧବାର ବିଧାନସଭାରେ ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରଶ୍ନରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଏହି ଚାହିଦା ପୂରଣ ପାଇଁ ସରକାର କୁକୁଡ଼ା ପାଳନ ଓ ପଶୁପାଳନକୁ ଉତ୍ସାହିତ କରୁଛନ୍ତି। ଏମ୍‌କେୟୁଓ୍ୱାଇ ଯୋଜନା ଅଧୀନରେ କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି ସହ ବାଣିଜ୍ୟିକ ବ୍ରଏଲର ଫାର୍ମ ପ୍ରତିଷ୍ଠାକୁ ପ୍ରୋତ୍ସାହନ ମିଳୁଛି। ସେହିପରି ଘର ଅଗଣାରେ କୁକୁଡ଼ା ପାଳନ ଓ ବତକ ଚାଷକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ ଛେଳି, ମେଣ୍ଢା ଓ ଘୁଷୁରି ପାଳନ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ମାଧ୍ୟମରେ ବିଭିନ୍ନ ଫାର୍ମ ପ୍ରତିଷ୍ଠାକୁ ସହାୟତା ଯୋଗାଯାଉଛି।

# ୨ ସପ୍ତାହରେ ଜବାବ ଦାଖଲ ନିର୍ଦ୍ଦେଶ

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ମାମଲା

କଟକ,୨୫।୩(କାର୍ତ୍ତିକ ସାହୁ)



ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦରେ ଅଧ୍ୟାପକ ନିଯୁକ୍ତି ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ପ୍ରାଥମିକ ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସରକାରୀ ଓକିଲ ଦର୍ଶାଇଥିଲେ, ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ଥାୟୀ କୁଳପତି ନିଯୁକ୍ତି ବିଷୟ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। କୁଳପତି ନିଯୁକ୍ତି ହେବା ପରେ ତୁରନ୍ତ ଅଧ୍ୟାପକ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବ। ଏତେ ସମୟ ଧରି ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅଧ୍ୟାପକ ନିଯୁକ୍ତି କରାଯାଇ ନ ଥିବାରୁ ଚିନ୍ତାପ୍ରକଟ କରିବା ସହିତ ଖଣ୍ଡପୀଠ ଏହି ମାମଲାରେ ଦୁଇସପ୍ତାହ ମଧ୍ୟରେ ସରକାରଙ୍କୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୨ ତାରିଖ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁସାରେ, ରାଜ୍ୟ ସରକାର ୨୦୧୭ରେ ଓଡ଼ିଆ ଭାଷା ଭିତ୍ତିରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପୁରୀ ଜିଲା ସତ୍ୟବାଦୀଠାରେ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ପଦ ପୂରଣ କରିବା କଥା। ମାତ୍ର ଅତିଥି ଶିକ୍ଷକମାନଙ୍କୁ ନେଇ ଅଦ୍ୟାବଧି ଏଠାରେ ପାଠପଢ଼ା ଚାଲିଛି। ବିଶ୍ୱବିଦ୍ୟାଳୟରେ ୨୧ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର ପଦ ଖାଲି ପଡ଼ିଛି। ଏହାକୁ ନେଇ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ସେ ତାଙ୍କ ଆବେଦନରେ ଦର୍ଶାଇଛନ୍ତି, ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ୨୦୨୩ ସେପ୍ଟେମ୍ବର ୫ରୁ ଆରମ୍ଭ ହୋଇଛି। ଓଡ଼ିଆ ସାହିତ୍ୟ, ଭାଷା ବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଓ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସରକାର କହିଆସୁଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିନରୁ ଏଯାଏ ମଞ୍ଜୁରୀପ୍ରାପ୍ତ ୩ ପ୍ରଫେସର, ୬ ସହକାରୀ ପ୍ରଫେସର ଓ ୧୨ ସହଯୋଗୀ ପ୍ରଫେସର ପଦ ପୂରଣ କରାଯାଇନାହିଁ। ଅତିଥି ଶିକ୍ଷକ ଓ ଅବସରପ୍ରାପ୍ତ ପ୍ରଫେସରଙ୍କ ଉପରେ ଶିକ୍ଷାଦାନର ଦାୟିତ୍ୱ ନ୍ୟସ୍ତ ରହିଛି। ଏହାଦ୍ୱାରା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି। ଆଇନଜୀବୀ ଦାସ ଓଡ଼ିଆ ବିଶ୍ୱବିଦ୍ୟାଳୟର ଖାଲି ପଦ ପୂରଣ ପାଇଁ ୨୦୨୫ ମାର୍ଚ୍ଚ ୧୮ରେ ସ୍ମାରକପତ୍ର ଜରିଆରେ କୁଳାଧିପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଉକ୍ତ ସ୍ମାରକପତ୍ର ପଠାଯାଇ ପଦକ୍ଷେପ ନେବାକୁ କୁହାଯାଇଥିଲା। ମାତ୍ର ଏଯାଏ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନ୍ୱୟନ ହୋଇନାହିଁ। ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ମାମଲାରେ ପକ୍ଷଭୁକ୍ତ କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରଜତ



@ ଶକ୍ତିତନୟା



@ ନୀହାରିକା



@ ନୀଳାଞ୍ଚଳ



@ ସତ୍ୟପ୍ରକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେଶରେ ଉତ୍ପାଦିତ ଛତୁର ୧୧% ଓଡ଼ିଶାରେ



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଜଣେ ମହିଳା ଛତୁଚାଷୀଙ୍କୁ ସବ୍‌ସିଡି ରାଶି ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ)

## ଛତୁଚାଷକୁ ସ୍ଥାୟୀ ଜୀବିକା ଭାବେ ଗ୍ରହଣ କରିବାକୁ ପ୍ରୋତ୍ସାହନ

ଓଡ଼ିଶାର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜିଲଗାଣ ନିଗମ ଲିମିଟେଡ (ଆପିକଲ) ଦ୍ୱାରା ଛତୁଚାଷକୁ ଏକ ସ୍ଥାୟୀ ଜୀବିକା ରୂପେ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବା ପାଇଁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ମଶ୍ରୁମ୍ କନକ୍ଲେଭ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛତୁ ଉତ୍ପାଦନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ବୋଲି କହିଛନ୍ତି। ସମଗ୍ର ଭାରତରେ ଉତ୍ପାଦିତ ହେଉଥିବା ଛତୁର ୧୧% ଓଡ଼ିଶାରେ ଉତ୍ପାଦିତ ହେଉଛି ବୋଲି ସେ ସୂଚନା ଦେଇଛନ୍ତି। ଛତୁକୁ ସୁପର ଫୁଡ୍ କୁହାଯାଏ। କାରଣ ଏହା ପୁଷ୍ଟିକର, ଚର୍ବିମୁକ୍ତ, କମ୍ କୋଲେଷ୍ଟର ବିଶିଷ୍ଟ ଏବଂ ଉଭୟ ପରିବେଶ ଓ ଜଳବାୟୁ ଅନୁକୂଳ। ଏହା ଜୈବିକ ଉପାୟରେ ହୋଇଥାଏ। ଛତୁଚାଷକୁ ରାଜ୍ୟ ସରକାର ପ୍ରୋତ୍ସାହିତ କରୁଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସବ୍‌ସିଡି ପ୍ରଦାନ କରୁଛନ୍ତି। ଏହାର ବଜାର ସଂଯୋଗ ପାଇଁ ରୋଡ୍ ମ୍ୟାପ୍ ବିକଶିତ କରାଯିବା ସହିତ ଦୃଢ଼ ଲଜିଷ୍ଟିକ ସହାୟତା ପ୍ରଦାନ ଯୋଜନା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ ଆପିକଲ୍‌ର ଏକ ନୂତନ ୱେବ୍‌ସାଇଟ ଉନ୍ମୋଚନ କରିଥିଲେ। ଛତୁ ଉତ୍ପାଦନକାରୀଙ୍କୁ ସେମାନଙ୍କ ଉତ୍ପାଦନ ଓ ପ୍ରଜନନ ୟୁନିଟ ସ୍ଥାପନ ନିମନ୍ତେ କାର୍ଯ୍ୟର ଅଗ୍ରଗତି ପତ୍ର ବଣ୍ଟନ କରାଯାଇଥିଲା। ନଅ ଜଣ ବିଶେଷଜ୍ଞ ବକ୍ତା ଛତୁଚାଷର ବିଭିନ୍ନ ବୈଷୟିକ ଦିଗ ଓ ଏହାର ମୂଲ୍ୟ ଶୃଙ୍ଖଳା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛତୁ ଫେଡେରେଶନର ସଦସ୍ୟଙ୍କ ସମେତ ଓଡ଼ିଶାରୁ ୧୭୦ରୁ ଅଧିକ ଛତୁ ଉଦ୍ୟୋଗୀ ଯୋଗଦେଇଥିଲେ। ଉଦ୍‌ଘାଟନୀ ଅଧିବେଶନରେ କୃଷି ବିଭାଗର ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଯୋଗଦେଇ କହିଲେ, ଛତୁ ଚାଷ ସ୍ୱଳ୍ପ ଅବଧିର ଲାଭ ପ୍ରଦାନକାରୀ ଏବଂ ଏହାର ପ୍ରଣାଳୀ ସହଜ। ଏଥିରେ ଅନ୍ୟ ଫସଲ କିମ୍ବା ପନିପରିବା ତୁଳନାରେ କମ୍ ପାଣି ବ୍ୟବହାର ହୋଇଥାଏ। ସମ୍ମିଳନୀରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ, ଆପିକଲ୍ ପରିଚାଳନା ନିର୍ଦ୍ଦେଶକ ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ଭି.ପି. ଶର୍ମା, ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଯୋଗଦେଇ ଛତୁଚାଷର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ୭୨ ଓଜନ ମାପ ଠକେଇ, ୮ଲକ୍ଷ ଜରିମାନା ଆଦାୟ

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ)

ଓଡ଼ିଶାରେ ଗ୍ରାହକଙ୍କୁ ଠିକ୍ ଓଜନ ଓ ମାପ ଯୋଗାଇବା ପାଇଁ ସରକାର କଡ଼ା ପଦକ୍ଷେପ ନେଉଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ କାର୍ଯ୍ୟରତ ବୈଧ ମାପ ବିଜ୍ଞାନ ନିର୍ଦ୍ଦେଶାଳୟ ଦ୍ୱାରା ସମଗ୍ର ରାଜ୍ୟରେ ମାପ ଓ ଓଜନର ଠିକ୍ ନିରୀକ୍ଷଣ କରାଯାଉଛି। ୨୦୨୫ରୁ ୨୦୨୬ ଫେବୃଆରୀ ସୁଦ୍ଧା ୧,୬୩,୦୦୫ଟି ଜାଗାରେ ଚଢ଼ାଉ କରାଯାଇଥିବା ବେଳେ ୭୨ଟି ଠକେଇ ମାମଲା ଧରାପଡ଼ିଛି। ସେମାନଙ୍କ ପାଖରୁ ୮ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ବିଧାନସଭାରେ ବିଧାୟକ ପବିତ୍ର ସାଉଁତାଙ୍କ ପ୍ରଶ୍ନରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତ୍ତର ରଖିଛନ୍ତି। ଲିଗାଲ ମେଟ୍ରୋଲୋଜି ଆକ୍ଟ-୨୦୦୯ ଏବଂ ଲିଗାଲ ମେଟ୍ରୋଲୋଜି ରୁଲ୍-୨୦୧୧ର ବିଭିନ୍ନ ଧାରା ଓ ଉପଧାରାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ଓଜନ ଖିଲାପକାରୀଙ୍କ ବିରୋଧରେ ଚଢ଼ାଉ କରିବା ପାଇଁ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଗଠନ କରାଯିବ। ରାଜ୍ୟର ୩୦ଟି ଜିଲାରେ ୭୨ଟି ୟୁନିଟ୍ ଅଫିସ କାର୍ଯ୍ୟ କରୁଛି। ପେଟ୍ରୋଲ ପମ୍ପ, ଏଲ୍‌ପିଜି ଗୋଦାମ, ହୋଟେଲ, ମିଠାଦୋକାନ, ଫଳ, ମାଛମାଂସ ଦୋକାନ, ଧାନକଳ ଏବଂ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ନିୟମିତ ଓ ଅଚାନକ ଚଢ଼ାଉ କରାଯାଉଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ ୧,୫୭,୧୮୪ଟି ବ୍ୟବସାୟ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିବାବେଳେ ୧୧୦ଟି ଠକେଇ ମାମଲା ଧରାପଡ଼ିଥିଲା। ସେଥିରୁ ମୋଟ ୧୬,୮୪,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ୨୦୨୪-୨୫ରେ ୧,୫୫,୧୪୨ଟି ଯାଞ୍ଚରୁ ୪୩ଟି ଠକେଇ ଚିହ୍ନଟ ହୋଇ ୬,୬୭,୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା ବୋଲି ମନ୍ତ୍ରୀ ପାତ୍ର ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିର ଉପରେ ପୁଣି ଉଡ଼ିଲା ଡ୍ରୋନ୍

## ୨ଜଣଙ୍କୁ ଅଟକ ରଖିଲା ପୋଲିସ

ପୁରୀ,୨୫।୩(ଅଜିତ୍ କୁମାର ମହାନ୍ତି)



ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ବୁଧବାର ଅପରାହ୍ନରେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଛି। ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ଡ୍ରୋନ୍ ଜବତ କରିବା ସହ ଡ୍ରୋନ୍ ଉଡ଼ାଉଥିବା ୨ ବ୍ୟକ୍ତିଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖିଛି। ଅଟକଦ୍ୱୟ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲାର ସମ୍ରାଟ ବିଶ୍ୱାସ ଓ କଲ୍ୟାଣ ଦାସ।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରର ବାନା ପରିବର୍ତ୍ତନ ବେଳେ ଏକ ଡ୍ରୋନ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡି ଭିଡିଓ ସୁଟ୍ କରୁଥିଲା। ଅପରାହ୍ନ ୫ଟା ୨୫ ମିନିଟ୍‌ରୁ ଦୀର୍ଘ ୩୦ ମିନିଟ୍ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚୂଡ଼ାରେ ଚକ୍କର କାଟିଥିଲା। ଏପରିକି ଡ୍ରୋନଟି କିଛି ସମୟ ପାଇଁ ଅକ୍ଷୟ ବଟ ନିକଟରେ ରହିଥିଲା। ଏଥିସହ ଶ୍ରୀମନ୍ଦିର ଚାରିପାଖରେ ମଧ୍ୟ ଘୂରି ବୁଲିଥିବା ଜଣାପଡ଼ିଛି। ଏହି ସମୟରେ ଆଉ ଏକ ଡ୍ରୋନ୍ ମଧ୍ୟ ଶ୍ରୀମନ୍ଦିର ଉପରେ ଉଡୁଥିଲା। କିଛି ସମୟ ଧରି ୨ଟି ଡ୍ରୋନ୍ ଉଡ଼ିବା ପରେ ଗୋଟିଏ ଡ୍ରୋନ ଦୋଳମଣ୍ଡପ ସାହି ଆଡ଼କୁ ଯାଇ ତଳକୁ ଓହ୍ଲାଇଥିଲା। ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଡ୍ରୋନ୍ ଉଡୁଥିବା ଖବର ପାଇବା ପରେ ପୋଲିସର ଏକ ଟିମ୍ ଡ୍ରୋନ୍ ପିଛା କରିଥିଲା। ଡ୍ରୋନ୍ ଉଡ଼ାଇଥିବା ୨ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା।

# ଝଡ଼ବର୍ଷା: ୮ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୨୫।୩ (ଅନୁରାଧା ମହାରଣା)

ଗତ କିଛିଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ଲାଗି ରହିଛି। ଝଡ଼ବର୍ଷା ପାଇଁ ସମ୍ପୃକ୍ତ ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। ଆସନ୍ତା ୫ଦିନ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ। ଘଡ଼ଘଡ଼ି ସହ ଝଡ଼ବର୍ଷା ନେଇ ଗୁରୁବାର ପାଇଁ ୮ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଗୁରୁବାର ନିମନ୍ତେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର,ଭଦ୍ରକ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ପର୍ଯ୍ୟନ୍ତ ପବନ ବହିବା ସମ୍ଭାବନା ରହିଛି। ୨୮ ଓ ୨୯ ତାରିଖରେ ମଧ୍ୟ ଅଧିକାଂଶ ଜିଲାରେ ଝଡ଼ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ଧାର୍ଯ୍ୟ ସମୟରେ ଭିତ୍ତିଭୂମି ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏବଂ ବରିଷ୍ଠ ଅଧିକାରୀମାନେ।

## ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର,୨୫।୩(ସୁଚିସ୍ମିତା ସାହୁ)

ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବୁଧବାର ଲୋକସେବା ଭବନରେ ଆଭାସୀ ମାଧ୍ୟମରେ ସମସ୍ତ ଜିଲାପାଳଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ଅଗ୍ନି ନିରାପତ୍ତା ଭିତ୍ତିଭୂମି ନିମନ୍ତେ ନିରୀକ୍ଷଣ, ଆବଶ୍ୟକ ଏଷ୍ଟିମେଟ୍ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ଆବଶ୍ୟକ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ହସ୍ପିଟାଲରେ ଅଗ୍ନି ନିରୋଧ ଓ ନିର୍ବାପନ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ, ମକ୍ ଡ୍ରିଲ, ନିୟମିତ ଯାଞ୍ଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସହ ଚାଲୁ ରହିଥିବା ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲାରେ ଏସବୁକୁ ଗୁରୁତ୍ୱର ସହ ପାଳନ ନିମନ୍ତେ ଅଧିକାରୀମାନଙ୍କୁ ମନ୍ତ୍ରୀ କହିଛନ୍ତି। ରୋଗୀଙ୍କ ସୁରକ୍ଷାକୁ ଧ୍ୟାନ ଦେଇ ମନ୍ତ୍ରୀ ଜିଲାପାଳମାନଙ୍କୁ ସମସ୍ତ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଅଗ୍ନିସୁରକ୍ଷା ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଅଗ୍ନି ନିରାପତ୍ତା ଉପକରଣ ବ୍ୟବହାରଯୋଗ୍ୟ ରହିବା ଆବଶ୍ୟକ, ନିୟମିତ ଭାବେ ଫାୟାର ସେଫ୍ଟି ଅଡିଟ୍ ଓ ମକ୍ ଡ୍ରିଲ ଆୟୋଜନ କରାଯିବ। ଏଥିସହ ଫାୟାର ସର୍ଭିସ ଓ ପୂର୍ତ୍ତ ବିଭାଗ ସହ ସମନ୍ୱୟ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ କୁହାଯାଇଛି। ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ, ସ୍ୱତନ୍ତ୍ର ରିଲିଫ କମିଶନର ରାଜେଶ ପ୍ରଭାକର ପାଟିଲ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍., କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ସମସ୍ତ ଜିଲାର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅଗ୍ନିଶମ ଅଧିକାରୀ, ବିଭିନ୍ନ ମେଡିକାଲ କଲେଜର ଅଧ୍ୟକ୍ଷ ଏବଂ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# ସାଲାର ଜଙ୍ଗ୍ ମ୍ୟୁଜିୟମରେ କଟକ ତାରକସିର ଚମକ

କଟକ,୨୫।୩(କୁମାରଶ୍ରୀ)




## ■ ସ୍ଥାନ ପାଇଛି ଊନବିଂଶ ଶତାବ୍ଦୀର ଅନେକ ସାମଗ୍ରୀ
## ■ ମ୍ୟୁଜିୟମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ‘ଏକ୍ସ’ ରେ ପ୍ରଶଂସା

କଟକର ତାରକସି କାରୁକାର୍ଯ୍ୟ ବିଶ୍ୱ ପ୍ରସିଦ୍ଧି ହାସଲ କରିଥିଲା। ଏହି ସୂକ୍ଷ୍ମ କାରୁକାର୍ଯ୍ୟର ଚମକ ଏବେ ବିବିଭିନ୍ନ ସ୍ଥାନରେ ପ୍ରତିଫଳିତ ହେଉଛି। ହାଇଦ୍ରାବାଦର ସାଲାର ଜଙ୍ଗ ମ୍ୟୁଜିୟମରେ କଟକର ଅନେକ ତାରକସି କାରୁକାର୍ଯ୍ୟ ସ୍ଥାନ ପାଇଛି। ମ୍ୟୁଜିୟମ କର୍ତ୍ତୃପକ୍ଷ ‘ଏକ୍ସ’ ଜରିଆରେ ଏହି କାରୁକାର୍ଯ୍ୟର ପ୍ରଶଂସା କରିଥିବା ବେଳେ ପର୍ଯ୍ୟଟକଙ୍କୁ କଟକର ତାରକସି ସାମଗ୍ରୀ ଆକୃଷ୍ଟ କରୁଛି ବୋଲି ବିଭିନ୍ନ ପୋଷ୍ଟ ଜରିଆରେ ଉଲ୍ଲେଖ କରିଛନ୍ତି।

ପରାଧୀନ ଭାରତ ସମୟ ତଥା ରାଜାରାଜୁଡ଼ା ଶାସନ କାଳରେ କଟକର ତାରକସି ସାମଗ୍ରୀର ଚାହିଦା ରହିଥିଲା। ଏବେ ଏହି କଳାର ଚାହିଦା କମିନାହିଁ, ହେଲେ ଏହି ସୂକ୍ଷ୍ମ କାରିଗରି ପୂର୍ବଭଳି ଆଉ ଦେଖିବାକୁ ମିଳୁନି। ସରକାରୀ ପ୍ରୋତ୍ସାହନ ଅଭାବ ଏବଂ ଦିନକୁ ଦିନ କାରିଗରଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ କଟକର ସମୃଦ୍ଧ ତାରକସି ଶିଳ୍ପ ପୂର୍ବ ଭଳି ଗୌରବ ବଜାୟ ରଖିପାରୁ ନ ଥିବା କୁହାଯାଉଛି। ଅନ୍ୟପଟେ ହାଇଦ୍ରାବାଦରେ ଥିବା ପ୍ରଖ୍ୟାତ ସାଲାର ଜଙ୍ଗ ମ୍ୟୁଜିୟମ ପକ୍ଷରୁ କଟକର ତାରକସି କାରୁକାର୍ଯ୍ୟକୁ ବହୁମାତ୍ରାରେ ପ୍ରଶଂସା କରାଯାଉଛି। ମ୍ୟୁଜିୟମରେ ଯେଉଁସବୁ ସାମଗ୍ରୀ ସ୍ଥାନ ପାଇଛି, ତାହା ଊନବିଂଶ ଶତାବ୍ଦୀର ବୋଲି ଉଲ୍ଲେଖ କରାଯାଇଛି। ଏଥିରେ ରାଜାମାନେ ବ୍ୟବହାର କରୁଥିବା ପାନ ଦାନି, ମସଲା ଡବା, ଚାନ୍ଦି ଥାଳି ସମେତ ବିଭିନ୍ନ ଅଳଙ୍କାର ସାମଗ୍ରୀ ରହିଛି। ମ୍ୟୁଜିୟମକୁ ଆସୁଥିବା ଦେଖଣାହାରିଙ୍କୁ ଏହି ସବୁ ସାମଗ୍ରୀ ବେଶ୍ ଆକୃଷ୍ଟ କରୁଛି ବୋଲି କୁହାଯାଇଛି। ପ୍ରକାଶଯୋଗ୍ୟ, ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ମ୍ୟୁଜିୟମରେ ଭାରତ ସମେତ ଜାପାନ, ଚାଇନା, ବର୍ମା, ନେପାଳ, ପର୍ସିଆ, ଇଜିପ୍ଟ ଆଦି ଦେଶର ସାମଗ୍ରୀ ସ୍ଥାନ ପାଇଛି। ଇତିମଧ୍ୟରେ ଭାରତର ଅନେକ ସାମଗ୍ରୀ ଭିତରୁ କଟକର ତାରକସି ସାମଗ୍ରୀକୁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି।

**୩ ବର୍ଷରେ ବିଦ୍ୟୁତ୍ ଆଘାତରେ ୨୧୦ ଜଣଙ୍କ ମୃତ୍ୟୁ**

ଭୁବନେଶ୍ୱର,(ରବିନାରାୟଣ ଜେନା): ବିଗତ ୩ ବର୍ଷରେ ବିଦ୍ୟୁତ୍ ଆଘାତଜନିତ କାରଣରୁ ରାଜ୍ୟରେ ୨୧୦ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ବୁଧବାର ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଯେଉଁମାନଙ୍କ ମାମଲାର ସମାଧାନ ହୋଇଛି, ସେମାନଙ୍କ ପରିବାରକୁ ମୋଟ୍ ୫,୩୭,୦୭,୦୯୧ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିର ଅନୁସରଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୩(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ନିରନ୍ତର ଅନୁସରଣ କରୁଛନ୍ତି। ଦୁର୍ନୀତି କାର୍ଯ୍ୟକଳାପରେ ଲିପ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ ସମୟରେ ଜଣେ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କଠାରୁ ୪.୮୨ କୋଟି ଟଙ୍କାର ନଗଦ ଟଙ୍କା ଜବତ କରାଯାଇଛି। ଯାହା ଭିଜିଲାନ୍ସ ଇତିହାସରେ ସର୍ବାଧିକ। ଭିଜିଲାନ୍ସ ମାମଲାରେ ତଦନ୍ତର ଗୁଣବତ୍ତା ଉନ୍ନତ କରିବା ପାଇଁ ସମ୍ପ୍ରତି ୮ ଜଣ ସୂଚନା ପ୍ରଯୁକ୍ତି ପରାମର୍ଶଦାତା, ୮ ଜଣ ବ୍ୟାଙ୍କିଙ୍ଗ୍ ପରାମର୍ଶଦାତା ଏବଂ ୮ ଜଣ ଆର୍ଥିକ ପରାମର୍ଶଦାତା, ଏହିପରି ମୋଟ୍ ୨୪ ଜଣ ପରାମର୍ଶଦାତାଙ୍କୁ ନିୟୋଜିତ କରାଯାଇଛି। ଭିଜିଲାନ୍ସ ମାମଲାର ତଦନ୍ତକୁ ସୁଦୃଢ଼ କରିବା ପାଇଁ ୫୦ ଇନ୍ସପେକ୍ଟର ଏବଂ ୫୦ ସବ୍ ଇନ୍ସପେକ୍ଟର ପଦବୀ ସୃଷ୍ଟି ପାଇଁ ନୀତିଗତ ଅନୁମୋଦନ ପ୍ରଦାନ କରାଯାଇଛି। ଓଡ଼ିଶା ଭିଜିଲାନ୍ସ ଇତିହାସରେ ପ୍ରଥମ ଥର ପାଇଁ ମାମଲାକୁ ସୁଦୃଢ଼ କରିବା ପାଇଁ ଓପିଏସ୍‌ସି କ୍ୟାଡର ୬ ଜଣ ପବ୍ଲିକ ପ୍ରସିକ୍ୟୁଟର, ୧୧ ଜଣ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଏବଂ ୫ ଜଣ ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟରଙ୍କୁ ନିଯୁକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଭାଜପା ଶାସନରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ୬୪୦ ଜଣ ବ୍ୟକ୍ତିଙ୍କ ବିରୋଧରେ ୩୭୬ଟି ମାମଲା ପଞ୍ଜୀକୃତ କରିଛି। ସେଥିମଧ୍ୟରୁ ୧୦୪ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଏବଂ ୭୮ ଜଣ ୨ୟ ଶ୍ରେଣୀ ଅଧିକାରୀ ଅନ୍ତର୍ଭୁକ୍ତ। ଏମାନଙ୍କ ମଧ୍ୟରେ ଜଣେ ଆଇଏଏସ୍ ଅଧିକାରୀ, ୭ ଜଣ ମୁଖ୍ୟଯନ୍ତ୍ରୀ, ୨ ଜଣ ଡିଏଫ୍‌ଓ, ଜଣେ ସବ୍ କଲେକ୍ଟର, ୨ ଜଣ ବିଡିଓ, ୮ ଜଣ ତହସିଲଦାର, ଜଣେ ଯୁଗ୍ମ ଅବକାରୀ କମିଶନର, ୨ ଜଣ ଖଣି ଉପନିର୍ଦ୍ଦେଶକ, ଜଣେ ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ପ୍ରମୁଖ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଉପରୋକ୍ତ ୩୭୬ଟି ମାମଲା ମଧ୍ୟରୁ ୧୦୦ଟି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**■ ଭିଜିଲାନ୍ସ ତଦନ୍ତ ସୁଦୃଢ଼ ପାଇଁ ନୂଆ ୫୦ ଇନ୍‌ସ୍ପେକ୍ଟର, ୫୦ ସବ୍‌ଇନ୍‌ସ୍ପେକ୍ଟର ପଦବୀ**

୧୭୭ ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ରୁଜୁ କରାଯାଇଛି। ଏହି ଅଧିକାରୀମାନଙ୍କ ମଧ୍ୟରେ ୫୪ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୨୫ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ୧୦୦ଟି ମାମଲାରେ ୨୪୮.୯୧ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଠାବ କରାଯାଇଛି। ଯେଉଁଥିରେ ୨୮୨ଟି କୋଠା, ୧୧୮୨ଟି ପ୍ଲଟ୍, ୩୦.୫୦ କି.ଗ୍ରା. ଓଜନର ସୁନାଗହଣା, ୫୭.୭୨ କୋଟିରୁ ଅଧିକ ଟଙ୍କାର ବ୍ୟାଙ୍କ ଜମା ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ୧୫.୫୩ କୋଟି ଟଙ୍କାର ନଗଦ ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଭାଜପା ସରକାରକୁ ଆସିବା ପରଠାରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛି। ସରକାର ଗଠନ ପରଠାରୁ ଜନସାଧାରଣଙ୍କ ସମସ୍ୟାକୁ ପ୍ରତ୍ୟକ୍ଷ ଭାବେ ଶୁଣି ତାହାର ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି। ଗତ ଏପ୍ରିଲରେ ରାଜ୍ୟ ମୁଖ୍ୟାଳୟ ବାହାରେ ମୁଖ୍ୟମନ୍ତ୍ରୀଙ୍କ ଏକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ବଲପୁରଠାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ରାଜ୍ୟ ମୁଖ୍ୟାଳୟ ବାହାରେ ଏଭଳି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଯିବ। ଆଗକୁ କଳାହାଣ୍ଡି, ବାଲେଶ୍ୱର, ଅନୁଗୋଳ ଭଳି ବିଭିନ୍ନ ଜିଲାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅଦ୍ୟାବଧି ୧୫ ହଜାର ଅଭିଯୋଗର ଶୁଣାଣି ହୋଇଛି। ଏହା ଗ୍ରହଣ କରାଯାଇଥିବା ଅଭିଯୋଗର ପ୍ରାୟ ୯୩ ପ୍ରତିଶତ ହେବ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୯୧୫ଟି ମାମଲାରେ ଗରିବ ଲୋକଙ୍କ ଚିକିତ୍ସା ଓ ସଡ଼କ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଇତ୍ୟାଦି ବାବଦରେ ୨୬ କୋଟି ୩୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମୃତ ପ୍ରାୟ ଥିଲା। ସେଠାକୁ କୌଣସି ଅଫିସର ଆସୁନ ଥିଲେ। ସେହିପରି ଭାଜପା ସରକାର କ୍ଷମତାକୁ ଆସିବା ପରେ ଯୁବବର୍ଗଙ୍କୁ ରୋଜଗାର ତଥା ଚାକିରି ପ୍ରଦାନ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ସରକାର ଗଠନ ପରଠାରୁ ୨୬ ବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଁ ଚୟନ ହୋଇଥିବା ୩୯ ହଜାର ୫୦୫ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ୍ ୨୧ଟି ବିଭାଗରେ ୧୩ ହଜାର ୩୭୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଛି। ଅବଶିଷ୍ଟ ଖାଲିଥିବା ୯୨ ହଜାର ୫୭୩ଟି ମୂଳ ପଦବୀ ମଧ୍ୟରୁ ୩୭ ହଜାର ୬୪୧ଟି ପଦବୀରେ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବା ନିମନ୍ତେ ସମ୍ପୃକ୍ତ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଆସନ୍ତା ଆର୍ଥିକ ବର୍ଷ ୨୦୨୬-୨୭ରେ ଓଡ଼ିଶା ଲୋକସେବା ଆୟୋଗ ବିଭିନ୍ନ ବିଭାଗର ୬ ହଜାର ୮୭୪ଟି ପଦବୀ, ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ୩ ହଜାର ୬୪୭ଟି ପଦବୀ ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ୭ ହଜାର ୬୬୩ଟି ପଦବୀ ପୂରଣ କରିବା ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ନିଯୁକ୍ତି ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ପାଇଁ ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ ନିୟମାବଳୀ, ୨୦୨୫ର ପ୍ରଣୟନ କରାଯାଇଛି। ଏହି ଆୟୋଗ ଗୃହ, ଅବକାରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୋଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗର ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ସେ କହିଛନ୍ତି। ଶେଷରେ ଗୃହରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମୋଟ୍ ୭୭୩ କୋଟି ୯୯ ଲକ୍ଷ ୪୧ ହଜାର ଟଙ୍କାର ଖର୍ଚ୍ଚଦାବି ଗୃହରେ ପାରିତହୋଇଛି।

## ମହାଦେବ ଆପ୍: ୧,୭୦୦ କୋଟିର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

ନୂଆଦିଲ୍ଲୀ,୨୫।୩(ପି.ଟି.)

ବେଆଇନ ମହାଦେବ ଅନ୍‌ଲାଇନ ବେଟିଂ ଆପ୍‌ର ଅନ୍ୟତମ ମୁଖ୍ୟ ପ୍ରମୋଟର ସୌରଭ ଚନ୍ଦ୍ରାକରଙ୍କ ସହ ସମ୍ପୃକ୍ତ ସଂସ୍ଥାର ଦୁବାଇରେ ରହିଥିବା ୧,୭୦୦ କୋଟି ଟଙ୍କା ମୂଲ୍ୟର ସ୍ଥାବର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ଚନ୍ଦ୍ରାକରଙ୍କ ବିରୋଧରେ ଇଡି ଚଳାଇଥିବା ମନିଲଣ୍ଡରିଂ ତଦନ୍ତର ଅଂଶବିଶେଷ ସ୍ୱରୂପ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ମାମଲା ସହ ଛତିଶଗଡ଼ର ବହୁ ଉଚ୍ଚ ର୍ୟାଙ୍କର ରାଜନେତା ଓ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ଥିବା ଇଡି ପୂର୍ବରୁ କହିଥିଲା। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ) ଅନୁଯାୟୀ ଚନ୍ଦ୍ରାକରଙ୍କ ସଂସ୍ଥାଗୁଡ଼ିକର ବିଭିନ୍ନ ସ୍ଥାନରେ ଥିବା ଭିଲା ଏବଂ ଦୁବାଇରେ ଥିବା ବିଶ୍ୱର ସର୍ବୋଚ୍ଚ ବିଲ୍ଡିଂ ବୁର୍ଜ ଖଲିଫାଠାରେ ଅବସ୍ଥିତ କେତେକ ଦାମୀ ବିଲ୍ଡିଂକୁ ବାଜ୍ୟାପ୍ତ କରିବା ପାଇଁ ଇଡିର ରାୟପୁରରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି ହୋଇଛି। ଚନ୍ଦ୍ରାକର ଓ ତାଙ୍କ ସହଯୋଗୀ ରବି ଉପ୍ପଲଙ୍କ ମାଲିକାନାରେ ମହାଦେବ ଆପ୍ ରହିଛି। ଚନ୍ଦ୍ରାକର ୟୁଏଇରେ ଏବଂ ଉପ୍ପଲ ଭାନୁଆତୁରେ ରହୁଥିବାବେଳେ ସେମାନଙ୍କ ପ୍ରତ୍ୟର୍ପଣ ପାଇଁ ଭାରତ ଉଦ୍ୟମ ଚଳାଇଛି।

## ବିଶ୍ୱର ୫୦ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ୪ ଆଇଆଇଟି, ଜେଏନ୍‌ୟୁ

ନୂଆଦିଲ୍ଲୀ,୨୫।୩(ପି.ଟି.)

ବିଭିନ୍ନ ବିଷୟକୁ ନେଇ ବିଶ୍ୱର ଶ୍ରେଷ୍ଠ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ଭାରତର ୪ଟି ଆଇଆଇଟି, ଜବାହରଲାଲ୍ ନେହେରୁ ୟୁନିଭର୍ସିଟି (ଜେଏନ୍‌ୟୁ) ଏବଂ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ବିଆଇଟିଏସ୍), ପିଲାନି ରହିଛି। ବୁଧବାର ଘୋଷଣା ହୋଇଥିବା କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗରୁ ଏହା ଜଣାପଡ଼ିଛି। ଲଣ୍ଡନର କ୍ୟୁଏସ୍ କ୍ୱାକ୍ୱାରେଲି ସାଇମଣ୍ଡସ୍ ପକ୍ଷରୁ କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍ୟାଙ୍କିଙ୍ଗର ଷୋଡ଼ଶ ସଂସ୍କରଣ ପ୍ରକାଶ ପାଇଛି। ଶତାଧିକ ଦେଶରେ ଥିବା ୧,୯୦୦ ବିଶ୍ୱବିଦ୍ୟାଳୟର ୨୧,୦୦୦ରୁ ଊର୍ଦ୍ଧ୍ୱ ଶୈକ୍ଷିକ କାର୍ଯ୍ୟକ୍ରମକୁ ନେଇ ର୍ୟାଙ୍କିଙ୍ଗ୍ ପ୍ରସ୍ତୁତ ହୋଇଥିଲା। ଭାରତ ବିଭିନ୍ନ ବିଷୟରେ ୨୭ ଶୀର୍ଷ ୫୦ ପୋଜିସନ୍ ରେକର୍ଡ କରିଛି। ମିନେରାଲ ଓ ମାଇନିଂ ଇଞ୍ଜିନିୟରିଂରେ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନ୍ସ ୟୁନିଭର୍ସିଟି, ଧାନବାଦ ବିଶ୍ୱରେ ୨୧ତମ ର୍ୟାଙ୍କ ପାଇଥିବାବେଳେ ଆଇଆଇଟି ଅହମଦାବାଦ ଉଭୟ ବିଜ୍‌ନେସ ଏବଂ ମ୍ୟାନେଜ୍‌ମେଣ୍ଟ ଷ୍ଟଡି ଆଣ୍ଡ ମାର୍କେଟିଂରେ ୨୧ତମ ର୍ୟାଙ୍କ୍ ହାସଲ କରିଛି। ଶୀର୍ଷ ୫୦ ଶିକ୍ଷାନୁଷ୍ଠାନ ମଧ୍ୟରେ ଆଇଆଇଟି ବମ୍ବେ, ଖଡ଼ଗପୁର, ମାଡ୍ରାସ୍, ଜେଏନ୍‌ୟୁ ଏବଂ ବିଆଇଟିଏସ୍ ପିଲାନି ରହିଛନ୍ତି।

## ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ



ବନ୍ଦ ପାଳନ ଯୋଗୁ ମାଲକାନଗିରି ମୁଖ୍ୟ ରାସ୍ତା ଶୂନଶାନ।

ମାଲକାନଗିରି,୨୫।୩ (ଦୁର୍ଯ୍ୟୋଧନ ପାତ୍ର)

ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ୪ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ପାଳନ କରାଯାଇଛି। ବୁଧବାର ସକାଳୁ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଳା ମୁଖ୍ୟ ବଜାର ଦେଇ ରାଞ୍ଚି- ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍ ଉଭୟ ପଟେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସମସ୍ତ ମଣ୍ଡିରୁ ଧାନ ଉଠାଇବା, ଅଖା ବସ୍ତା ଟଙ୍କା ଫେରସ୍ତ କରିବା, ଖାଉଟିମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବା ସହ କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପରି ୪ ଦଫା ଦାବିରେ କଂଗ୍ରେସ ତରଫରୁ ଏହି ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡି ଆରମ୍ଭ ହେବାର ୩ ମାସ ପରେ ବି ବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡ଼ିରହିଛି। ଏହାବ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ୍ୟ ସରିଗଲାଣି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏବେ ଅଦିନିଆ ବର୍ଷା ଯୋଗୁ ବହୁ ଚାଷୀଙ୍କ ଧାନ ନଷ୍ଟହେବାରେ ଲାଗିଛି। ତେଣୁ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ, ମଣ୍ଡିରୁ ସମସ୍ତ ଧାନ ଖରିଦ କରାଯାଉ ଏବଂ ୩ ବର୍ଷର ଖାଲିବସ୍ତା ବାବଦକୁ ବକେୟା ଟଙ୍କା ଯୋଗାଇଦେବାକୁ ଦାବି ହୋଇଛି।

**ମଣ୍ଡି ସମସ୍ୟା ନେଇ ତାତିଲା କଂଗ୍ରେସ**

## ଟ୍ରାନ୍ସଜେଣ୍ଡର ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୨୫।୩

ଟ୍ରାନ୍ସଜେଣ୍ଡର ପର୍ସନସ୍ (ଅଧିକାରର ସୁରକ୍ଷା) ସଂଶୋଧନ ବିଲ୍, ୨୦୨୬ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି। ମଙ୍ଗଳବାର ବିରୋଧୀଙ୍କ କକ୍ଷତ୍ୟାଗ ମଧ୍ୟରେ ଲୋକ ସଭାରେ ଏହି ବିଲ୍ ଧ୍ୱନିମତରେ ଗୃହୀତ ହୋଇଥିବାବେଳେ ବୁଧବାର ରାଜ୍ୟ ସଭାରେ ପାରିତ ହୋଇଛି। ବିଲ୍‌ରେ ଟ୍ରାନ୍ସଜେଣ୍ଡର ବର୍ଗର ପୁନଃ ସଂଜ୍ଞା ନିରୂପଣ, ନିଜେ ଅନୁଭବ କରୁଥିବା ଲିଙ୍ଗଗତ ପରିଚୟ ଏବଂ ବିଭିନ୍ନ ସାମାଜିକ-ସାଂସ୍କୃତିକ ପରିଚୟକୁ ବାଦ୍ ଦେବା ସହ ଟ୍ରାନ୍ସମାସ୍କୁଲାଇନ୍ ବ୍ୟକ୍ତିଙ୍କୁ ଏହା ପରିସରରୁ ବାଦ୍ ଦିଆଯାଇଛି। ରାଜ୍ୟ ସଭାରେ ବିତର୍କର ଉତ୍ତର ରଖି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଡ. ବୀରେନ୍ଦ୍ର କୁମାର କହିଛନ୍ତି, ଟ୍ରାନ୍ସଜେଣ୍ଡର ସମୁଦାୟଙ୍କ କଲ୍ୟାଣ ପ୍ରତି ସରକାର ସହାନୁଭୂତିଶୀଳ। ଟ୍ରାନ୍ସଜେଣ୍ଡରମାନଙ୍କୁ ସଶକ୍ତୀକରଣ କରିବା ଏବଂ ସେମାନଙ୍କୁ ମର୍ଯ୍ୟାଦା ଦେବା ଲାଗି ବିଲ୍‌ରେ ବ୍ୟବସ୍ଥା ରହିଛି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ଏବଂ ସେମାନଙ୍କ ପ୍ରତି ହେଉଥିବା ପକ୍ଷପାତିତା ବନ୍ଦ କରିବା ଲାଗି ଏନ୍‌ଡିଏ ସରକାର ବିଭିନ୍ନ ପଦକ୍ଷେପ ନେଇଥିବା ମନ୍ତ୍ରୀ କହିଛନ୍ତି।

## ଧାନ ବିକିବା ଅପେକ୍ଷାରେ ୧.୬୩ ଲକ୍ଷ ପଞ୍ଜୀକୃତ ଚାଷୀ

ଭୁବନେଶ୍ୱର,୨୫।୩ (ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ୍ ଋତୁରେ ପଞ୍ଜୀକୃତ ହୋଇଥିବା ୧୯ ଲକ୍ଷ ୨୪ ହଜାର ଚାଷୀଙ୍କ ମଧ୍ୟରୁ ଏବେ ବି ୧.୬୩ ଲକ୍ଷ ଚାଷୀ ଧାନ ବିକିବା ଅପେକ୍ଷାରେ ଅଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଛନ୍ତି, ଚଳିତବର୍ଷ ଖରିଫ୍ ଋତୁ ପାଇଁ ୧୯ ଲକ୍ଷ ୨୪ ହଜାର ପଞ୍ଜୀକୃତ ଯୋଗ୍ୟ ଚାଷୀଙ୍କୁ ଧାନକ୍ରୟ ନିମନ୍ତେ ଟୋକନ ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୧୭ ଲକ୍ଷ ୬୧ ହଜାର ଚାଷୀ ସରକାରଙ୍କୁ ଧାନ ବିକ୍ରି କରିଛନ୍ତି। ଚଳିତବର୍ଷ ଖରିଫ୍ ଋତୁରେ ପଞ୍ଜୀକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ବୁଧବାର ସୁଦ୍ଧା ରାଜ୍ୟର ବିଭିନ୍ନ ମଣ୍ଡିକୁ ପ୍ରାୟ ୭୫,୪୫,୩୮୧ ମେଟ୍ରିକ୍ ଟନ୍ ଧାନ ଆସିଥିବା ବେଳେ ସେଥିମଧ୍ୟରୁ ୭୫,୨୦,୨୧୨ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ସଂଗୃହୀତ ଧାନ ମଧ୍ୟରୁ ପ୍ରାୟ ୭୩,୪୬,୨୨୬ ମେଟ୍ରିକ୍ ଟନ୍ ମିଲରମାନେ ମଣ୍ଡିରୁ ଉଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮,୧୧,୯୮୮ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିସାରିଛନ୍ତି। ଏଥିପାଇଁ ୨୨,୩୩୭.୬୦ କୋଟି ଟଙ୍କାର ଏମ୍ଏସ୍‌ପି ଓ ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ଧାନ ସଂଗ୍ରହ କ୍ଷେତ୍ରରେ ବରଗଡ଼ ଜିଲା ସବୁଠୁ ଆଗରେ ରହିଛି, ଯେଉଁଠାରେ ସର୍ବାଧିକ ୭,୭୦,୧୫୭ ମେଟ୍ରିକ୍ ଟନ୍ ଧାନ ମଣ୍ଡିକୁ ଆସିଛି ଓ ୭,୬୯,୮୩୮ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ଅନ୍ୟପକ୍ଷରେ ମାର୍ଚ୍ଚ ୨୪ ସୁଦ୍ଧା ୨୦୨୩-୨୪ ମସିହାରେ ୫୮,୦୩,୬୬୪ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିବା ବେଳେ ୨୦୨୪-୨୫ରେ ୭୩,୦୨,୭୮୨ ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇଥିଲା। ଗତ ଦୁଇବର୍ଷ ମଧ୍ୟରେ ଧାନ ସଂଗ୍ରହ ପରିମାଣରେ ପ୍ରାୟ ୧୬ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ଧାନ ସଂଗ୍ରହ ହୋଇଛି।

## ୨୨ ସୁଦ୍ଧା ତଥ୍ୟ ଦାଖଲ କରିବେ ସରକାର

**ଓଏଚ୍ଆର୍‌ସିରେ ଖାଲି ପଦବୀ ପୂରଣ ମାମଲା**

କଟକ,୨୫।୩(କାର୍ତ୍ତିକ ସାହୁ)

ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍ଆର୍‌ସି)ରେ ଖାଲି ପଡ଼ିଥିବା ଅଧ୍ୟକ୍ଷ ଓ ସଦସ୍ୟ ପଦବୀ ପୂରଣ ସଂକ୍ରାନ୍ତରେ ରୁଜୁ ମାମଲାର ଶୁଣାଣି ହାଇକୋର୍ଟରେ ବୁଧବାର ହୋଇଛି। ଆବେଦନକାରୀ ପ୍ରବୀର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଏପ୍ରିଲ ୨୨ ସୁଦ୍ଧା ସବିଶେଷ ତଥ୍ୟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ଓଡ଼ିଶା ମାନବାଧିକାର କମିଶନରେ ଅଧ୍ୟକ୍ଷ ଓ ସଦସ୍ୟ ଚୟନ ପାଇଁ ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ଗତ ୨୩ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ ଅଦାଲତଙ୍କୁ ଅବଗତ କରାଇଛନ୍ତି। ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ବିଚାରକୁ ନେଇ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଏପ୍ରିଲ୍ ୨୨ ତାରିଖକୁ ଧାର୍ଯ୍ୟ କରିଛନ୍ତି।

## ଅରୁଗୁଲାଙ୍କୁ ପୁରୀ ମହାନଗର ନିଗମ ଆୟୁକ୍ତ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)

**ଆଇଏଏସ୍ ଅଧିକାରୀସ୍ତରରେ ଅଦଳବଦଳ**

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ୩ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବଣାଇ ଉପଜିଲାପାଳ ଅକ୍ଷୟ ପିଲାଇଙ୍କୁ ଜଗତ୍‌ସିଂହପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ସେହିପରି ପଦମ୍‌ପୁର ଉପଜିଲାପାଳ ଅରୁଗୁଲା ସ୍ନେହାଙ୍କୁ ପୁରୀ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ପୁରୀ ମହାନଗର ନିଗମର ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ପଞ୍ଚପୀର, କରଞ୍ଜିଆ ଉପଜିଲାପାଳ କସ୍ତୁରୀ ପଣ୍ଡାଙ୍କୁ ବାରିପଦା ଉପଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

## ଜିଲାପାଳଙ୍କ ପ୍ରସ୍ତାବକୁ ଗ୍ରହଣ କଲେନି କୋଶଳା ଗ୍ରାମବାସୀ

ଛେଣ୍ଡିପଦା,୨୫।୩ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୟନୀ କୋଇଲା ଖଣିରୁ ଟ୍ରକ୍ ଯୋଗେ କୋଇଲା ପରିବହନକୁ ନେଇ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପ୍ରଶାସନ ଓ କୋଶଳା ଗ୍ରାମବାସୀଙ୍କ ମଧ୍ୟରେ ବସିଥିବା ବୈଠକ ବିଫଳ ହୋଇଛି। ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ପକ୍ଷରୁ ଦିଆଯାଇଥିବା କେତୋଟି ପ୍ରସ୍ତାବକୁ କୋଶଳା ଗ୍ରାମବାସୀ ଅଗ୍ରାହ୍ୟ କରିଦେବା ସହ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ ନ ହେବା ପର୍ଯ୍ୟନ୍ତ ଅନୁଗୋଳ-ଛେଣ୍ଡିପଦା ୬୩ନଂ ରାଜ୍ୟ ରାଜପଥର କୋଶଳା ଗାଁ ଦେଇ କୋଇଲା ପରିବହନ କରାଇ ଦିଆଯିବ ନାହିଁ ବୋଲି ଶୁଣାଇ ଦେଇଛନ୍ତି।

ପ୍ରକାଶ ଯେ, ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲରୁ ଲକ୍ଷାଧିକ ଗଛ କଟାଯାଇ ସିଙ୍ଗରେନି କମ୍ପାନୀ ପକ୍ଷରୁ ନୟନୀ କୋଇଲା ଖଣି ପ୍ରତିଷ୍ଠା କରାଯାଇଛି। ଦୀର୍ଘ ୬ ମାସରୁ ଅଧିକ ହେବ ଉକ୍ତ ଖଣିରୁ କୋଇଲା ଉତ୍ପାଦନ କରାଯାଉଛି। ମାର୍ଚ୍ଚ ୫ରୁ ଟ୍ରକ୍ ଯୋଗେ କୋଇଲା ପରିବହନ ଆରମ୍ଭ କରାଯାଇଥିଲା। ଛେଣ୍ଡିପଦା ଟ୍ରକ୍ ଆସୋସିଏଶନର ପ୍ରାୟ ୭୦ଟି ଟ୍ରକ୍‌ରେ ଏହି କୋଇଲା ବୋଝେଇ ହୋଇ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କୋଶଳା ଗାଁ ଦେଇ ପରିବହନ କରାଯାଇଥିଲା। ହେଲେ ଏହାକୁ କୋଶଳା ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଏହି ଗ୍ରାମ ଦେଇ କୋଇଲା ପରିବହନ ହେଲେ ଅଞ୍ଚଳବାସୀ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ପ୍ରଦୂଷଣ ବୃଦ୍ଧି ପାଇ ଗାଁ ପରିବେଶ ନଷ୍ଟ ହେବ। ତେଣୁ ସ୍ୱତନ୍ତ୍ର ବାଇପାସ୍ ରାସ୍ତା ନିର୍ମାଣ ଦାବି ନେଇ ଗ୍ରାମବାସୀ ୧୯ ଦିନ ଧରି କୋଶଳା ଚନ୍ଦନନଗରଠାରେ ଅହୋରାତ୍ର ଗଣଧାରଣା ଦେଇଆସୁଛନ୍ତି।

**ନୟନୀ କୋଇଲା ଖଣିରୁ ପରିବହନ ସମ୍ପର୍କିତ ବୈଠକ ବିଫଳ**



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନ ଓ କୋଶଳା ଗ୍ରାମବାସୀଙ୍କ ମଧ୍ୟରେ ବସିଥିବା ବୈଠକ।

## ତୃତୀୟ ପୃଷ୍ଠାରୁ

### ପିଏନ୍‌ଜି ନେବାକୁ...

ଭିତ୍ତିହୀନ ବୋଲି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିଃ (ବିପିସିଏଲ୍) କହିଛି। ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ ମହଜୁଦ ଥିବା ବିନା ବାଧାରେ ଯୋଗାଣ ଶୃଙ୍ଖଳ ସହଜରେ ଚାଲିଥିବା ବିପିସିଏଲ୍ କହିଛି। ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ଲିଃ ମଧ୍ୟ ଅନୁରୂପ କଥା କହିଛି।

ସୂଚନାଯୋଗ୍ୟ, ଭାରତର ରଣନୈତିକ ଅଶୋଧିତ ତୈଳ ଭଣ୍ଡାର ମାତ୍ର ୯.୫ ଦିନର ଚାହିଦାକୁ ପୂରା ଦମ୍‌ରେ ପୂରଣ କରିପାରିବାକୁ ଥିବାବେଳେ ବର୍ତ୍ତମାନର ଗଚ୍ଛିତ ସ୍ତର ତାହାଠାରୁ ଯଥେଷ୍ଟ କମ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିବା ପରେ ଆଗାମୀ ଦିନରେ ତୈଳ ମିଳି ନ ପାରେ ବୋଲି ଲୋକେ ଆଶଙ୍କା ପ୍ରକଟ କରିଥିଲେ।

### କଳାପୋଷାକ...

ହେବାମାତ୍ରେ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାକୁ ବିରୋଧୀ ବିଜେଡି ଓ କଂଗ୍ରେସ କଳାପୋଷାକ ପିନ୍ଧି ଗୃହର ମଧ୍ୟଭାଗକୁ ପ୍ରବେଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର 'ରାମ ନାମ ସତ୍ୟ ହେ' ମୁଖ୍ୟମନ୍ତ୍ରୀ ଦୁର୍ବଳ, ସ୍ୱାସ୍ଥ୍ୟମନ୍ତ୍ରୀ ଶକ୍ତିଶାଳୀ ଭଳି ବିଭିନ୍ନ ସରକାର ବିରୋଧୀ ନାରା ଦେଇ ଗୃହ କମ୍ପାଇଥିଲେ। ବିଜେଡି ସଦସ୍ୟ ବ୍ରଜ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ସାରଦା ପ୍ରସନ୍ନ ଜେନା, ଧ୍ରୁବଚରଣ ସାହୁ, ସୁଶାନ୍ତ ରାଉତ, ରାଘବ ଧଡ଼ା, କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ, ପବିତ୍ର ସାଉଁତା ପ୍ରମୁଖ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାପାଇଁ ଉଦ୍ୟମ କରିବା ସହ ପୋଡିୟମ ପିଟିଥିଲେ। ଗୃହରେ ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ୧୦ଟା ୩୩ ମିନିଟ୍‌ରୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଅନୁରୂପ ଭାବେ ସରକାର ବିରୋଧୀ ନାରା ଦେବା ସହିତ ମୁଖ୍ୟମନ୍ତ୍ରୀ ଡାଉନ୍ ଡାଉନ୍ କହି ଗୃହ କମ୍ପାଇଥିଲେ। ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ରିପୋର୍ଟର୍ସ ଟେବୁଲ ଉପରେ ଶୋଇ ପ୍ରତିବାଦ କରିଥିଲେ।

ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଦଳୀୟ ସ୍ୱାର୍ଥ ସାଧନ ପାଇଁ ବିରୋଧୀ ଏହି ନାଟକବାଜି କରୁଛନ୍ତି। ବିରୋଧୀଦଳ ନେତା ମଙ୍ଗଳବାର ଏସ୍‌ସିବି ଦୁର୍ଘଟଣାସ୍ଥଳକୁ କେନ୍ଦ୍ରମନ୍ତ୍ରୀ କେହି ନ ଆସିବା ଉପରେ ଯେଉଁ ଟିପ୍ପଣୀ ରଖିଛନ୍ତି, ସେ ଜାଣି ରଖିବା ଉଚିତ ଯେ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ବେଳେ ନବୀନ ନିଜେ ଘଟଣାସ୍ଥଳକୁ ଯିବାକୁ ଉଚିତ ମଣି ନ ଥିଲେ। ବିରୋଧୀ ବିଧାନସଭାର ଅପବ୍ୟବହାର କରୁଛନ୍ତି। କାଳେ ବିଜୁ-ନବୀନ ଇନ୍‌ଷ୍ଟେଶନାଲ ଟ୍ରଷ୍ଟ ସମ୍ପର୍କରେ ସତ୍ୟ ପଦାକୁ ଆସିଯିବ, ଦଳୀୟ ଅନ୍ତକନ୍ଦଳ ଧରାପଡିଯିବ ସେହି ଭୟରେ ଗୃହ ଚଳାଇ ଦେଉନାହାନ୍ତି। ଭାଜପା ସଦସ୍ୟ ସୀମାରାଣୀ ନାୟକ, ଲକ୍ଷ୍ମଣ ମୁଣ୍ଡା, ସରୋଜ ପାଢ଼ୀ, ବାବୁ ସିଂ, ପ୍ରତାପ ପ୍ରଧାନ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଏହି ନାଟକବାଜିକୁ ନେଇ ବର୍ଷିଥିଲେ। ନବୀନଙ୍କ ଗଞ୍ଜି କଂଗ୍ରେସ ପିନ୍ଧିଛି, ବିଜେଡିରେ କଂଗ୍ରେସ ବିଲୋପ ହେବ। ଏହି ଡ୍ରାମା କେବଳ ଓଡ଼ିଶାକୁ ଲୁଟିବାପାଇଁ ବୋଲି ଶାସକଦଳ ସଦସ୍ୟମାନେ କହିଥିଲେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କଠାରୁ ଧାନକିଣା କଥା ଉଠାଇ ଗୃହ ଅଚଳ କରିଥିଲେ। ମାତ୍ର ଧାନକିଣାକୁ ନେଇ ବିରୋଧୀଙ୍କୁ ଶୂନ୍ ସମର୍ଥନ ମିଳିଛି। ଏବେ ଏସ୍‌ସିବି ଭଳି ଏକ ଦୁର୍ଘଟଣାକୁ ନେଇ ବିରୋଧୀ ରାଜନୀତି କରୁଛନ୍ତି। ୨୪ବର୍ଷର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୋଟିଏ ବି ପ୍ରସଙ୍ଗରେ ଘଟଣାସ୍ଥଳକୁ ଯିବାକୁ ପସନ୍ଦ କରୁ ନ ଥିଲେ। ବିରୋଧୀ ଯେଉଁ ଅବାସ୍ତବ, ଅଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିଛନ୍ତି ସେଥିରେ ଆଦୌ ସଫଳ ହେବେ ନାହିଁ ବୋଲି ହରିଚନ୍ଦନ କହିଥିଲେ। ବିଧାନସଭା ଚାଲିବା ପାଇଁ ପ୍ରତିଦିନ ୬୮ରୁ ୭୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଇତିମଧ୍ୟରେ ୧୧.୦୯କୋଟି ଟଙ୍କା ଖର୍ଚ୍ଚ ହେଲାଣି ବୋଲି କହିଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ୨୦୨୯ରେ ୧୫ଲକ୍ଷ ଯୁବ ଭୋଟର ଯୋଡ଼ିହେବେ। ସେମାନେ କ'ଣ ଶିଖିବେ। ଟେବୁଲ ଉପରେ ଯେଉଁ ବିଧାୟକ ଶୋଇଲେ ତାଙ୍କ ଅଞ୍ଚଳରେ ଲୋକେ କି ନ୍ୟାୟ ପାଇବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଗୃହ ବାହାରେ ସରକାରଙ୍କ ବିରୋଧରେ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରକାର ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ଭାଜପା ପକ୍ଷରୁ ଏହାର ଜବାବ ରଖାଯାଇଥିଲା।

### ନିଷିଦ୍ଧାଞ୍ଚଳରେ...

ଧରିବା କଷ୍ଟକର। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ଏନ୍‌ଆଇଟି ରାଉରକେଲାର ଗବେଷକଦଳ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ୍ ଅଣ-ଅନୁପ୍ରବେଶକାରୀ ପ୍ରଣାଳୀ ବିକଶିତ କରିଛନ୍ତି, ଯାହା ଥର୍ମାଲ ଇମେଜିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବ୍ୟକ୍ତିମାନଙ୍କୁ ସନ୍ଧାନ, ଚିହ୍ନଟ ଓ ଧରିପାରିବ। ଗବେଷକ ଦଳ ମଣିଷର ଚାଲିବା ଶୈଳୀକୁ ଏକ ବାୟୋମେଟ୍ରିକ ଚିହ୍ନଟକାରୀ ଭାବରେ ବ୍ୟବହାର କରିଛନ୍ତି, ଯଦ୍ୱାରା ମାନୁଆଲ୍ ତଦାରଖର ଆବଶ୍ୟକତା ହ୍ରାସ ପାଇଥାଏ। ପ୍ରତିବନ୍ଧିତ କ୍ଷେତ୍ରରେ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ଚାଲିବା ଶୈଳୀକୁ ଅଧିକୃତ ବ୍ୟକ୍ତିଙ୍କ ଚାଲିବା ସହ ତୁଳନା କରି ସନ୍ଦେହଜନକ ଭାବରେ ଚିହ୍ନଟ କରିଥାଏ। ୟୁଏସ୍‌ବି ଇଣ୍ଟରଫେସ ମାଧ୍ୟମରେ ଏକ କେନ୍ଦ୍ରୀୟ ସର୍ଭର ସହିତ ସଂଯୋଗ ହୋଇଥିବା ୩ଟି ଥର୍ମାଲ କ୍ୟାମେରା ସହିତ ଏକ କାର୍ଯ୍ୟକାରୀ ପ୍ରୋଟୋଟାଇପ୍ ବିକଶିତ କରିଛି। ସେହିପରି ଯଦି ଜଣେ ବ୍ୟକ୍ତି ପ୍ରତିବନ୍ଧିତ କ୍ଷେତ୍ରରୁ ପ୍ରସ୍ଥାନ କରନ୍ତି, ତେବେ ସେମାନଙ୍କ ଅସ୍ଥାୟୀ ରେକର୍ଡ ଡିଲିଟ୍ ହୋଇଯାଇଥାଏ। ତେବେ ଭବିଷ୍ୟତର ସନ୍ଦର୍ଭ ଓ ଫୋରେନସିକ୍ ବ୍ୟବହାର ପାଇଁ ତଥ୍ୟ ସୁରକ୍ଷିତ ରହିଥାଏ। ଗବେଷକ ଦଳର ପ୍ରମୁଖ ପ୍ରଫେସର ଆଡି କହିଛନ୍ତି, ୧.୯୦ଲକ୍ଷ ଟଙ୍କା ବ୍ୟୟରେ ଏହା ବିକଶିତ ହୋଇଛି। ପ୍ରତିରକ୍ଷା, କର୍ପୋରେଟ୍ ଓ ଶୈକ୍ଷିକ ସଂସ୍ଥାଗୁଡ଼ିକରେ ଏହା ବେଶ୍ ଉପଯୋଗୀ ହେବ ବୋଲି ପ୍ରଫେସର ଆଡି କହିଛନ୍ତି।

### ମେ' ୫ରୁ...

ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲକୁ ଯାଇ ସିପିଇଟି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ଆବେଦନକାରୀମାନଙ୍କ ତଥ୍ୟ ମାର୍ଚ୍ଚ ୨୬ରେ ଷ୍ଟେଟ ସିଲେକ୍ସନ ବୋର୍ଡକୁ ପ୍ରଦାନ କରାଯିବ। ଏପ୍ରିଲ ୩୦ରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଏସ୍‌ଏସ୍‌ବି ୱେବ୍‌ସାଇଟ https://ssbodisha.ac.inକୁ ଯାଇ ଏପ୍ରିଲ ୩୦ରୁ ନିଜର ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ଚୟନ ସିପିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ।

### ରାଜ୍ୟରେ...

ସଂଶୋଧନ ନିୟମ-୨୦୧୯ର ବ୍ୟବସ୍ଥା ଅନୁଯାୟୀ, ଉପଯୁକ୍ତ ଯାଞ୍ଚ ପରେ ବ୍ୟବସାୟିକ ପ୍ରତିଷ୍ଠାନ, ବାଣିଜ୍ୟିକ କମ୍ପ୍ଲେକ୍ସ, ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକୁ ୧୯୯୩ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ୯୨୪ଟି ଅଗ୍ନି ନିରାପତ୍ତା ସୁପାରିସ୍ ଏବଂ ୬୫୭ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ନବୀକରଣ କରାଯାଇଛି। ଏହି ସେବାଗୁଡ଼ିକ ଯୋଗାଇଦେଇ ୪.୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇ ସରକାରୀ ତହବିଲ୍‌ରେ ଜମା କରାଯାଇଛି ବୋଲି ଶ୍ୱେତପତ୍ରରେ ସରକାର ଦର୍ଶାଇଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ମୁଟୁଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିରିକଲା ଧୁବୁଲାବେଡ଼ା ଅଞ୍ଚଳର ଚିତ୍ରସେନ ନାଏକ। ନାବାଳିକା ଜଣକ ଗତ ୨୨ ତାରିଖ ଅପରାହ୍ନରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଚିତ୍ରସେନ ନାଏକଙ୍କ ସହିତ ବଡ଼ବିଲ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲେ। ଯୁବକ ଜଣକ ନାବାଳିକାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ନେଇ ପରିବାର ଲୋକେ ଜାଣିବା ପରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ।


### ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଓବାଦୀ ସାମ୍ରାଜ୍ୟର ପତନ
# ମୁଖ୍ୟଧାରାକୁ ଫେରିଲେ ଶୁକ୍ରୁ, ୪ ସହଯୋଗୀ



ଆତ୍ମସମର୍ପଣ କରିଥିବା ଶୁକ୍ରୁ ଏବଂ ତାଙ୍କ ୪ ସହଯୋଗୀଙ୍କୁ ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରାଯାଉଛି।

**ଫୁଲବାଣୀ,୨୫।୩(ରାକେଶ କୁମାର ରାଉତ)**

ରାଜ୍ୟ ପୋଲିସର ହିଟ୍ ଲିଷ୍ଟରେ ଥିବା ମାଓବାଦୀ ଶୁକ୍ରୁ ଗତ ମଙ୍ଗଳବାର ପୋଲିସ ଆଗରେ ଅସ୍ତ୍ର ସହ ଆତ୍ମସମର୍ପଣ କରିବା ପରେ କନ୍ଧମାଳ ଜିଲାରେ ମାଓବାଦୀ ସଙ୍ଗଠନର ପତନ ହୋଇଛି। ଅନ୍ୟ ଯେଉଁମାନେ ଅଛନ୍ତି ସେମାନେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରନ୍ତୁ ବୋଲି ପୋଲିସ ଚେତାବନୀ ଦେଇଛି। ବୁଧବାର ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରୁ ଏବଂ ତାଙ୍କର ଅନ୍ୟ ୪ ସହଯୋଗୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ଶୁକ୍ରୁଙ୍କୁ ତାଙ୍କ ମୁଣ୍ଡ ପାଇଁ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଅତିରିକ୍ତ ୧୦ ଲକ୍ଷ ଏବଂ ଅସ୍ତ୍ରଶସ୍ତ୍ର ପାଇଁ ପ୍ରାୟ ୭ଲକ୍ଷ ଟଙ୍କା ମିଳିବ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। ବୃତ୍ତିଗତ ତାଲିମ ପାଇଁ ପ୍ରତି ମାସରେ ୧୦ ହଜାର ଲେଖାଏ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ଦିଆଯିବ। ସମସ୍ତଙ୍କୁ ସରକାରୀ ସ୍ୱାସ୍ଥ୍ୟ କାର୍ଡ ଏବଂ ରାଶନ ମିଳିବ। ବିବାହ ପାଇଁ ମଧ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ତେଣୁ ଅନ୍ୟ ମାଓବାଦୀମାନେ ତୁରନ୍ତ ଅସ୍ତ୍ର ଛାଡି ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରୁଛୁ ବୋଲି ଏଡିଜି ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି।

କୋସା ସୋଡ଼ି ଓରଫ ଶୁକ୍ରୁ ୧୯୯୭ରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ (କେକେବିଏନ୍)ଡିଭିଜନରେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ଓଡ଼ିଶା ଏବଂ ଛତିଶଗଡରେ ଶତାଧିକ ମାମଲା ରହିଛି। ସେହିପରି ଆତ୍ମସମର୍ପଣ କରିଥିବା ଶୁକ୍ରୁଙ୍କ ସହଯୋଗୀମାନେ ହେଲେ ଛତିଶଗଡ଼ ସୁକୁମା ଜିଲାର ସଞ୍ଜୟ ରାୱା, ବିଜାପୁର ଜିଲାର ରୋନି ପାଟାମି, କଳାହାଣ୍ଡି ଜିଲାର କୁନି ମାଝି ଓ ଦଶମତୀ ଓରଫ ଫୁଲମତୀ। ଏମାନେ ସମସ୍ତେ ସଙ୍ଗଠନରେ ରହି ବିଭିନ୍ନ ହିଂସା ଭିଆଉଥିଲେ। ପୋଲିସ ଆଗରେ ଗୋଟିଏ ଏକେ-୪୭ ରାଇଫଲ, ଗୋଟିଏ ଏସ୍ଏଲଆର, ୨ଟି ୩୦୩ ରାଇଫଲ, ଗୋଟିଏ ସିଙ୍ଗଲ ବନ୍ଧୁକ ସହ ବହୁ ପରିମାଣର ଗୁଳିଗୋଳା ରଖି ସମସ୍ତେ ଆତ୍ମ ସମର୍ପଣ କରିଥିଲେ। ଗତ ଡିସେମ୍ବରରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛି। ଏସ୍ଓଜି, ଡିଭିଏଫ, ସିଆରପିଏଫ, ବିଏସ୍ଏଫର ଜୋରଦାର ଅଭିଯାନ ଯୋଗୁ ମାଓବାଦୀ କୋଣଠେସା ହୋଇ ପଡିଛନ୍ତି। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୮ରୁ ୯ ମଧ୍ୟରେ ରହିଛି। ଫୁଲବାଣୀ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଜି ଅପରେଶନ ଡ. ଦୀପକ କୁମାର, ଏସ୍ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ସିଆରପିଏଫ ଡିଆଇଜି ଦିଲୀପ ଅମ୍ରେଶ, ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, କନ୍ଧମାଳ ଏସ୍ପି ହରିଶ ବିଶି, ଅତିରିକ୍ତ ଏସ୍ପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

### ମାଓବାଦୀ ଦମନ ଅପରେଶନରେ ୨୩୯ ସୁରକ୍ଷାକର୍ମୀ ଶହୀଦ

**ଫୁଲବାଣୀ,୨୫।୩ (ରାକେଶ କୁମାର ରାଉତ)**

ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ପାଇଁ ଚାଲିଥିବା କୋମ୍ବିଂ ଅପରେଶନ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ୧ଅଙ୍କକୁ ଖସି ଆସିଛି। ମାଓବାଦୀ ନିପାତ ଅଭିଯାନରେ ୨୩୯ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ ଡେଡ୍‌ଲାଇନକୁ ଆଉ ଅଳ୍ପ ଦିନ ବାକି ଥିବାରୁ ଅନ୍ୟ ମାଓବାଦୀମାନେ ମଧ ପୋଲିସ ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ ବୋଲି ମାଓବାଦୀ ନିରୋଧୀ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଟପ୍ ମାଓବାଦୀ କମାଣ୍ଡର ଶୁକ୍ରୁ ଓରଫ କଷା ସୋଢ଼ି ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବାରୁ ସେମାନଙ୍କୁ ଫୁଲ ତୋଡ଼ା ଦେଇ ବୁଧବାର ସ୍ୱାଗତ କରାଯାଇଛି।

# ପିଲାଙ୍କୁ ତରକାରିରେ ବିଷ ଦେଇ ମାରିବାକୁ ଉଦ୍ୟମ

**ବାଲିଶଙ୍କରା,୨୫।୩(ହୃଦାନନ୍ଦ ବାରିକ)**

- ଥାନାରେ ଅଭିଯୋଗ
- ଅଭିଯୁକ୍ତ ବଡ଼ବାପାଙ୍କୁ ଖୋଜୁଛି ପୋଲିସ

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ବନଡେଗା ପଞ୍ଚାୟତ କିଲକିଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବ୍ୟକ୍ତି ନିଜ ପୁଅ ସହ ସାନଭାଇଙ୍କ ୨ ପିଲାଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ବଞ୍ଚିଯାଇଛନ୍ତି। ଗତ ୨୦ ତାରିଖରେ ଏପରି ଘଟଣା ଘଟିଥିଲେ ମଧ ବୁଧବାର ଏନେଇ ତଳସରା ଥାନାରେ ସାନଭାଇ ଅନିଲ ମିଞ୍ଜ୍‌ଙ୍କ ଅଭିଯୋଗ ପରେ କଥା ସାମ୍ନାକୁ ଆସିଛି। ପୋଲିସ ଏକ ମାମଲା (ନଂ.୧୮/୨୬) ରୁଜୁକରି ତନାଘନା ଚଳାଇଛି। ଅଭିଯୋଗ ପରେ ଏଭଳି କାଣ୍ଡ ଘଟାଇଥିବା ଫିଲିପ ମିଞ୍ଜ୍ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଅନିଲ, ତାଙ୍କ ସ୍ତ୍ରୀ ଲିଳିମା ମିଞ୍ଜ ଓ ଭାଉଜ ବିବିଆନା ମିଞ୍ଜ ବଡ଼ଭାଇ ଫିଲିପ୍‌ଙ୍କ ପାଖରେ ଛୁଆଙ୍କୁ ଛାଡି କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ବେଳେ ଫିଲିପ୍ ତାଙ୍କ ନିଜ ପୁଅ ସାହିଲ (୧୮) ଓ ଭାଇ ଅନିଲଙ୍କ ପୁଅ ଆଶିଷ (୧୫) ଓ ଝିଅ ଅନନ୍ୟା(୧୨)ଙ୍କ ତରକାରିରେ ବିଷ ମିଶାଇ ଖାଇବାକୁ ଦେଇଥିଲେ। ଖାଦ୍ୟ ଖାଇ ୩ ଭଉଣୀଭାଇ ଅସୁସ୍ଥ ହୋଇପଡ଼ିଥିଲେ। ଫିଲିପଙ୍କ ବଡ଼ଝିଅ ମାରିଆତା(୨୧) ମହୁଲ ସଂଗ୍ରହକରି ଘରକୁ ଫେରି ୩ ଜଣ ଅସୁସ୍ଥ ହୋଇପଡ଼ିଥିବା ଦେଖିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମାରିଆତା ସମସ୍ତଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ବୁଧବାର ପିଲାମାନେ ସୁସ୍ଥ ହେବାପରେ ଡାକ୍ତରଖାନାରୁ ଫେରିଥିଲେ। ଏନେଇ ଅନିଲ ତଳସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# କୋମ୍ବିଂ ବେଳେ ଏସ୍‌ଓଜି ଯବାନ ଗୁରୁତର



ଆସିକା ମେଡ଼ିକାଲରେ ଗୁରୁତର ଯବାନ ସୁକାନ୍ତ ମାଝୀ।

**ଆସିକା,୨୫।୩(ସୁରେନ୍ଦ୍ର ନାଥ ସାହୁ)**

କନ୍ଧମାଳ ଜିଲା ରାଇକିଆ ଥାନା ଅଧୀନ କରଡ଼ା ଜଙ୍ଗଲରେ ମାଓବାଦୀ ଦମନ ପାଇଁ ବୁଧବାର ଅପରାହ୍ନରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଜଣେ ଏସ୍ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁକାନ୍ତ ମାଝୀ (୨୭) ଓ ତାଙ୍କ ଘର କେନ୍ଦୁଝର ଜିଲା ହରିପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ଛାତିର ବାମପାର୍ଶ୍ୱରେ ଗୁଳି ବାଜିଛି। ଚିକିତ୍ସା ଲାଗି ସୁକାନ୍ତଙ୍କୁ ପ୍ରଥମେ ସୋରଡ଼ା ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ସୁକାନ୍ତ ଆହତ ହୋଇଥିବା କୁହାଯାଉଥିଲେ ମଧ କେଉଁ ପରିସ୍ଥିତିରେ ତାଙ୍କ ଶରୀରରେ ଗୁଳି ବାଜିଛି ତାହା ସ୍ପଷ୍ଟ ହୋଇନାହିଁ। ଆସିକା ମେଡିକାଲରେ ଭଞ୍ଜନଗର ଓ ଆସିକା ଏସ୍‌ଡିପିଓ, ବଡ଼ଗଡ଼, ସୋରଡ଼ା ଓ ଆସିକା ଥାନା ଅଧିକାରୀ ଗୁରୁତର ଯବାନଙ୍କୁ ଭେଟିଥିଲେ।

# ଟାଙ୍ଗୀ ଥାନାରେ ପୋଲିସ ଉପରକୁ ପଥର ମାଡ଼

**ଟାଙ୍ଗୀ,୨୫।୩(ରଘୁନାଥ ସାହୁ)**



ଥାନା ପରିସରରେ ଏଣେତେଣେ ହୋଇ ପଡ଼ିଥିବା ପଥର।

### ପୋଲିସ ଲାଠି ଚାଳନାରେ ୧୨ମହିଳା ଆହତ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପରିସରରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୁଞ୍ଜୁରି ପଞ୍ଚାୟତ ଆଡ଼ିଆପଡ଼ା ଗ୍ରାମର ବସନ୍ତ ମହାରଥୀଙ୍କ ଗିରଫ ପ୍ରତିବାଦରେ ଉକ୍ତ ଗ୍ରାମର କେତେଜଣ ମହିଳା ଥାନା ପରିସରରେ ପହଞ୍ଚି ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ଫଳରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ପୋଲିସ ଉତ୍ତ୍ୟକ୍ତ ମହିଳାଙ୍କୁ ଘଉଡ଼ାଇବାକୁ ଯାଇ ଲାଠି ଚାଳନା କରିଥିଲା। ଏଥିରେ ୧୨ଜଣ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ମୁତାବକ, କୁଞ୍ଜୁରି ପଞ୍ଚାୟତ ଆଡ଼ିଆପଡ଼ା ଏବଂ କୁରୁମି ଅଞ୍ଚଳରେ ଖଣି ମାଫିଆମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରି ପ୍ରତିଦିନ ମୁଗୁନି ପଥର ଚାଲାଣ କରୁଛନ୍ତି। ଏହି ବ୍ଲାଷ୍ଟିଂ ଫଳରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କ୍ଷତି ହେଉଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଏପରିକି ଗ୍ରାମବାସୀ ପ୍ରତିବାଦ କଲେ ମଧ ସୁଫଳ ମିଳୁନାହିଁ। ତେବେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ନେତୃତ୍ୱ ନେଉଥିବା ଆଡ଼ିଆପଡ଼ା ଗ୍ରାମର ବସନ୍ତଙ୍କୁ ମଙ୍ଗଳବାର ପୋଲିସ କୌଣସି ଏକ ମାମଲାରେ ଗିରଫ କରିଥିଲା। ଏହାର ପ୍ରତିବାଦରେ ଉକ୍ତ ଗ୍ରାମର ବହୁ ମହିଳା ରାତିରେ ଥାନା ପରିସରରେ ପହଞ୍ଚି ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ଏହାପରେ ପୋଲିସ ଉତ୍ତ୍ୟକ୍ତ ମହିଳାଙ୍କୁ ଘଉଡ଼ାଇବାକୁ ଯାଇ ଲାଠି ଚାଳନା କରିଥିଲା। ବୁଧବାର ପରିସ୍ଥିତି ଶାନ୍ତ ଥିଲେ ମଧ ଏହି ଘଟଣା ପରେ ପୋଲିସ ଆଇନଶୃଙ୍ଖଳା ପ୍ରତି ନଜର ରଖିଛି। ଏନେଇ ଟାଙ୍ଗୀ ଥାନା ଆଇଆଇଆସି ରବୀନ୍ଦ୍ର ଭୁଜବଳ କହିଛନ୍ତି ଯେ, ବସନ୍ତଙ୍କ ଗିରଫକୁ ବିରୋଧ କରି ମଙ୍ଗଳବାର ରାତିରେ ଆଡ଼ିଆପଡ଼ା ଗ୍ରାମର ବହୁ ମହିଳା ଥାନାକୁ ଆସିଥିଲେ। ଆଲୋଚନା ଚାଲିଥିବା ବେଳେ କେତେଜଣ ମହିଳା ପୋଲିସ ଉପରକୁ ପଥରମାଡ଼ କରିଥିଲେ। ଏହା ପରେ ଲାଠି ଚାଳନା ପରେ ମହିଳାମାନେ ଘରକୁ ପଳାଇଥିଲେ। ଧାରା ୪୧ ଅନୁଯାୟୀ ବ୍ୟକ୍ତିଗତ ମୁଚାଲିକାରେ ବୁଧବାର ବସନ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି ବୋଲି ଆଇଆଇଆସି ଭୁଜବଳ ପ୍ରକାଶ କରିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Limited CDA and RERA (RP/07/2023/01069) Approved Plot Available Near K.V-3 & CISF Munduli with All Infrastructure Development. Contact- 7008513309. D-3746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ IIT, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/Duplex ମିଳୁଛି। 8327785834. D-3649

LOST

ଏତଦ୍ୱାରା ମୁଁ, ଶ୍ରୀ ଅଭିରାମ ପାତ୍ର, ପିତା- ବାବାଜୀ ପାତ୍ର, ସା/ପୋ- କରଙ୍ଗାମାଳ, ଥାନା- ବୋଡେନ୍, ଜିଲ୍ଲା- ନୂଆପଡ଼ା, ବର୍ତ୍ତମାନର ଠିକଣା: ସା- କୁନ୍ଦପୁର, ପୋ- ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା- କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛି କି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ.- ୧୦୯୭୧୯୦୦୫୨୯ ତା.୨୦।୦୫।୨୦୧୯ରିଖ ଯାହାକି ମୌଜା- ସଂସାରଫଳ, ଖାତା ନଂ.- ୬୬୭/୯୩, ପ୍ଲଟ୍ ନଂ.- ୨୦୭୦/୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା- କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମ୍ଭେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ। ଧ-୩୭୪୨

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

AFFIDAVIT

I, Laxman Pradhan, R/o. At- Sarapal, P.O.- Bansajal, P.S.- Charmal, Dist.- Sambalpur, Odisha have changed my minor daughter's name from Teasty Pradhan to Tanvika Pradhan for all future purposes vide affidavit dated 20.03.2026 sworn before Sri S.K. Purohit, Notary Public, Rairakhol. I have complied with all legal requirements in this regard. D-3745

By virtue an affidavit sworn before Executive Magistrate, Dhenkanal dtd.- 19.3.2026, I, Jaykrushna Sahoo, S/o.- Late Hadibandhu Sahoo, At/P.O.- Kakudibhag, P.S.- Sadar, Dist.- Dhenkanal, PIN- 759015, Odisha declare that I have changed my minor son's name from Prakash Prasad Sahoo to Rakesh Prasad Sahoo. Henceforth, he shall be known as Rakesh Prasad Sahoo for all purposes.
Jaykrushna Sahoo. D-3747

By virtue of an affidavit sworn before Notary Public, Borigumma, dated 23.02.2026, I, SONIA PANI, Address: At- K. Jhalarsing, P.O.- Khajuripada, P.S.- Serang, Dist.- Gajapati Odisha- 761214 declare that I have changed my name from SANYA PANI to SONIA PANI. Henceforth, I shall be known as SONIA PANI for all purposes. D-3743

By virtue of an affidavit sworn before Notary Public, Borigumma, dated 20.03.2026, I, CHHITA MAHALI, Address: At- Borigumma, P.O.- Borigumma, P.S.- Borigumma, Dist.- Koraput, Odisha- 764056 declare that I have changed my name from CHITA BASKE to CHHITA MAHALI. Henceforth, I shall be known as CHHITA MAHALI for all purposes. D-3744

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LEGAL NOTICE

Letter No.- 3011, dtd.- 16.12.2025
ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନ୪ମ୍ବର,
ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୮୬୦/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)
ରାମକୃଷ୍ଣ ମିଶ୍ର ........ବାଦୀ/ଦରଖାସ୍ତକାରୀ
ବନାମ
ଓଡ଼ିଶା ସରକାର ତରଫ ସେଟେଲମେଣ୍ଟ ଅଫିସର, ଯୋବ୍ରା, କଟକ ଓ ଅନ୍ୟମାନେ ........ ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-
ପ୍ରତିବାଦୀ ନଂ.୨. ସୁପ୍ରିୟା ରାଣୀ ପାତ୍ର, ପିତା- ୰ କେ. ଅରକ୍ଷିତ ପାତ୍ର, ସା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନ ଠିକଣା: ଘର ନ. ଯେ.ଏ.- ୩୦ମ୍ବର, ଶକ୍ତି ନଗର, ରାଉରକେଲା, ପିନ୍- ୭୬୯୦୧୪, ଓଡ଼ିଶା। ପ୍ରତିବାଦୀ ନଂ.୫- ମଙ୍ଗଳା ମାଝି, ପିତା- ୰ ମନ୍ଧୃ ମାଝି, ଠିକଣା: ସା- ପ୍ଲଟ୍ ନ୭ମ୍ବର, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ଓଡ଼ିଶା।
ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।
ଜମିର ବିବରଣୀ
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.୪୦, ମୌଜା: ପଥରଗାଡ଼ିଆ
ସାବକ: ଖାତା ନଂ.- ୨୩୭, ପ୍ଲଟ୍ ନଂ. ୬୪୫ (ଅଂଶ), କିସମ- ବଗାୟତ- ୨, ରକବା- ଏ.୩.୪୭୦ ଡେସିମିଲ ସ୍ୱଧରୁ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୨୦୮୫, ପ୍ଲଟ୍ ନଂ.- ୩୧୩୬, କିସମ- ପତିତ, ରକବା- ଏ.୦.୦୮୫ ଡେସିମିଲକୁ ବର୍ଦ୍ଧିତ ମତେ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍
ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।
ତା. ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୩୭୩୫


### ନାବାଳକଙ୍କ ଗୁଳିମାଡ଼ରେ ପୋଲିସ କର୍ମଚାରୀ ଆହତ

**ବାସୁଦେବପୁର,୨୫।୩ (ନାରାୟଣ ପ୍ରସାଦ ବାରିକ)**

ଭଦ୍ରକ ଜିଲା ବାସୁଦେବପୁର ଶାଶୁଭୁଆସୁଣୀ ଗ୍ରାମରେ ବୁଧବାର ଅପରାହ୍ନରେ ଜଣେ ନାବାଳକଙ୍କ ଗୁଳିମାଡ଼ରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆହତ ପୋଲିସ କର୍ମଚାରୀ ଚୂଡ଼ାମଣି ଗ୍ରାମର ମାନସ ସେଠୀ। ସେ ଚୂଡ଼ାମଣି ସାମୁଦ୍ରିକ ଥାନାର ନୂତନକରି ନିଯୁକ୍ତ ହୋଇଛନ୍ତି। ଘଟଣାକୁ ନେଇ ଚୂଡ଼ାମଣି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ଶାଶୁଭୁଆସୁଣୀ ଗ୍ରାମରେ ଥିବା ମନ୍ଦିରରେ ବୁଧବାର ଏକ ପୂଜା ଚାଲୁଥିଲା। ନାବାଳକ ଜଣଙ୍କ ଏହି ସମୟରେ ବନ୍ଧୁକରୁ ଗୁଳି ଚାଳନା କରିଥିଲେ। ସେଠାରେ ଥିବା ମାନସଙ୍କ ହାତରେ ସେହି ଗୁଳି ବାଜିଥିଲା। ପରେ ତାଙ୍କୁ ସ୍ଥାନୀୟ ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ସୁସ୍ଥ ଥିବା ଜଣାପଡ଼ିଛି। ନାବାଳକ ଜଣକ ଜଣେ ପୋଲିସ ଅଧିକାରୀଙ୍କ ସମ୍ପର୍କୀୟ ବୋଲି କୁହାଯାଉଥିବା ବେଳେ ଅସାବଧାନତାରୁ ଏହି ଗୁଳି ଫୁଟିଥିବା ଅନୁମାନ କରାଯାଉଛି। ଏ ବାବଦରେ ଚୂଡ଼ାମଣି ଆଇଆଇସି ବନାନୀ ବେହେରା କହିଛନ୍ତି, ଘଟଣା ବାବଦରେ କିଛି ଲିଖିତ ଅଭିଯୋଗ ହୋଇନାହିଁ। ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ନାବାଳକ ଜଣକ କେଉଁଠୁ ବନ୍ଧୁକ ଆଣିଲେ ତାହାର ଅନୁସନ୍ଧାନ କରାଯାଉଛି।

ଅପେରା ହାଲ୍‌ଚାଲ୍

## ଲକ୍ଷ୍ମୀଧର ଯାହା ଭାବୁଥିଲେ...

ଆସନ୍ତା ଯାତ୍ରା ସିଜନ ପାଇଁ ଏକ ଭିନ୍ନ ସ୍ୱାଦର ନାଟକ 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ' ପ୍ରସ୍ତୁତି ଚାଲୁ ରହିଛି। ଏଭଳି କାମରେ ଏବେ ବ୍ୟସ୍ତ ଅଛନ୍ତି ଅଧ୍ୟାପକ-କମ୍-ନାଟ୍ୟକାର ଲକ୍ଷ୍ମୀଧର ସେଠୀ। ଅନ୍ୟତମ ଆଗଧାଡିର ଅପେରା


ଲକ୍ଷ୍ମୀଧର

ସଂସ୍ଥା 'ଯାତ୍ରା ସ୍ୱର୍ଣ୍ଣମହଲ' ଦ୍ୱାରା ଏହା ପରିବେଷିତ ହେବ। ଉକ୍ତ ନାଟକର ନିର୍ଦ୍ଦେଶନା ଦେବେ ଆଗଧାଡିର ନିର୍ଦ୍ଦେଶକ ପ୍ରଦୀପ ବେହେରା। ଏ ବିଷୟରେ ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ଲକ୍ଷ୍ମୀଧର କହନ୍ତି, ''ପିଲାଟି ଦିନରୁ ନାଟକ ରଚନା ପ୍ରତି ଆଗ୍ରହ ଥିଲା। ଅନେକ ଡ୍ରାମା ନାଟକ ଲେଖିବା ପରେ ମୋତେ ଜଲିଉଡ୍‌ରେ ସୁଯୋଗ ମିଳିଲା। ଧଉଳି ଗଣନାଟ୍ୟର 'ପୀରତି ହାଟରେ ପ୍ରେମ ମାଗଣା'ର ସଫଳତା ମୋର ନାଟ୍ୟକାର ହେବାର ନିଶାକୁ ନୂଆମୋଡ ଦେଇଥିଲା। 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ'ର କାହାଣୀ ଯେଉଁଭଳି ରହିଛି ତାହା ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନାଟକରେ ସାମ୍ପ୍ରତିକ ଘଟଣାର ପ୍ରତିଫଳନ ରହିବା ଦରକାର। ନାଟକ ରଚନା ବେଳେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଥାଏ। ''

ରିଲିଜ ଅପେକ୍ଷାରେ...

## ପୁଣ୍ୟୋଦକମ୍

ଯେତେବେଳେ ସମାଜରେ ପାପର ଭାର ଅଧିକ ହୁଏ ସେତେବେଳେ ମା' ଶାରଳା କିପରି ତାହାକୁ ଲାଘବ କରୁଛନ୍ତି ତାହା 'ପୁଣ୍ୟୋଦକମ୍' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଶବ୍ଦଟି ଗରୁଡ ପୁରାଣରୁ ଉଦ୍ଧୃତ। ପାପ ବିରୋଧରେ ସବୁବେଳେ ପୁଣ୍ୟର ଜୟ ହୋଇଛି। ତେବେ ମା' ଶାରଳାଙ୍କ କୃପାରୁ ଏହା କିପରି ସମ୍ଭବ ହୋଇଛି ତାହାର ଝଲକ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ପୁଣ୍ୟୋଦକମ୍' ଫିଲ୍ମର ପୋଷ୍ଟର

ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯ୍ୟାତନା ଓ ମା' ଶାରଳାଙ୍କ ଘଟଯାତ୍ରାର ଆଧାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଗୁନୁଗୁନ୍ ଏବଂ ରୀନା ଜେନା। ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିବ ପ୍ରସାଦ ମହାନ୍ତି। ଗୀତଗୁଡିକୁ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଏବଂ ଡ. ପଞ୍ଚାନନ ନାୟକ। ସ୍ୱର ଦେଇଛନ୍ତି ବିପିନ ବାରିକ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପାଣ୍ଡା, ସତ୍ୟଜିତ ପ୍ରଧାନ, ରୂପକ ପରିଡା ଓ ରାମକୃଷ୍ଣ ବେହେରା। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଗୁନଗୁନ୍, ଅଭିଷେକ ଗିରି, ଶ୍ରୀତମ ଦାସ ଏବଂ ଶୁଭ୍ରାଂଶୁ ନାୟକ ଅଭିନୟ କରିଛନ୍ତି।

# ଯେତେବେଳେ ଅବସର ମିଳେ...


ସଲମାନ୍

ବଲିଉଡ୍‌ରେ ସଲମାନ ଖାନ୍ ଓରଫ ସଲ୍ଲୁ ମିଆଁ ଏବେ ମଧ୍ୟ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଅଭିନୀତ 'ମାତୃଭୂମି'ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସଲମାନଙ୍କର ଏକ ଭଲ ଅଭ୍ୟାସ ରହିଛି। ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ବସି ପଡନ୍ତି। ଏପରିକି ଶୁଟିଂ ସେଟ୍‌ରେ ଟିକେ ଫୁରସତ ମିଳିଲେ ସେ ଏଥିପ୍ରତି ଦୃଷ୍ଟି ଦେଇଥାଆନ୍ତି। ତେବେ ତାହା କ'ଣ ଜାଣିବେନି? ସଲମାନଙ୍କୁ ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ''ଚିତ୍ର ଆଙ୍କିବା ମୋର ଏକ ଅଭ୍ୟାସ। ଏବେ ମଧ୍ୟ ସମୟ ମିଳିଲେ ମୁଁ ନିଜକୁ ଏଥିରେ ନିୟୋଜିତ ରଖିଥାଏ। ମୋ ମନକୁ ଯଦି କୌଣସି ନୂଆ କନସେପ୍ଟ ଆସେ ତେବେ ତାହାକୁ କିପରି ଚିତ୍ରର ରୂପ ଦେବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ।'' ତାଙ୍କର ଆଉ ଏକ ଭଲ ଅଭ୍ୟାସ ମଧ୍ୟ ରହିଛି। ନବାଗତମାନଙ୍କୁ ବଲିଉଡ୍‌ରେ ସୁଯୋଗ ଦେବା ପଛରେ ତାଙ୍କର ଅନେକ ଅବଦାନ ରହିଛି। ତା'ସହ ସେମାନେ କିପରି ଆକ୍ଟିଂ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ନିଜ ପକ୍ଷରୁ ଯେତେ ସମ୍ଭବ ସହଯୋଗ କରିଥାଆନ୍ତି। ୧୯୯୩ରେ ତାଙ୍କୁ ଏକ ଭଲ ଅଫରଟିଏ ମିଳିଥିଲା। ଗଣେଶ ଜୈନଙ୍କ ପ୍ରଯୋଜିତ ଏବଂ ଆବାସ-ମସ୍ତାନଙ୍କ ନିର୍ଦ୍ଦେଶିତ 'ବାଜିଗର'ର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ପ୍ରଥମେ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ଶାହରୁଖ ବାଜି ମାରିନେଇଥିଲେ ଏବଂ ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

# ମଡେଲିଂରୁ ଅଭିନୟ

ୟାମି ଗୌତମ ଇତିମଧ୍ୟରେ ଘର ସଂସାର କରିସାରିଛନ୍ତି। ବିଶିଷ୍ଟ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କର ଏହି ଧର୍ମପତ୍ନୀ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। ୨୦୧୨ରେ ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା, ଆଉ ତାଙ୍କର ଡେବ୍ୟୁ ଫିଲ୍ମଟିର ଟାଇଟଲ ଥିଲା 'ଭିକି ଡୋନର'। ଏଥିରେ ତାଙ୍କର ନାୟକ ସାଜିଥିଲେ ଆୟୁଷ୍ମାନ ଖୁରାନା। ମାତ୍ର ଚାରିକୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟିର ବକ୍ସ ଅଫିସରେ ୬୮କୋଟି ଆୟ କରିବାରେ ସଫଳ ହୋଇଥିଲା। କିନ୍ତୁ ୨୦୧୦ରେ ସେ ପ୍ରଥମେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ଉଲ୍ଲାସ ଉତ୍ସାହ' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମ ତାଙ୍କୁ ଏହି ସୁଯୋଗ ଦେଇଥିଲା। ଗତ ବର୍ଷ ତାଙ୍କ ଅଭିନୀତ 'ହକ୍' ବେଶ୍ ଦର୍ଶକାଦୃତ ହୋଇଥିଲା। ନିକଟରେ ରିଲିଜ ହୋଇଥିବା ତଥା ତାଙ୍କ ସ୍ୱାମୀ ଆଦିତ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଧୁରନ୍ଧର-ଦ ରିଭେଞ୍ଜ'ରେ ୟାମି ଏକ କେମିଓ ରୋଲ୍‌ରେ ଅଭିନୟ କରିଛନ୍ତି। ନିଜ କ୍ୟାରିୟର ବିଷୟରେ ୟାମି କହନ୍ତି, ''ମୋ ବାପା ମୁକେଶ ଗୌତମ ଜଣେ ନିର୍ଦ୍ଦେଶକ। ତେଣୁ ଜଣେ ଅଭିନେତ୍ରୀ ହେବାର ଆଶା ମୋର ପିଲାଟି ଦିନରୁ ଥିଲା। ପୁଣି ଏପରି ସଂଯୋଗ ଜଣେ ନିର୍ଦ୍ଦେଶକଙ୍କ ସହ ମୁଁ ମଧ୍ୟ ଘର ସଂସାର କରିଛି।''


ୟାମି

# ଦୋଛକିରେ ପୂଜା

ପୂଜା ହେଗଡେ ଏବେ ଦୋଛକିରେ ପଡିଛନ୍ତି। ଗୋଟିଏ ବିଷୟରେ ନେଇ ସେ କି ନିଷ୍ପତ୍ତି ନେବେ ତାହା ଜାଣିପାରୁନାହାନ୍ତି। କଥା କ'ଣ କି ପୂଜାଙ୍କୁ ନିକଟରେ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେବେ ଏନେଇ ସେ ଟିକେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ତାଙ୍କୁ ଏ ବିଷୟରେ ଶୀଘ୍ର ପ୍ରାକ୍-ପ୍ରସ୍ତୁତି ହେବାକୁ ପଡିବ। ''ମୋତେ ନିକଟରେ ଏକ ଭଲ ଅଫର ମିଳିଛି। ଏଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ହେବ। ସେ ନେଇ ମୁଁ ଟେନ୍‌ସନ୍‌ରେ ଅଛି। ଏହି ନୂଆ ପ୍ରୋଜେକ୍ଟରେ ମୋତେ ଘୋଡା ଉପରେ ବସି ଫାଇଟ୍ କରିବାକୁ ପଡିବ। ହେଲେ ଅସଲ କଥା ହେଲା ଘୋଡା ଚଢ଼ିବାକୁ ମୋତେ ଟିକେ ଡର ଲାଗେ। କାରଣ ପିଲାଦିନେ ମୁଁ ଏକଦା ଘୋଡା ଉପରେ ବସୁ ବସୁ ପଡିଯାଇଥିଲି। ସୌଭାଗ୍ୟ ବଶତଃ ମୋର କିଛି କ୍ଷତି ହୋଇ ନ ଥିଲା। ତେଣୁ ବର୍ତ୍ତମାନ ମୋର ବଡ ଟେନସନ ହେଉଛି ଘୋଡା ଚଢ଼ିବା। କିନ୍ତୁ ଆଶା ରଖିଛି ଦୃଢ଼ ମନରେ ଘୋଡା ଚଢ଼ି ଶଟ୍‌ଟି ଦେବି। ଏ ନେଇ ମୋତେ ଟିକେ ଅଭ୍ୟାସ କରିବାକୁ ପଡିବ। ଏ କ୍ଷେତ୍ରରେ ସବୁ ପ୍ରକାର ସହଯୋଗ କରିବାକୁ ଆମର ଆକ୍ସନ ମାଷ୍ଟର ମୋତେ କହିଛନ୍ତି।'' ତେବେ ପୂଜାଙ୍କର ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। କେବଳ ସେତିକି ନୁହେଁ, ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆସନ୍ତା ସପ୍ତାହରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ପୂଜା

# ଗୋଟିଏ ଫୁଲ କୋଟିଏ କଥା

ଫୁଲ ଭିତରେ ମଧ୍ୟ ଅନେକ କଥା ଲୁଚି ରହିଛି। ପୁଣି ସେହି କଥାଗୁଡିକ ସାମାଜିକ ବାର୍ତ୍ତା ବହନ କରିଥାଏ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଦ୍ୱିଭାଷୀ (ଓଡ଼ିଆ-ଇଂଲିଶ) କ୍ଷୁଦ୍ର ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା'। ଓଡ଼ିଆ ସିନେମା ଜଗତର ବରିଷ୍ଠ କ୍ରିଟିକ ଦିଲୀପ ହାଲି ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା ଚିତ୍ରଟି ନିକଟରେ ଷଷ୍ଠ ଶ୍ରୀଲଙ୍କା ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର କେତେକ କାଟେଗୋରିରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ କାହାଣୀ, ଚିତ୍ରନାଟ୍ୟ ବିଭାଗରେ ପୁରସ୍କାର ମିଳିଛି। ଫିଲ୍ମ ବିଷୟରେ ଦିଲୀପ କହନ୍ତି, ''ଏଭଳି ଏକ କଥାବସ୍ତୁକୁ ନେଇ ଶର୍ଟ ଫିଲ୍ମଟିଏ ନିର୍ମାଣ କରିବାକୁ ଚିନ୍ତା କଲି। ତା'ପରେ ତାହାକୁ କିପରି ଠିକ୍ ଭାବରେ


ରାଜଗୋପାଳ ସିଂ


ଦିଲୀପ ହାଲି

ଦୃଶ୍ୟାୟନ କରାଯାଇପାରିବ ସେ ବିଷୟରେ ଏହାର ନିର୍ଦ୍ଦେଶକ ଏବଂ ସିନେମାଟୋଗ୍ରାଫର ରାଜଗୋପାଳ ସିଂ (ମଣ୍ଟୁ ଦା')ଙ୍କ ସହ ଆଲୋଚନା କଲି। ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଫିଲ୍ମଟି ନିଶ୍ଚୟ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ହାସଲ କରିବ। ଯାହାହେଉ ଏହା ସତରେ ପରିଣତ ହୋଇଛି। ଏହି ଫିଲ୍ମରେ ସାମ୍ପ୍ରତିକ ସମାଜ ପାଇଁ ଅନେକ ବାର୍ତ୍ତା ରହିଛି।'' ଏହି ଶର୍ଟ ଫିଲ୍ମର ଅବଧି ରହିଛି ମାତ୍ର ୧୦ ମିନିଟ୍। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସ୍ୱରକାର ବିକାଶ ଦାସ। ଦିଲୀପ ହାଲିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା କରିଛନ୍ତି ଶୁଭେନ୍ଦୁ ମହାନ୍ତି। ଏହାର ବ୍ୟାକ୍‌ରାଉଣ୍ଡ ଭଏସ ଇଂଲିଶରେ ସୁଲଗ୍ନା ଦେଇଥିବା ବେଳେ ଓଡ଼ିଆ ଦାୟିତ୍ୱ ତୁଲାଇଛନ୍ତି ସରିତା ସାହୁ। ସୂଚନାଯୋଗ୍ୟ ଏହି ଫିଲ୍ମଟି ମଧ୍ୟ ଗୋଆ ଏବଂ କେରଳରେ ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଛି।

# ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ବ୍ୟସ୍ତ ଅଛନ୍ତି। କେହି କେହି ହୁଏତ ଭାବୁଥିବେ ଯେ, ସେ କୌଣସି ସିନେମାର ଶୁଟିଂକୁ ନେଇ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଏବେ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ତାହା ହେଲା କାହାଣୀ ଖୋଜିବା। ଶୁଣିବାକୁ ମିଳୁଛି ଯେ ବଲିଉଡ୍‌ର ଏକ ବଡ ବ୍ୟାନର ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତା'ସହ ସେ ଏହାର ଲିଡ୍ ରୋଲ୍‌ରେ ମଧ୍ୟ ଅଭିନୟ କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଏକଥା ସତ ଯେ ମୁଁ ଏବେ ଏକ କାହାଣୀ ସନ୍ଧାନରେ ରହିଛି। ଅସଲ କଥା ହେଲା, ବର୍ତ୍ତମାନ ସମାଜରେ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିରେ ଜଣେ ମହିଳାଙ୍କର ଭୂମିକା କ'ଣ ରହୁଛି ତାହା କଥାବସ୍ତୁର ମୁଖ୍ୟ ପ୍ରସଙ୍ଗ ରହିବ। ତେବେ ସେଭଳି ବିଷୟକୁ ନେଇ କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି ମିଶନ ଖୁବ୍ ଶୀଘ୍ର ଶେଷ ହେବ। ହେଲେ ଏ ବିଷୟରେ ସବିଶେଷ କଥା ଜାଣିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଏଣୁତେଣୁ ଅନେକ କଥା ଆଲୋଚନା ହେଉଛି। ହେଲେ ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏହା ସିନେମାର ରୂପ ନେଲେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିବି।'' ତେବେ ପ୍ରିୟଙ୍କା କିପରି କାହାଣୀଟିଏ ଚୟନ କରୁଛନ୍ତି ଆଉ ତାହା ସିନେମାର ରୂପ ନେବା ପରେ ଦର୍ଶକ କେତେ ପ୍ରଭାବିତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ Bhubaneswar, Thursday, March 26/ 2026






ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଅବସରରେ ପାରମ୍ପରିକ ସମରକଳା ପ୍ରଦର୍ଶନ।



ମହିଳା ୪୦୦ ମିଟର ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ସୁଖୀ ବାସ୍କି (ବାମରୁ ତୃତୀୟ)।

# ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର,୨୫।୩ (ଅନାଦି କର)

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶାର ଆଥଲେଟ୍‌ମାନେ ୨ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୯ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ପଦକ ତାଲିକାରେ ୪ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି। ପ୍ରତିଯୋଗିତାରେ ମୋଟ ୩୬ ଇଭେଣ୍ଟରେ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୧୩ ମହିଳାଙ୍କ ସମେତ ୩୩ ଆଥଲେଟ୍ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ସମରକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଲ୍ଡ ଆଥଲେଟିକ୍ସ ଉପ ସଭାପତି ଆଡିଲ ସୁମାରିୱାଲା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷ ଟ୍ରିପଲ ଜମ୍ପ: ନରେଶଙ୍କୁ ବ୍ରୋଞ୍ଜ୍

ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ଓଡ଼ିଶାର ନରେଶ ରୋହିଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ବୁଧବାର ଅନୁଷ୍ଠିତ ଫାଇନାଲରେ ୧୩.୯୨ ମିଟର ଦୂରତା ହାସଲକରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ନେଭିର ବିମଲ ମୁକେଶ ଥାମିଝ ୧୫.୪୧ ମି. ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାମିଲନାଡୁର ରବିନସନ ଏସ୍ (୧୪.୬୭ ମି.) ରୌପ୍ୟ ପଦକ ଅକ୍ତିଆର କରିଥିଲେ।





ପୁରୁଷ ୬୦ ମିଟର ଦୌଡ଼ ଇଭେଣ୍ଟରେ ଚାମ୍ପିୟନ ଗୁରିନ୍ଦରବୀର ସିଂ ଓ ରୌପ୍ୟ ପଦକ ବିଜୟୀ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ।

## ୨୦ ବର୍ଷରୁ କମ୍ ୩୦୦୦ ମି: ସ୍ୱର୍ଣ୍ଣ ଜିତିଲେ ଦୋଳମଣି

ଓଡ଼ିଶାର ଦୋଳମଣି ଚିରଗୁନ ୨୦ ବର୍ଷରୁ କମ୍ ପୁରୁଷ ୩୦୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଏହି ଇଭେଣ୍ଟକୁ ୮:୩୯.୧୩ ସେ. ଟାଇମିଂ ସହ ଫିନିଶ୍ କରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ କେରଳର ବିଟୋ ଯୋଶେଫ୍(୮:୪୦.୩୨ ସେ.) ରୌପ୍ୟ ପଦକ ଜିତିଛନ୍ତି।

## ନିରାଶ କଲେ ଅନିମେଶ, ଲାଲୁଙ୍କୁ ରେକର୍ଡ ସହ ରୌପ୍ୟ

**ପୁରୁଷ ୬୦ ମି. ଫାଇନାଲରେ ହାଇଡ୍ରାମା**

ଚାମ୍ପିୟନଶିପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୁରୁଷ ୬୦ ମିଟର ଦୌଡ଼ ଇଭେଣ୍ଟ ଫାଇନାଲରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ହୁଟର ବାଜିବା ପୂର୍ବରୁ ଦୌଡ଼ିବା ପାଇଁ ୩ ଧାବକଙ୍କୁ ଡିସ୍‌କ୍ୱାଲିଫାଏ କରାଯାଇଥିଲା। ଡିସ୍‌କ୍ୱାଲିଫାଏ ହୋଇଥିବା ଧାବକଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ତଥା ହୋମ୍ ଫେଭରାଇଟ୍ ଅନିମେଶ କୁଜୁର ରହିଥିଲେ। ତାଙ୍କ ପୂର୍ବରୁ ଓଡ଼ିଶାର ଦଣ୍ଡପତୀ ମୃତ୍ୟମ ଜୟରାମ ମଧ୍ୟ ଡିସ୍‌କ୍ୱାଲିଫାଏ ହୋଇଥିଲେ। ୩ ଧାବକ ଡିସ୍‌କ୍ୱାଲିଫାଏ ହେବାରୁ ୩ ପଦକ ଲାଗି ୫ ଧାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଓଡ଼ିଶାର ଲାଲୁ ପ୍ରସାଦ ୬.୬୫ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଥିବା ବେଳେ ରିଲାଏନ୍ସର ଗୁରିନ୍ଦରବୀର ସିଂ (୬.୬୦ ସେ.) ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଦୁହେଁ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ ଏହି ରେକର୍ଡ ଭିକେ ଏଲାକିଆଦାସନ(୬.୬୭ ସେ.)ଙ୍କ ନାମରେ ଥିଲା। ସେ ଏହି ରେକର୍ଡ ୨୦୨୨ରେ ନିଜ ନାମରେ କରିଥିଲେ।

## ମହିଳା ୪୦୦ ମି: ସୁଖୀଙ୍କୁ ରୌପ୍ୟ

ଓଡ଼ିଶାର ସୁଖୀ ବାସ୍କି ମହିଳା ୪୦୦ ମି. ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସେ ୫୫.୬୭ ସେ. ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉତ୍ତର ପ୍ରଦେଶର କୁମାରୀ ସଲୋନି ଏନ୍(୫୩.୭୩ ସେ.) ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୪୦୦ ମି. ଦୌଡ଼ରେ ଆର୍ଯ୍ୟନ ଏକ୍କା (୪୯.୮୫) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ୨୦ ବର୍ଷରୁ କମ୍ ମହିଳା ୪୦୦ ମି. ଇଭେଣ୍ଟରେ ଅର୍ପିତା ପ୍ରିୟଦର୍ଶନୀ (୧:୦୦.୪୮ ସେ.) ରୌପ୍ୟ ପଦକ ହାତେଇଛନ୍ତି।

## ସ୍ୱାଧୀନଙ୍କୁ ହାଇଜମ୍ପ ଟାଇଟଲ

ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଓଡ଼ିଶାର ସ୍ୱାଧୀନ କୁମାର ମାଝୀ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ପୁରୁଷ ହାଇଜମ୍ପ ଇଭେଣ୍ଟରେ ୨.୧୮ ମି. ଉଚ୍ଚତା କ୍ଲିୟର କରିଥିଲେ। ୨.୨୦ ମି. ଉଚ୍ଚତା କ୍ଲିୟର କରିବାରେ ବିଫଳ ହେବା ସତ୍ତ୍ୱେ ସେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଫେଭରାଇଟ ସର୍ବେଶ କୁଶାରେ(୨.୧୫ ମି.) ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼**

## ଓଡ଼ିଶାକୁ ସ୍ୱର୍ଣ୍ଣ ସହ ଦୁଇ ପଦକ

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ତଥା ବୁଧବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ ଇଭେଣ୍ଟରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶାର ମଳୟ ବାରିକ ସ୍ୱର୍ଣ୍ଣ ଓ ବାପି ହାଂସ୍‌ଦା ବ୍ରୋଞ୍ଜ୍ ପଦକ ଅକ୍ତିଆର କରିଛନ୍ତି। ମଳୟ ୪୮.୯୮ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷରେ ରହିଥିବା ବେଳେ ବାପି ୪୯.୨୭ ସେ.ରେ ରେସ୍ ଶେଷକରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏହା ବାପିଙ୍କ ଲାଗି କୌଣସି ଜାତୀୟସ୍ତରର ଇଭେଣ୍ଟରେ ପ୍ରଥମ ପଦକ। ଏହାପରେ ସେ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ରେ ୪୯.୨୭ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଛନ୍ତି।

## ଜଗନ୍ନାଥ ଖୁଣ୍ଟିଆ 'ମିଷ୍ଟର ଓଡ଼ିଶା ୨୦୨୬'



ମିଷ୍ଟର ଓଡ଼ିଶା ଜଗନ୍ନାଥ ଖୁଣ୍ଟିଆ (ବାମରୁ ଦ୍ୱିତୀୟ)।

ଭୁବନେଶ୍ୱର, ୨୫।୩ (ବିଜୟ ରଣା)

ବରଗଡ଼ ଜିଲା ଯଦୁମଣି ପ୍ରଧାନ ଅଡ଼ିଟୋରିୟମରେ ୨୨ତମ ସିନିୟର ପୁରୁଷ ଓ ମହିଳା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ ପ୍ରତିଯୋଗୀ ଯୋଗ ଦେଇଥିଲେ। ବରଗଡ଼ ସୁନ୍ଦରସ୍ୱାସ୍ଥ୍ୟ ସଂଘ ଓ ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଅୟୋଜିତ ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ଜଗନ୍ନାଥ ଖୁଣ୍ଟିଆ ଶ୍ରେଷ୍ଠ ବିବେଚିତ ହୋଇ 'ମିଷ୍ଟର ଓଡ଼ିଶା -୨୦୨୬ ବିବେଚିତ ହୋଇଥିଲେ। ଭୁବନେଶ୍ୱରର ରଶ୍ମୀରଞ୍ଜନ ସାହୁ ଉପବିଜେତା ହୋଇଥିଲେ। ଏତଦ୍‌ବ୍ୟତୀତ ୪୫ କେଜି ଓଜନ ବର୍ଗରେ ଗୁରୁଭା ସିଂ (ବାଲେଶ୍ୱର), ୬୦କେଜିରେ ଭୁବନେଶ୍ୱରର କିରଣ କୁମାର ଜେନା (୬୫କେଜି), ସେକ୍ ଜାଇନୁଲ (୭୦କେଜି), ରଞ୍ଜନ ନାୟକ (୭୫କେଜି), ପୁରୀର ଦିଲୀପ ବରାଳ ୮୦କେଜି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୮୫କେଜିରେ ଭୁବନେଶ୍ୱରର ଜଗନ୍ନାଥ, ୯୦କେଜିରେ ଗଞ୍ଜାମର ଜିତେନ୍ଦ୍ର କୁମାର ପଲାଇ, ୯୦କେଜିରୁ ଊର୍ଦ୍ଧ୍ୱ ବିଭାଗରେ ଭୁବନେଶ୍ୱରର ରଶ୍ମିରଞ୍ଜନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ବଡିବିଲ୍‌ଡିଂ ଆସୋସିଏଶନ ଦଳଗତ ଚାମ୍ପିୟନ ହୋଇଥିଲା। ପୁରୁଷ ବିଭାଗ ଫିଟ୍‌ନେସ ପ୍ରତିଯୋଗିତାରେ ନରହରି ସାହୁ ପ୍ରଥମ, କମ୍ ଉଚ୍ଚତା ବିଭାଗରେ ବଲାଙ୍ଗୀରର ହେମନ୍ତ କୁମାର କାଲସାଇ, ମାଷ୍ଟର୍ସ ବିଭାଗରେ ପ୍ରମୋଦ କୁମାର ସ୍ୱାଇଁ (ଭୁବନେଶ୍ୱର) ପ୍ରଥମ ହୋଇଛନ୍ତି।

**ଜାତୀୟ ପାରା ଫେନ୍ସିଂ**

## ପ୍ରଥମ ଦିନରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୩ ବ୍ରୋଞ୍ଜ

ଭୁବନେଶ୍ୱର, ୨୫।୩ (ଅନାଦି କର): ରାଜସ୍ଥାନର ଜୟପୁରସ୍ଥିତ ଏସ୍‌ଏମ୍‌ଏସ୍ ଇନ୍‌ଡୋର ଷ୍ଟାଡିୟମଠାରେ ଚାଲିଥିବା ଦ୍ୱିତୀୟ ଜାତୀୟ ପାରା ଫେନ୍ସିଂ ଚାମ୍ପିୟନଶିପ୍‌ର ପ୍ରଥମ ଦିନ ଓଡ଼ିଶାକୁ ୨ଟି ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ପୁରୁଷ ସାବ୍ରେ କାଟେଗୋରୀ ଏ'ରେ ପବିତ୍ର ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳାଙ୍କ ଫଏଲ କାଟେଗୋରୀ ଏ'ରେ କୁମାରୀ ମାଳତୀ ପାନୁରେ ହରିୟାଣାର ରେଖାଙ୍କୁ ୧୫-୬ ବ୍ୟବଧାନରେ ହରାଇ ପୋଡିୟମରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ସମାନ ଇଭେଣ୍ଟରେ ଶୀଳା ମନ୍ତ୍ରୀ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରିବା ସତ୍ତ୍ୱେ ସେମିଫାଇନାଲରେ କୁମାରୀ ମାଳତୀ ପାନୁରେଙ୍କଠାରୁ ୧୫-୨ ବ୍ୟଧାନରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ସାବ୍ରେ କାଟେଗୋରୀ ବି'ରେ ରୁଦ୍ର ନାରାୟଣ ବେହେରା ଓ ରାହୁଲ ମଲିକ ଜବରଦସ୍ତ ପ୍ରଦର୍ଶନ ବଳରେ ସେମିଫାଇନାଲରେ ପ୍ରବେଶ କରିଥିଲେ। ହେଲେ ସେମିଫାଇନାଲରେ ପରାଜୟ ଯୋଗୁ ଦୁହିଁଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି।

## ନିଶାନ୍ତଙ୍କ ଶତକ; ରୟାଲ କ୍ଲବ୍ ବିଜୟୀ

**ଓସିଏ କ୍ଲବ ଲିଗ୍**

କଟକ,୨୫।୩(କୁମାରଶ୍ରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ରେ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରୟାଲ କ୍ଲବ ୮ ଉଇକେଟରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ଟସ୍ ହାରିଥିବା ମଙ୍ଗଳା କ୍ଲବ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ଗୁରୁଦୀପନ ଜେନାଙ୍କ ୬୦ ରନ୍ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ରୟାଲ ପକ୍ଷରୁ ଶାନ୍ତନୁ ମିଶ୍ର ସର୍ବାଧିକ ୩ ଉଇକେଟ ଦଖଲ କରିଥିଲେ। ତେବେ ୨୩.୩ ଓଭରରେ ୨ ଉଇକେଟ ହରାଇ ରୟାଲ କ୍ଲବ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ନିଶାନ୍ତ କୁଶ୍‌ୱା ୫୯ ବଲ୍‌ରୁ ୧୪୪ ରନ୍‌ର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶାନ୍ତନୁ ୫୦ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୯ ଉଇକେଟରେ ରାଇଜିଂ ଷ୍ଟାର୍‌କୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର୍‌ର ଇନିଂସ୍ ୧୪୭ ରନ୍‌ରେ ସୀମିତ ରହିଥିଲା। ଜୁଭେନାଇଲ ପକ୍ଷରୁ ତରଣୀ ସ' ଏବଂ ସୁମିତ ଶର୍ମା ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାକେଶ ପଟ୍ଟନାୟକ ୩୬ ବଲ୍‌ରୁ ୮୯ ରନ୍ ସଂଗ୍ରହକରି ଜୁଭେନାଇଲକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ବାରବାଟୀ କଲ୍‌ଚରାଲ ୟୁନିୟନ ୮ ଉଇକେଟରେ ଟାଉନ କ୍ଲବ୍‌କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ୧୭୬ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭମ୍ ସାସ୍‌ମଲ ସର୍ବାଧିକ ୪୯ ରନ୍ କରିଥିଲେ। ବାରବାଟୀ କଲ୍‌ଚରାଲ ୟୁନିୟନ୍‌ର ଅନିରୁଦ୍ଧ ଶ୍ରୀବାସ୍ତବ ୨୨ ରନ୍ ବ୍ୟୟକରି ୫ଟି ଉଇକେଟ ଅକ୍ତିଆର କରିଥିଲେ। ମରୋଜୁ ପ୍ରଶାନ୍ତ(୩୭ ବଲ୍‌ରୁ ୮୭ ରନ୍) ଏବଂ ଜସ୍‌ମିତ ନୈନ(୨୦ବଲ୍, ୫୮ ରନ୍) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ୧୨.୫ ଓଭରରେ ବାରବାଟୀ କଲ୍‌ଚରାଲ ୟୁନିୟନ୍‌କୁ ଜିତାଇଥିଲେ। ୫ ଉଇକେଟ ସଫଳତା ପାଇଥିବା ଅନିରୁଦ୍ଧ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ବୁଧବାର ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୬ ଉଇକେଟରେ କିଶୋର କ୍ଲବ୍‌କୁ ହରାଇ ଦେଇଛି।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ନିଶାନ୍ତ କୁଶ୍‌ୱାଙ୍କୁ ପୁରସ୍କୃତ କରାଯାଉଛି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ